ବର୍ଷ-୯
ସଂଖ୍ୟା-୧୭୯
ତା-୨୦ ଅଗଷ୍ଟ ୨୦୨୨
ଶନିବାର, ପୃଷ୍ଠା-୮,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949


ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀଙ୍କ ଘରେ ସିବିଆଇ ଚଢାଉ; ୨୧ଟି ସ୍ଥାନରେ ରେଡ୍

PRAJABARTA
# ପ୍ରଜାବାର୍ତ୍ତା
ଦୈନିକ ଓଡିଆ ଖବର କାଗଜ // Odia Daily News Paper

Vol-9
Issue-179
Date:20, August 2022
Saturday, Page-8, Rs-2/-
POSTAL Regd.No.10120(K)/17/2018-21


ହୀରାକୁଦର ୨୦ ଟି ଗେଟ୍ ଖୋଲା

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

# ବାତ୍ୟା ଆଶଙ୍କା ନାହିଁ ୪ ଜିଲ୍ଲାକୁ ପ୍ରବଳ ବର୍ଷା

ଭୁବନେଶ୍ୱର, ୧୯ ଅଗଷ୍ଟ: ଗଭୀର ଅବପାତରେ ପରିଣତ ହୋଇଛି ଅବପାତ। ବର୍ତମାନ ଉତର-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ ସକ୍ରିୟ ରହିଛି। ଶୁକ୍ରବାର ଅପରାହ୍ନରେ ଅବପାତ ଘନୀଭୂତ ହୋଇ ଗଭୀର ଅବପାତ ରେ ପରିଣତ ହୋଇଛି । ଏହା ବାଲେଶ୍ୱର ଠାରୁ ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ୨୦୦ କିମି ଏବଂ ଦିଘା ଠାରୁ ପୂର୍ବ-ଦକ୍ଷଣ ପୂର୍ବ ଦିଗରେ ୧୪୦କିମି ଦୂରରେ ଉତର-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ କେନ୍ଦ୍ରୀଭୂତ ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାର ପ୍ରଭାବରେ ଆଜି ଉତର ଓଡିଶାର ଚାରୋଟି ଜିଲ୍ଲାରେ ଭାରୀ ବର୍ଷା ହେବାର ସମ୍ଭାବନା ଥିବାରୁ ବାଲେଶ୍ୱର, ଭଦ୍ରକ, ମୟୁରଭଂଜ ଓ କେନ୍ଦୁଝର ଜିଲ୍ଲା ପାଇଁ ରେଡ ୱାର୍ଣ୍ଣିଂ ଜାରୀ କରା ଯାଇଛି । ସେହିପରି ଓଡ଼ିଶାର ସମସ୍ତ ବନ୍ଦର ଗୁଡିକ ପାଇଁ ୩ ନମ୍ବର ବିପଦ ସଂକେତ ଜାରିହୋଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ କୁହା ଯାଇଛି ଯେ ଉତର ଓଡିଶାର ଚାରୋଟି ଜିଲ୍ଲାରେ ଆଜି ବର୍ଷାର ପ୍ରଭାବ ରହିବ । ସେହିପରି ଆସନ୍ତାକାଲି ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ । ଛତିଶଗଡ଼ରେ ମଧ ଅତିପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ।






## ପ୍ରଶାସନକୁ ସହଯୋଗ କରିବାକୁ ୪ ଜିଲ୍ଲାବାସୀଙ୍କୁ ଅପିଲ୍ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୯ ଅଗଷ୍ଟ – ସମ୍ଭାବ୍ୟ ପ୍ରବଳ ବର୍ଷା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତର ଓଡ଼ିଶାବାସୀଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଛନ୍ତି। କେନ୍ଦୁଝର, ମୟୂରଭଂଜ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାବାସୀଙ୍କ ନିକଟରେ ଅପିଲ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭୟଭୀତ ନହୋଇ ପ୍ରଶାସନର ନିର୍ଦ୍ଦେଶ ମାନନ୍ତୁ। ପ୍ରଶାସନକୁ ସହଯୋଗ କରନ୍ତୁ। ମୋ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ। ନିଜେ ସୁରକ୍ଷିତ ରହନ୍ତୁ ଓ ପରିବାରର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଜି ରାତିରୁ କେନ୍ଦୁଝର, ମୟୂରଭଂଜ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଭୟଭୀତ ନହୋଇ ପ୍ରଶାସନ ର ନିର୍ଦ୍ଦେଶ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ପ୍ରଶାସନକୁ ସହଯୋଗ କରନ୍ତୁ।

ଆଜି ପାଇଁ ଓଡ଼ିଶାକୁ ରେଡ୍ ୱାର୍ଣ୍ଣିଂ ଦିଆଯାଇଛି । ଆଜି ତଥା ୧୯ ତାରିଖରେ ଓଡ଼ିଶାରେ ସବୁଠାରୁ ଅଧିକ ବର୍ଷା ହେବ । ସେହିପରି ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏଗୁଡିକ ହେଲା କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର ଏବଂ ଯାଜପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ ରୁ ୨୦ ସେମି) ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଝାରସୁଗୁଡ଼ା, ବରଗଡ଼, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ଗଂଜାମ, ନୟାଗଡ଼, ଖୋର୍ଦ୍ଧା, ରାୟଗଡ଼ା, ଗଜପତି, ନବରଙ୍ଗପୁର, କୋରାପୁଟ, ମାଲକାନାଗିରି ଏବଂ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୦ ରୁ ୨୧ ତାରିଖ ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି) ହେବାକୁ ଥିବା ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ, ସମ୍ବଲପୁର, ବରଗଡ, ସୋନପୁର ଏବଂ ବଲାଙ୍ଗୀର ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧରେ ମୟୂରଭଂଜ, ଅନୁଗୁଳ, ବୌଦ୍ଧ, କଳାହାଣ୍ଡି, ନୂଆପଡ଼ା, ଢେଙ୍କାନାଳ ଏବଂ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ଥିବାରୁ ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ୨୦ ଓ ୨୧ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହେବ । ଏହାର ପ୍ରଭାବରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏହି ଲଘୁଚାପର ପ୍ରଭାବରେ ସମ୍ଭାବ୍ୟ ବୃଷ୍ଟିପାତକୁ ନଜରରେ ରଖି ହୀରାକୁଦ ଜଳଭଣ୍ଡାରର ଆଉ ୮ଟି ଗେଟ୍ ବନ୍ଦ କରାଯାଇଛି ।ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ପ୍ରଦୀପ ଜେନା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ହୀରାକୁଦର ୨୦ଟି ଗେଟ୍ ଖୋଲାରହିବ। ମୁଣ୍ଡଳୀ ସମେତ ସବୁ ସ୍ଥାନରେ ଜଳସ୍ତର କ୍ରମଶଃ ହ୍ରାସ ପାଉଛି । ବନ୍ୟା ଦ୍ୱାରା ୧୩ଟି ଜିଲ୍ଲାର ୭୧ଟି ବ୍ଲକ୍ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଥିରେ ୨୧୪୯ଟି ଗ୍ରାମ ପ୍ରଭାବିତ ହୋଇଛି। ରାଜ୍ୟରେ ୬୪୨ଟି ଗ୍ରାମ ଜଳଘେରରେ ରହିଥିବାବେଳେ ୩ ଲକ୍ଷ ୯୧ ହଜାର ୫୨୮ ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି ଏବଂ ପ୍ରାୟ ୬ ଲକ୍ଷ ୪୪ ହଜାର ୬୬୨ ଲୋକ ପ୍ରଭାବିତ ହୋଇଛନ୍ତି । ଏହିସବୁ ଅଂଚଳରେ ୨୨୭ ଟି ରିଲିଫ୍ କେନ୍ଦ୍ରରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି । ବନ୍ୟା ପ୍ରଭାବିତ ଅଂଚଳରେ ୨ ଲକ୍ଷ ୭୭ ହଜାର ବିଦ୍ୟୁତ ଉପୋଭକ୍ତା କ୍ଷତିଗ୍ରସ୍ତ ହୋଇଥିବାବେଳେ ବନ୍ୟାପାଣି କମିବାରୁ ସେଥିମଧ୍ୟରୁ ୨ ଲକ୍ଷ ୪୩ ହଜାର ଲୋକଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇଛି । ୩୩ କେଭି ୯ଟି ଫିଡର ଖରାପ ହୋଇଥିବାବେଳେ ୭ ଟିକୁ ଠିକ୍ କରିଦିଆଯାଇଛି । ୩୩/୧୧ କେଭି ସବ-ଷ୍ଟେସନ ୩୩ଟି ଅଚଳ ହୋଇପଡିଥିବାବେଳେ ୨୯ଟି ସଜଡା ଯାଇଛି । ୧୧ କେଭି ଫିଡର ୧୪୯ ଟିରୁ ୧୨୧ ଟିକୁ ଚାଲୁ କରାଯାଇଛି । ପ୍ରାଇମେରି ଟ୍ରାନ୍ସଫର୍ମର ୨୦ଟିରୁ ୧୭ଟି ଓ ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ୯୩୦୧ ରୁ ୭୮୩୩ ଟିକୁ ସଠିକ୍ କରିଦିଆଯାଇଛି। ଏହି ରିଷ୍ଟୋରେସନ୍ କାର୍ଯ୍ୟରେ ୧୮ ହଜାରରୁ ଅଧିକ ମାନବସମ୍ବଳ ନିୟୋଜିତ ଅଛନ୍ତି । ସେହିପରି ସ୍ୱାସ୍ଥ୍ୟ ବିଭାଗ ତରଫରୁ ବନ୍ୟାଂଚଳରେ ୧୫୯ଟି ମେଡିକାଲ ରିଲିଫ୍ କେନ୍ଦ୍ର ଖୋଲାଯାଇଥିବାବେଳେ, ୧୧୦ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଚିକିତ୍ସା ଟିମ୍ ମୁତୟନ କରାଯାଇଛି । ଗୋସମ୍ପଦର ସୁରକ୍ଷା ପାଇଁ ବନ୍ୟାଂଚଳରେ ୧୯୩ଟି ଭେଟେରିନାରୀ ଟିମ୍ ନିୟୋଜିତ ହୋଇଛନ୍ତି । ୨୮୫ଟି କ୍ୟାମ୍ପ ଆୟୋଜିତ ହୋଇଥିବାବେଳେ ପ୍ରାୟ ୧୦ ହଜାର ପଶୁଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଛି । ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ବର୍ଷା ସହ ପବନ ହେବାକୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ ବାରଣ କରାଯାଇଛି। ସମୁଦ୍ର ଓ ନଦୀକୁ ଯେଉଁମାନେ ମାଛ ଧରିବାକୁ ଯାଇଛନ୍ତି ସେମାନଙ୍କୁ ଫେରିଆସିବାକୁ କୁହାଯାଇଛି । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ମହାନଦୀ ଉପର ମୁଣ୍ଡରେ ଓ ଇବ୍ ନଦୀ ଅବବାହିକାରେ ଅଧିକ ବର୍ଷା ହୋଇପାରେ। ପାଣିପାଗ ଆକଳନ ଦୃଷ୍ଟିରୁ ବୈତରଣୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଓ ବ୍ରାହ୍ମଣୀ ନଦୀର ଜଳସ୍ତର ପ୍ରତି ନଜର ରଖାଯାଇଛି। ଭଦ୍ରକ ସହରର ସୁରକ୍ଷା ଦୃଷ୍ଟିରୁ ସାଳନ୍ଦୀ ନଦୀର ଜଳ ପ୍ରବାହ ଉପରେ ନଜର ରଖାଯାଇଛି । ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ପୁରୀ, ଯାଜପୁର ଜିଲ୍ଲାପାଳମାନଙ୍କୁ ସମ୍ଭାବ୍ୟ ଲଘୁଚାପ ଓ ତଦ୍‌ଜନିତ ବୃଷ୍ଟିପାତ ସମ୍ପର୍କରେ ସତର୍କ କରିଦିଆଯାଇଛି । ଆଜି ସ୍ୱତନ୍ତ୍ର ରିଲିଫ୍ କମିଶନର ଏହିସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବନ୍ୟାର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ୧୯ ତାରିଖ ସୁଦ୍ଧା ୧୪ଟି ଜିଲ୍ଲାକୁ ୧୬ଟି ଏନ୍‌ଡିଆରଏଫ୍ ଟିମ୍, ୧୫ଟି ଓଡ୍ରାଫ୍ ଟିମ୍ ଓ ଅତିରିକ୍ତ ୪୮ଟି ଫାୟାର ସର୍ଭିସ୍ ଟିମ୍, ମୋଟ ୭୯ଟି ଟିମ୍ ମୁତୟନ କରାଯାଇଛି ।

## ୩ ବର୍ଷରେ ୭ ବିପର୍ଯ୍ୟୟ



ଭୁବନେଶ୍ୱର,୧୯ ଅଗଷ୍ଟ: ଓଡ଼ିଶା ଏକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ୧୯୯୯ର ମହାବାତ୍ୟା ପରେ ଯଦିଓ କେତେକ ବିପର୍ଯ୍ୟୟ ରାଜ୍ୟରେ ଘଟିଛି, ସେଥିମଧ୍ୟରେ ୨୦୧୯ରେ ଏକ ବଡ଼ ବିପର୍ଯ୍ୟୟ ଫଣି ୧୪ଟି ଜିଲାକୁ ନଷ୍ଟଭ୍ରଷ୍ଟ କରିଥିଲା। ତେବେ ଗତ ୩ବର୍ଷରେ ରାଜ୍ୟରେ ୭ଟି ବିପର୍ଯ୍ୟୟର ମୁକାବିଲା କଲାଣି। ଏହା କହିଛନ୍ତି ସ୍ୱତନ୍ତ୍ର ରିଲିଫ ଆୟୁକ୍ତ ପ୍ରଦୀପ କୁମାର ଜେନା। ତଥ୍ୟ ଅନୁଯାୟୀ ୨୦୨୦ରେ 'ଅମ୍ଫନ' ବାତ୍ୟା ଯୋଗୁଁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଯାଜପୁରରେ ବ୍ୟାପକ ନଷ୍ଟ ହୋଇଥିବାବେଳେ ପରେ ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର ଏବଂ କଟକରେ ଅତ୍ୟଧିକ ବର୍ଷା ଓ ବନ୍ୟା ପାଇଁ ୧୨୭ଲକ୍ଷ ଟଙ୍କାର ଭିତ୍ତିଭୂମି ଓ ଫସଲ ନଷ୍ଟ ହୋଇଥିଲା। ୨୦୨୧ ମେ' ୨୮ରେ 'ୟସ' ବାତ୍ୟାରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା ଓ କେନ୍ଦୁଝରରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଉକ୍ତବର୍ଷ ଡିସେମ୍ବରରେ 'ଜୱାଦ' ବାତ୍ୟା ଆସିଥିଲା। ତେବେ ଚଳିତବର୍ଷ ମେ'ରେ 'ଅସାନୀ' ବାତ୍ୟା ଯୋଗୁଁ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହାରି ଭିତରେ ଗୋଟିଏ ବନ୍ୟା ଓ ଗୋଟିଏ ମରୁଡ଼ି ରାଜ୍ୟର ଅଧିକାଂଶ ଜିଲାକୁ ପ୍ରଭାବିତ କରିଥିଲା। ତେବେ ବାତ୍ୟା ମୁକାବିଲା ଲାଗି ରାଜ୍ୟରେ ୮୭୯ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ରହିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅର୍ଥ ବିନିଯୋଗ କରାଯାଇ ଆହୁରି ୫୫ଟି ଆଶ୍ରୟସ୍ଥଳ ନିର୍ମାଣ କରାଯିବାକୁ ରହିଛି।

## ଜୋରିମାନା ଆଦାୟ କରିପାରିବନି ପଲିସ୍



ଭୁବନେଶ୍ୱର ,୧୯ ଅଗଷ୍ଟ: ଏବେ ରାଜ୍ୟ ପୁଲିସ ମଟର ଗାଡିମାନଙ୍କରୁ ଜରିମାନା ଆଦାୟ କରିପାରିବେ ନାହିଁ । ଗତ ମାସରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ପୁଲିସକୁ ଆଗରୁ ଏହି କ୍ଷମତା ଦିଆଯାଇଥିଲା, ତାହା ପ୍ରତ୍ୟାହାର କରି ନିଆଯାଇଛି । ପୁଲିସ ଡିଜି ଏବଂ ପରିବହନ କମିଶନରଙ୍କୁ ଏହି ବିଷୟରେ ଜଣାଇ ଦିଆଯାଇଛି । କେବଳ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥର ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ସ୍ଥାନୀୟ ପୁଲିସ ଏବଂ ସହରାଞ୍ଚଳ ପୁଲିସ ଜରିମାନା ଆଦାୟ କରିପାରିବେ । ଏହି ବୈଠକରେ ବସ୍ ମାଲିକ ସଂଘ ପକ୍ଷରୁ ପୁଲିସ ବିଭିନ୍ନ ସ୍ଥାନରେ ଛିଡା ହୋଇ ଜରିମାନା ଆଦାୟ କରୁଥିବା ଅଭିଯୋଗ କରାଯାଇଥିଲା । ଏହା ସହ କାଗଜପତ୍ର ଯାଞ୍ଚ ଆଳରେ ପୁଲିସ କର୍ମଚାରୀ ବାରମ୍ବାର ହଇରାଣ କରୁଥିବା ଅଭିଯୋଗ ହୋଇଥିଲା । ବସ୍ କର୍ମଚାରୀ ଏବଂ ମୋଟର ଗାଡି କର୍ମଚାରୀମାନଙ୍କୁ ପୁଲିସ ଯାଞ୍ଚ ଆଳରେ ହଇରାଣ ଏବଂ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା । ଉଦ୍ଦେଶ୍ୟମୂଳକ ଭାବେ ପୁଲିସ ଚାଲାଣ ଏବଂ ଜରିମାନା ଆଦାୟ କରୁଥିବା ଅଭିଯୋଗ ହୋଇଛି । ୨୦୧୯ ମସିହାରେ ପରିବରନ ବିଭାଗ ପକ୍ଷରୁ ସ୍ଥାନୀୟ ପୁଲିସକୁ ଗାଡିମଟର କାଗଜପତ୍ର ଯାଞ୍ଚ ସହ ଜରିମାନା ଆଦାୟ କ୍ଷମତା ଦିଆଯାଇଥିଲା । ଯାହାକୁ ପ୍ରତ୍ୟାହାର କରାଯାଇଛି । ଏହାର ଦୁରୁପୋଯୋଗ ହେଉଥିବା ବସ୍ ମାଲିକ ସଂଘ ଅଭିଯୋଗ କରିବା ପରେ ଏହାକୁ ପ୍ରତ୍ୟାହର କରାଯାଇଛି । ଦିନରେ ସ୍ଲିପର କୋଚ୍ ବସ୍ ଚଳାଚଳ, ୧୫ ବର୍ଷରୁ ଅଧିକ ହୋଇଥିବା ବସ୍ ?କୁ ଆହୁରି ୫ ବର୍ଷ ପାଇଁ ଅସ୍ଥାୟୀ ଚଳାଚଳ ମଞ୍ଜୁରୀ, ରାଜପଥରେ ବସ୍ ବେ ନିର୍ମାଣ, ବସ୍ ଷ୍ଟାଣ୍ଡରେ ପାର୍କିଂ ଫି କୋହଳ ଦାବି ପୂରଣ କରାଯାଇଥିବା ସୂଚନା ମିଳିଛି ।

## ରୋଗୀଙ୍କୁ ସମ୍ମାନର ସହ ସେବା ଯୋଗାଅ

### ୫୫୦ ଲାବୋରାଟୋରୀ ଟେକ୍ନିସିଆନ୍‌ଙ୍କୁ ନିଯୁକ୍ତି





ଭୁବନେଶ୍ୱର,୧୯ ଅଗଷ୍ଟ: ଗଣତନ୍ତ୍ରର ଆତ୍ମା ହେଉଛନ୍ତି ଜନସାଧାରଣ । ଆମ ସରକାରରେ ସାଧାରଣ ଲୋକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦିଆଯାଏ । ଏଣୁ ରୋଗୀଙ୍କୁ ବୃତ୍ତିଗତ ଆଚରଣ ସହ ସେମାନଙ୍କୁ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନବ ନିଯୁକ୍ତ ଲାବୋରାଟୋରୀ ଟେକ୍ନିସିଆନ୍‌ଙ୍କ ଇଣ୍ଡକସନ୍ କାର୍ଯ୍ୟକ୍ରମରେ ଭର୍ଚୁଆଲ୍ ମାଧ୍ୟମରେ ଯୋଗ ଦେଇ ସେମାନଙ୍କ ନିଯୁକ୍ତି ନେଇ ଖୁସି ବ୍ୟକ୍ତ କରିଛନ୍ତି । ଗତ ମାସରେ ୫୧୦ଜଣ ମେଡିକାଲ ଅଧିକାରୀଙ୍କ ନିଯୁକ୍ତି ପରେ ଚଳିତ ମାସରେ ୫୫୦ ଜଣ ଲାବୋରାଟୋରୀ ଟେକ୍ନିସିଆନ୍‌ଙ୍କୁ ନିଯୁକ୍ତି ମିଳିଛି । ନୂଆ ଟେକ୍ନିସିଆନଙ୍କ ନିଯୁକ୍ତି ପରେ ଡାଇଗ୍ନୋସିସ୍ ମାନରେ ବୃଦ୍ଧି ଘଟିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ପ୍ରକଟ କରିଛନ୍ତି । ଏହା ସରକାରୀ ମେଡିକାଲ ସୁବିଧା ନେଇ ଲୋକେ ଅଧିକ ସନ୍ତୁଷ୍ଟି ପ୍ରକାଶ କରିବେ । ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଉପସ୍ଥିତ ଓ ୫-ଟି ସଚିବ ଭି.କେ ପାଣ୍ଡିଆନ୍ ଉପସ୍ଥିତ ଥିଲେ ।

## ବନ୍ୟା ପରିସ୍ଥିତିରେ ପ୍ରାଣୀଧନ ଚିକିତ୍ସା ଓ ଟୀକାକରଣରେ ୟୁଜର୍ସ ଫି ଛାଡ଼

ଭୁବନେଶ୍ୱର, ୧୯ ଅଗଷ୍ଟ – ସଂପ୍ରତି ରାଜ୍ୟର ବନ୍ୟା ପରିସ୍ଥିତିରେ ପ୍ରାଣୀଧନମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଭାବିତ ପ୍ରାଣୀସଂପଦର ଚିକିତ୍ସା ଓ ଟୀକାକରଣ ଆଦିକୁ ୟୁଜର୍ସ ଫି ଛାଡ଼ କରାଯାଇଛି । ଏ ସଂକ୍ରାନ୍ତରେ ପ୍ରସ୍ତାବକୁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅନୁମୋଦନ କରିଛନ୍ତି । ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ପ୍ରାଣୀ ଚିକିତ୍ସାଳୟ ଓ ବିଭାଗ ପକ୍ଷରୁ ଆୟୋଜିତ ପ୍ରାଣୀଧନ ଚିକିତ୍ସା ଶିବିରରେ ରିଲିଫ୍ ପଦକ୍ଷେପ ସ୍ୱରୂପ ୧୫ ଦିନ ପର୍ଯ୍ୟନ୍ତ ଏହି ୟୁଜର୍ସ ଫି ଛାଡ଼ କରାଯାଇଛି । ଅଗଷ୍ଟ ୧୬ ତାରିଖରୁ ୧୫ ଦିନ ପର୍ଯ୍ୟନ୍ତ ୟୁଜର୍ସ ଫି ଛାଡ଼ କରାଯାଇଛି । ପ୍ରାଣୀଧନମାନଙ୍କର ଚିକିତ୍ସା ନିମନ୍ତେ ଆବଶ୍ୟକ ହେଉଥିବା ରକ୍ତ, ମଳ ଆଦି ବିଭିନ୍ନ ପରୀକ୍ଷା ପାଇଁ ମଧ୍ୟ ୟୁଜର୍ସ ଫି ନିଆଯିବ ନାହିଁ । ଏଥି ସହିତ ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ପ୍ରାଣୀଧନମାନଙ୍କର ଚିକିତ୍ସା ଓ ଟୀକାକରଣ ନିମନ୍ତେ ବ୍ୟାପକ ମାଗଣା ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏତଦ୍ ବ୍ୟତୀତ ଏସ୍‌ଡ଼ିଆରଏଫ୍ ମାର୍ଗଦର୍ଶିକା ଅନୁସାରେ ଗୋପାଳନରେ ନିୟୋଜିତ ଚାଷୀମାନଙ୍କୁ ଗୋଖାଦ୍ୟ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ପ୍ରଭାବିତ ଅଂଚଳରେ ପ୍ରାଣୀଧନର ସୁରକ୍ଷା ଓ ତୁରନ୍ତ ଚିକିତ୍ସାକୁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଥିବା ପରିପ୍ରେକ୍ଷୀରେ କ୍ଷେତ୍ର ଅଧିକାରୀମାନଙ୍କୁ ଏ ଦିଗରେ ଜରୁରୀକାଳୀନ ପଦକ୍ଷେପ ନେବା ପାଇଁ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଜିଲ୍ଲାପାଳ ଓ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି।

## ମା ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଅର୍ପଣ ନିମନ୍ତେ ଶୁଭ ଲଗ୍ନ ସ୍ଥିର



ସମ୍ବଲପୁର, ୧୯ ଅଗଷ୍ଟ – ସମ୍ବଲପୁରର ବରହମପୁରା ମନ୍ଦିରରେ ନୂଆଖାଇ ପାଇଁ ଆଜି ଶୁଭ ଲଗ୍ନ ସ୍ଥିର ହୋଇଛି । ଭାଦ୍ରବ ଶୁକ୍ଳପକ୍ଷ ପଚଂମୀ ତିଥି ଗୁରୁବାର ତଥା ଇଂରାଜୀ ମାସ ସେପ୍ଟେମ୍ବର ୧ ତାରିଖ ଦିନ ୧୦ଟା ୫୬ରୁ ୧୧ଟା ୧୦ ମଧରେ ମା ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଅର୍ପଣ କରାଯିବ । ଏହାପରେ ଘରେ ଘରେ ପରିବାର ଲୋକେ ଏକାଠି ନୂଆ ଖାଇବାର ପରମ୍ପରା ରହିଛି।

### ଓଏସଡିଏର ଅଟୋଡେସ୍କ ଓ ମାଇକ୍ରୋସଫ୍ଟ ସହ ବୁଝାମଣାପତ୍ର ସ୍ୱାକ୍ଷର

# ଲୋକାର୍ପଣ ହେଲା ୩ଟି ଅନଲାଇନ ପୋର୍ଟାଲ

ଭୁବନେଶ୍ୱର, ୧୯ ଅଗଷ୍ଟ : ସ୍କିଲିଂ ଏବଂ ନିଯୁକ୍ତି କ୍ଷେତ୍ରରେ ଏକ ନବଦିଗନ୍ତ ପ୍ରଦାନ କରିବା ନେଇ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ବିଶ୍ୱର ଦୁଇଟି ଅଗ୍ରଣୀ ବୈଷୟିକ ସଂସ୍ଥା ସହିତ ଆଜି ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଏହି ଅବସରରେ ଦକ୍ଷତା ବିକାଶ ପଦକ୍ଷେପଗୁଡିକର ସେବା ବିତରଣରେ ଉନ୍ନତି ଆଣିବା ପାଇଁ ଓଏସ୍‌ଡିଏର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରିତୀରଞ୍ଜନ ଘଡେଇ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ,ହେମନ୍ତ ଶର୍ମା ଡିଜିଟାଲ, ଦକ୍ଷତା ଓ ନିଯୁକ୍ତି ସୂଚନା ବ୍ୟବସ୍ଥା ଏବଂ ପିଆଇଏ ପେମେଂଟ ଅଟୋମେସନ ଭଳି ତିନୋଟି ଅନଲାଇନ ପୋର୍ଟାଲକୁ ଲୋକାର୍ପଣ କରିଛନ୍ତି । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ଘଡେଇ କହିଛନ୍ତି ଯେ ଅଟୋଡେସ୍କ ଏବଂ ମାଇକ୍ରୋସଫ୍ଟ ସହ ସହଭାଗିତା ହେବା ଦ୍ୱାରା ଓଡିଶାରେ ବୈଷୟିକ ଶିକ୍ଷା ଏବଂ ଶିକ୍ଷାର ସ୍ତର ବୃଦ୍ଧି ହେବ । ସମଗ୍ର ରାଜ୍ୟରେ ଶିକ୍ଷାନୁଷ୍ଠାନ, ଛାତ୍ରଛାତ୍ରୀ ଏବଂ ପ୍ରଶିକ୍ଷକମାନେ ବିଶ୍ୱସ୍ତରୀୟ ସଫ୍ଟୱୟାର୍ ଶୀଘ୍ର ଏବଂ ସହଜରେ ପାଇପାରିବେ । ଏହାସହ ରାଜ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରଭାବଶାଳୀ ତାଲିମରେ ଉନ୍ନତି ଆଣିବା ନିମନ୍ତେ ଏହି ପୋର୍ଟାଲର ଉନ୍ମୋଚନ କରାଯାଇଛି । ଥ୍ରିଡି ଡିଜାଇନ୍, ଇଞ୍ଜିନିୟରିଂ ଏବଂ ମନୋରଞ୍ଜନ ସଫଟୱୟାର ବିକାଶରେ ବିଶେଷଜ୍ଞ ଥିବା ଅଟୋଡେସ୍କ ସହିତ ଏକ ଏମଓୟୁ ଆଜି ସ୍ୱାକ୍ଷରିତ ହୋଇଛି । ୱାର୍ଲ୍ଡ ସ୍କିଲ ସେଂଟରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଏସଡିଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରେଘୁ ଜି ଏବଂ ଆପାକ୍ ର ନିର୍ଦ୍ଦେଶକ କନ୍‌ଓ୍ୱେଗୋ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି । ଅଟୋଡେସ୍କ ଏବଂ ମାଇକ୍ରୋସଫ୍ଟର ସହଯୋଗ ଦ୍ୱାରା ଇଞ୍ଜିନିୟରିଂ କ୍ଷେତ୍ରରେ ଅନ୍ତର୍ଜାତୀୟ ମାନଦଣ୍ଡ ପୂରଣ କରିବା ପାଇଁ ରାଜ୍ୟର ଛାତ୍ରଛାତ୍ରୀ ଏବଂ ଯୁବକଯୁବତୀମାନଙ୍କ ନିମନ୍ତେ ଏକ ବଡ଼ ସୁଯୋଗ ସୃଷ୍ଟି କରିବ, ଯାହା ସେମାନଙ୍କୁ ବିଶ୍ୱସ୍ତରୀୟ ନିଯୁକ୍ତି ପାଇବାରେ ଏକ ପ୍ରତିଯୋଗିତାମୂଳକ ସୁଯୋଗ ପ୍ରଦାନ କରିବ । ସ୍ନାତକୋତର, ଧନ୍ଦାମୂଳକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ନିଯୁକ୍ତି ଆଶାୟୀଙ୍କୁ ଡିଜିଟାଲ ସ୍କିଲିଂ କାର୍ଯ୍ୟକ୍ରମ ମାଧ୍ୟମରେ ସଶକ୍ତିକରଣ ନିମନ୍ତେ ଓଏସଡିଏ ଏବଂ ମାଇକ୍ରୋସଫ୍ଟ ମଧ୍ୟରେ ଆଉ ଏକ ବୁଝାମଣା ହୋଇଯାଇଛି । ଯାହା ଦ୍ୱାରା ଯୁବଗୋଷ୍ଠୀ ପ୍ରଯୁକ୍ତି କ୍ଷେତ୍ରରେ ବୃତ୍ତି ଆପଣେଇବାର ସୁଯୋଗ ପାଇପାରିବେ । ରାଜ୍ୟର ୫୦ ହଜାରରୁ ଅଧିକ ଯୁବକଯୁବତୀଙ୍କୁ ଡିଜିଟାଲ ସ୍କିଲିଂ କ୍ଷେତ୍ରରେ ପ୍ରଶିକ୍ଷଣ ସହ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଓଏସଡିଏ, ମାଇକ୍ରୋସଫ୍ଟ ଓ ଏହାର ଅଣଲାଭକାରୀ ସହଯୋଗୀଙ୍କ ସହ ତିନୋଟି ବୁଝାମଣା କରିଛି । ଅଟୋଡେସ୍କ ସହ ସହଭାଗୀତା ଦ୍ୱାରା ଓଡିଶାର ଯାନ୍ତ୍ରିକ ମହାବିଦ୍ୟାଳୟ, ଆଇଟିଆଇ, ପଲିଟେକ୍‌ନିକ୍ ଏବଂ ଧନ୍ଦାମୂଳକ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କ ପାଇଁ ଡିଜାଇନ୍ ଏବଂ ଇଞ୍ଜିନିୟରିଂ ବିଷୟଗୁଡ଼ିକୁ ଉପଲବ୍ଧ ହେବ । ବିଶେଷତଃ ଏହା ଦ୍ୱାରା ପ୍ରାୟ ୭୫,୦୦୦ ଛାତ୍ରଛାତ୍ରୀ ଅଟୋଡେସ୍କ ଫ୍ୟୁଜନ୍ ଏବଂ ଜେନେରେଟିଭ୍ ଡିଜାଇନ୍ ଟେକ୍ନୋଲୋଜିକୁ ବ୍ୟବହାର କରିପାରିବେ,ଏହା ନିର୍ମାଣ କ୍ଷେତ୍ରରେ କୌଶଳ ବ୍ୟବଧାନକୁ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ଭବିଷ୍ୟତର କାର୍ଯ୍ୟଶୈଳୀ ନିମନ୍ତେ କୌଶଳ ଏବଂ ଉତ୍ସ ଯୋଗାଇବ । ଓଏସଡିଏ ଏବଂ ମାଇକ୍ରୋସଫ୍ଟର ଏହି ସହଭାଗିତା ମାଧ୍ୟମରେ, ମାଇକ୍ରୋସଫ୍ଟ ଏବଂ ଏହାର ଅଂଶୀଦାରମାନେ ମୌଳିକ ଭିତ୍ତିଭୂମି ଏବଂ ଉନ୍ନତ ଡିଜିଟାଲ୍ ସ୍କିଲିଂକୁ ସମାଜର ପଛୁଆବର୍ଗର ଯୁବକଯୁବତୀ ଏବଂ ନିଯୁକ୍ତି ଆଶାୟୀଙ୍କ ପାଇଁ ଉପଲବ୍ଧ କରାଇବେ । ଡିଜିଟାଲ ସ୍କିଲିଂ ମାଧ୍ୟମରେ ଏହା ଓଡିଶା ସରକାରଙ୍କ ବିଭିନ୍ନ ବିଭାଗରେ ଡିଜିଟାଲ ରୂପାନ୍ତର ପ୍ରକଳ୍ପ ବ୍ୟତୀତ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ ହେବାରେ ସରକାରଙ୍କୁ ସହଯୋଗ କରିବ । ଡିଜିଟାଲ ପୋର୍ଟାଲ ମାଧ୍ୟମରେ ସ୍କିଲ ପ୍ରଦାନକାରୀ ସଂସ୍ଥା ପ୍ରଶିକ୍ଷାର୍ଥୀମାନଙ୍କ ସହ ସଂଯୁକ୍ତ ହୋଇପାରିବେ । ଏହା ଓକାକ୍ ଏବଂ ଏହାର ସହଯୋଗୀ ସିଏସଏମ ଟେକ୍ନୋଲୋଜି ସହାୟତାରେ କାର୍ଯ୍ୟକାରୀ ହେଉଛି । ଦକ୍ଷତା ଓ ନିଯୁକ୍ତି ସୂଚନା ବ୍ୟବସ୍ଥା ପୋର୍ଟାଲ ନିଯୁକ୍ତିଦାତା ଏବଂ ନିଯୁକ୍ତି ଆଶାୟୀଙ୍କୁ ସହାୟତା ପ୍ରଦାନ କରିବ । ଏହା ଓକାକ୍ ଏବଂ ଏହାର ସହଯୋଗୀ ଇଏସ୍‌ଡିଏସ୍ ର ସହାୟତାରେ କାର୍ଯ୍ୟକାରୀ ହେଉଛି । ପିଆଇଏ ପେମେଂଟ ଅଟୋମେସନ୍ ପୋର୍ଟାଲ୍ ମାଧ୍ୟମରେ ପିଆଇଏମାନଙ୍କର ବିଲଗୁଡ଼ିକରେ ସ୍ୱଚ୍ଛତା ରହିବ ଏବଂ ସେମାନେ ଠିକ ସମୟରେ ସେବା ପାଇପାରିବେ । ଏନ୍‌ଆଇସିର ସହଯୋଗରେ ଏହି ପୋର୍ଟାଲ କାର୍ଯ୍ୟକାରୀ କରୁଛି ।

## କେନ୍ଦ୍ରାପଡ଼ାରେ ବନ୍ୟା ବିଭୀଷିକା
## ବନ୍ୟା ଆଁରେ ୮୨ଗାଁ



କେନ୍ଦ୍ରାପଡ଼ା : ମହାନଦୀ ଓ ଏହାର ଶାଖା ନଦୀରେ ବନ୍ୟା କେନ୍ଦ୍ରାପଡ଼ା ଜିଲ୍ଲାରେ ସଙ୍ଗିନ ପରିସ୍ଥିତି ସୃଷ୍ଟି କରିଛି। ଜିଲ୍ଲାର ୯ରୁ ୭ଟି ବ୍ଲକ୍ ପ୍ରଭାବିତ ହୋଇଛି। ସବୁଠୁ ଅଧିକ ପ୍ରଭାବିତ ଗରଦପୁର, ମାର୍ଶାଘାଇ ବ୍ଲକ୍‌ହୋଇଥିବା ବେଳେ ଡେରାବିଶ ଏବଂ ମହାକାଳପଡ଼ାରେ ବନ୍ୟା ପ୍ରଭାବ ଆଂଶିକ ରହିଛି। ଆଜି ସୁଦ୍ଧା ପାଖାପାଖି ୯୦ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ୨୧ଟି କଚ୍ଚା ଘର ଆଂଶିକ ନଷ୍ଟ ହେଇଥିବା ଜିଲ୍ଲା ପ୍ରଶାସନ ତାର ରିପୋର୍ଟରେ ଦର୍ଶାଇଛି। ହେଲେ ସବୁଠୁ ଉଦ୍‌ବେଗର ବିଷୟ ହୋଇଛି ଯେ ବିପନ୍ନଙ୍କ ପାଖେ ପ୍ରଶାସନର ରନ୍ଧା ଖାଦ୍ୟ ତ ଦୂରର କଥା, ଶୁଖିଲା ଖାଦ୍ୟ ବି ପହଞ୍ଚି ପାରିନାହିଁ। ହଜାର ହଜାର ଗାଈଗୋରୁ ବି ଗଲା ଦୁଇ ଦିନ ହେବ ଭୋକ ଉପାସରେ ପଡ଼ିବା ଘଟଣା ପ୍ରଶାସନର ବନ୍ୟା ମୁକାବିଲାର ବିଫଳତାକୁ ସୂଚାଉଛି। ପ୍ରଶାସନର ତଥ୍ୟ ଅନୁଯାୟୀ, ଚଳିତ ବନ୍ୟାରେ ଜିଲ୍ଲାର ୭ଟି ବ୍ଲକ୍ ମାର୍ଶାଘାଇ, ଗରଦପୁର, ଡେରାବିଶ, ରାଜକନିକା, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ଅଞ୍ଚଳର ୩୪ଟି ପଞ୍ଚାୟତର ୮୬ଟି ଗ୍ରାମର ୮୯ହଜାର ୯୮୩ଲୋକ ପ୍ରଭାବିତ ହୋଇଛନ୍ତି। ସେଥିରୁ ୮୨ଟି ଗାଁ ଜଳବନ୍ଦି ଅବସ୍ଥାରେ ରହିଥିବା ବେଳେ ଆଜି ସୁଦ୍ଧା ୫ହଜାର ୩୬୯ବିପନ୍ନଙ୍କୁ ସ୍ଥାନାନ୍ତର କରାଯାଇଛି। ହେଲେ ଯେଉଁ ଅବ୍ୟବସ୍ଥାଟି ଚାରିଆଡୁ ସାମ୍ନାକୁ ଆସିଛି, ତାହା ହେଉଛି ରନ୍ଧା ଖାଦ୍ୟ। ପ୍ରଶାସନ ଏଯାଏ ସବୁ ବିପନ୍ନ ପାଖେ ରନ୍ଧା ଖାଦ୍ୟ ପହଞ୍ଚାଇ ପାରିନାହିଁ। ଯେଉଁମାନେ ଘରଦ୍ୱାର ଛାଡ଼ି ଆଶ୍ରୟସ୍ଥଳକୁ ଆସୁଛନ୍ତି, ସେମାନଙ୍କୁ ଖାଦ୍ୟ ଦିଆଯାଉଥିବା ବେଳେ ଘରେ ଛାତ ଉପରେ ରହୁଥିବା ବିପନ୍ନଙ୍କୁ ଏହି ସୁବିଧା ଦିଆଯାଉନାହିଁ। ପ୍ରଶାସନ ଘରେ ଖାଦ୍ୟ ପହଞ୍ଚାଇବା ବ୍ୟବସ୍ଥା କରାଯାଇନଥିବା କହୁଥିବାରୁ ଏଭଳି ପରିସ୍ଥିତି ଉପୁଜିଛି।

## ଉଦ୍ୟୋଗୀ ଓ କୌଶଳ ବିକାଶ ତାଲିମ୍ ଶିବିର

ମାଲକାନଗିରି, ୧୯ ଅଗଷ୍ଟ (ହି.ସ.)- ଭାରତ ସରକାର ସୂକ୍ଷ୍ମ ଲଘୁ ମାଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଓ ଗୁରପ୍ରିୟା ଉତ୍ପାଦକ ଗୋଷ୍ଠି ପୋଡଭଟା ମିଳିତ ଆନୁକୂଲ୍ୟରେ ପୋଡଭଟା ଗ୍ରାମରେ ଉଦ୍ୟୋଗୀ ଓ କୌଶଳ ବିକାଶ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ ଉକ୍ତ ତାଲିମ ଶିବିରରେ ଉଦ୍ୟୋଗୀ ବିକାଶ ଓ ମହିଳା ସଶକ୍ତିକରଣ ପାଇଁ ବାଣିଜ୍ୟ ବ୍ୟାପାର ସମ୍ବନ୍ଧିତ କୌଶଳ ତାଲିମ୍ ପ୍ରଦାନ କରିଥିଲେ । ଶିବିରରେ ଯୁବ ମହିଳା ମାନେ ଉଦ୍ୟୋଗୀ ତାଲିମ୍ ନେଇଥିଲେ । ଏହା ବ୍ୟତିତ ଅମୃତ ମହୋତ୍ସବ ପାଳନ ଅବସରରେ ଏକ ରାଲି ଓ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ସମାରି ମୁଦୁଲି, ଲଳିତା ଗୋଲରୀ, ବାସନ୍ତୀ ଗାଡେଲ, ଗୁରୁବାରୀ ମୋଡି ଭାରତର ୭୫ ବର୍ଷ ପୂର୍ତ୍ତି ଅବସରରେ ତ୍ରିରଙ୍ଗା ପତାକାଧରି ବନ୍ଦେ ମାତାରାମ୍ ଧ୍ୱନି ଗାନ କରିଥିଲେ ।

## ଜନ୍ମାଷ୍ଟମୀ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧ ଦିବସ ପାଳନ, ଚକାପାଦ ଓ ଜଳେଶପଟ୍ଟାରେ କଡ଼ା ସୁରକ୍ଷା ବ୍ୟବସ୍ଥା

କନ୍ଧମାଳ, ୧୯ ଅଗଷ୍ଟ (ହି.ସ.)- ଆଜି ପବିତ୍ର ଜନ୍ମାଷ୍ଟମୀ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ତିରୋଧାନ ଦିବସ। ଠିକ ଆଜିକୁ ଚଉଦ ବର୍ଷ ତଳେ ତୁମୁଡିବନ୍ଧ ଜଳେଶପଟା ଆଶ୍ରମ ପରିସରରେ ଧୁମ ଧାମରେ ଜନ୍ମାଷ୍ଟମୀ ପୂଜା ଚାଲିଥିବା ବେଳେ ଦୁର୍ବୁତମାନେ ପଶି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସମେତ ୫ ଜଣଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ । ଫଳରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ତୁମୁଡିବନ୍ଧର ଜଳେଶପଟା ଓ ଚକାପାଦ ଆଶ୍ରମରେ ଜନ୍ମାଷ୍ଟମୀ ପୂଜା ଓ ସ୍ୱାମିଜୀଙ୍କ ଶ୍ରାଦ୍ଧ ଦିବସ ଭାବେ ପାଳନ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି । ଆଜି କଡ଼ା ସୁରକ୍ଷା ମଧ୍ୟରେ କନ୍ଧମାଳ ଜିଲାର ଚକାପାଦ ଓ ଜଳେସପଟା ଆଶ୍ରମରେ ପବିତ୍ର ଜନ୍ମାଷ୍ଟମୀ ପୂଜା ଓ ସ୍ୱାମୀଜିଙ୍କ ଶ୍ରାଦ୍ଧ ଦିବସ ପାଳନ ହେଉଛି। ଆଜି ଗୁରୁବାର ଚକାପାଦ ଆଶ୍ରମରେ ସକାଳୁ ସକାଳୁ କଳସ ଶୋଭାଯାତ୍ରା ପରେ ଗୋପୁଜନ, ନାମ ସଂକିର୍ତନ, ନଗର ପରିକ୍ରମା, ପୂଜାର୍ଚନା, ଯଜ୍ଞ ଚାଲିଥିବା ବେଳେ ଦୁଇଟାରେ ଅନ୍ନ ଯଜ୍ଞ ଓ ଅପରାହ୍ନରେ ଶ୍ରଦ୍ଧାଞ୍ଜଳି ସଭା ଆଦି କରାଯିବ ବୋଲି ଚକାପାଦ ଆଶ୍ରମର ପରିଚାଳକ କୃଷ୍ଣା ନନ୍ଦ ସରସ୍ୱତୀ କହିଛନ୍ତି । ସୁରକ୍ଷାକୁ ଦୃଷ୍ଟିରେ ରଖି ଚକାପାଦ ଓ ଜଳେଶପଟ୍ଟାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଚକାପାଦରେ ଅତିରିକ୍ତ ଏସପି ଓ ଜି. ଉଦୟଗିରି ଏସଡିପିଓଙ୍କ ତତ୍ତ୍ୱାବଧାନରେ ପୋଲିସ ଇନସପେକଟରଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ନେଇ ଡେପୁଟି ଏସପି ନିରଞ୍ଜନ ପାଢ଼ୀ କହିଛନ୍ତି । ତେବେ ସ୍ୱାମୀ ଲକ୍ଷ୍ମଣା ନନ୍ଦଙ୍କ ସମେତ ୫ ଜଣଙ୍କୁ ହତ୍ୟା ମାମଲାରେ ଜଡିତ ମୋଟ ୧୦ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୯ ଜଣ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ସେହିପରି କନ୍ଧମାଳ ଦଙ୍ଗା ଘଟଣାରେ ୬୩୧୯ଟି ମାମଲା ରୁଜୁ ହୋଇଥିଲା। ସେଥିରୁ ୧୧୩ଟି ମାମଲାରେ ୪୦୩ ଜଣ ଅଭିଯୁକ୍ତ ଦଣ୍ଡିତ ହୋଇଥିବାବେଳେ ୫ ହଜାର ଅଭିଯୁକ୍ତ ଖଲାସ ହେଇଥିଲେ। ତେବେ ସ୍ୱାମୀଜୀଙ୍କ ମୁଖ୍ୟ ହତ୍ୟାକାରୀଙ୍କୁ ଏଯାଏ ଗିରଫ କରାଯାଇନଥିବା ବିଶ୍ୱ ହିନ୍ଦୁ ପରିଷଦ ଅଭିଯୋଗ କରିଛି।

## ଗ୍ରାମବାସୀ ବୃଦ୍ଧାଙ୍କ ଶବ ନଛୁଇଁବା ଘଟଣା : ଗାଁରେ ପହଂଚିଲା ପ୍ରଶାସନ



ଜୟପୁର, ୧୯ ଅଗଷ୍ଟ (ହି.ସ.) - ଜୟପୁର ବ୍ଲକ ଅନ୍ତର୍ଗତ ବୈରାଗିମଠ ଗ୍ରାମରେ ଜଣେ ବୃଦ୍ଧା ମୁକ୍ତା ପରଜାଙ୍କ ମୃତ୍ୟୁ ପରେ ଗ୍ରାମବାସୀମାନେ ଶବ ଛୁଇଁ ନଥିଲେ । ବୃଦ୍ଧାଙ୍କ ପୁଅ ଅନ୍ୟ ଜାତିର ଘରେ ଖାଇଥିବାରୁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ବୃଦ୍ଧାଙ୍କ ମୃତ୍ୟୁ ହେବାରୁ ଗ୍ରାମବାସୀ ମାନେ କାନ୍ଧ ଦେବାକୁ ଆସିନଥିଲେ । ଫଳରେ ତାଙ୍କ ପୁଅ ଓ ବୋହୂ ମୃତ ଦେହକୁ ଘୋଷାଡି ଘୋଷାଡି ଶ୍ମଶାନକୁ ନେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଆଜି ପ୍ରଶାସନ ସମ୍ପୃକ୍ତ ଗ୍ରାମରେ ପହଂଚିଛି। ଜୟପୁର ବିଡିଓ ସୁରଜ କୁମାର ପଟ୍ଟନାୟକ ପହଂଚି ସମସ୍ତ ବିଷୟ ଆଲୋଚନା କରିଛନ୍ତି । ହରିଶ୍ଚନ୍ଦ୍ର ଯୋଜନାରେ ୫ ହଜାର ଟଙ୍କା ମୃତ ମୁକ୍ତାଙ୍କ ପୁଅ ମଙ୍ଗଳାକୁ ପ୍ରଦାନ କରିଛନ୍ତି । ଏଥିସହ ଜାତିରେ ମିଶେଇବା ପାଇ ଉଦ୍ୟମ କରାଯିବ ବୋଲି ବିଡିଓ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ତ୍ରିରଙ୍ଗା ଉତ୍ତୋଳନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଖୋରଧା, ୧୯/ ୦୮ ( ନି.ପ୍ର): ସ୍ୱାଧିନତାର ୭୫ ବର୍ଷ ଉପଲକ୍ଷେ "ଆଜାଦୀକା ଅମୃତ ମହୋତ୍ସବ" ଅବସରରେ, "ଉଦ୍ଧର ଖୋର୍ଦ୍ଧା ସାଂସ୍କୃତିକ ମହାମିଳନ ସମିତି ତରଫରୁ, ସମିତିର ନିର୍ମାଣଧିନ ମଣ୍ଡପ, ବିଙ୍କୁଡିଆ ଠାରେ ସ୍ୱାଧିନତା ଦିବସର ତ୍ରିରଙ୍ଗା ପତାକା ମଲ୍ଲିପୁର ଗ୍ରାମ ପଂଚାୟତର ସମିତି ସଭ୍ୟା ଶ୍ରୀମତୀ ଲିଲି ବେହେରା, ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମିତିର ସମସ୍ତ ସଭ୍ୟ/ସଭ୍ୟା ଉପସ୍ଥିତ ରହି ପତାକା ଉତ୍ତୋଳନ କରିବା ପରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। ଏହି ପବିତ୍ର ଦିବସରେ ସମିତିର ସଭାପତି ହୃଷିକେଶ ଲେଙ୍କା, ସମ୍ପାଦକ ରତ୍ନାକାର ସାହୁ ଏବଂ ବରିଷ୍ଠ ସଦସ୍ୟ ନରେନ୍ଦ୍ର କୁମାର ଭଞ୍ଜ, ସମରେନ୍ଦ୍ରନାଥ ଶତପଥି ଓ ଶ୍ରୀକାନ୍ତ ନାରାୟଣ ଭଞ୍ଜ ଉପସ୍ଥିତ ରହି ମହୋତ୍ସବର କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ।

## ଆଜାଦୀ କା ଅମୃତ ମହୋତ୍ସବ ଅବସରରେ କେନ୍ଦୁଝର ଜେଲରୁ ଖଲାସ ହେଲେ ୪କଏଦୀ




କେନ୍ଦୁଝର: ଦେଶ ସ୍ୱାଧିନତାର ୭୫ ବର୍ଷ ପୂର୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ କେନ୍ଦୁଝର ଜିଲ୍ଲା କାରାଗାରରୁ ଅଗଷ୍ଟ ୧୫ ରେ ୪ ଜଣ କଏଦୀ ଖଲାସ ହୋଇଛନ୍ତି। ୭୫ ତମ ସ୍ୱାଧିନତା ଦିବସରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜେଲ କର୍ତୃପକ୍ଷ ଅଗଷ୍ଟ ୧୫ ତାରିଖ ଦିନ ସେମାନଙ୍କୁ ଜେଲରୁ ମୁକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ଆଇନ ବିଭାଗ ଚିଠି ନମ୍ବର ୮୯୫୧ କ୍ରମେ ସଜା କାଟୁଥିବା ୪ ଜଣ କଏଦୀଙ୍କୁ ଛଡାଯାଇଛି। ସୂଚନା ମୁତାବକ ସମଗ୍ର ରାଜ୍ୟରେ ମୋଟ ୧୯ ଜଣ କଏଦୀଙ୍କୁ ଖଲାସ କରାଯାଇଛି। ସେ ମଧ୍ୟରୁ ସର୍ବାଧିକ ୬ ଜଣ ବ୍ରହ୍ମପୁର ଜେଲରୁ କଏଦୀ ଖଲାସ ହୋଇଥିବା ବେଳେ କେନ୍ଦୁଝର ଜେଲରୁ ୪ ଜଣ ସ୍ୱଳ୍ପମିଆଦି ୧୦ ବର୍ଷରୁ କମ୍ ସଜାଥିବା କଏଦୀଙ୍କୁ ଖଲାସ କରାଯାଇଛି। ୪ ଜଣଙ୍କ ମଧ୍ୟରୁ ୨ ଜଣ ହତ୍ୟା ଉଦ୍ୟମ, ଜଣେ ଅପହରଣ ଏବଂ ଆଉ ଜଣେ ଦୁର୍ଘଟଣାଜନିତ ହତ୍ୟାରେ ସାମିଲ ଥିବା ଅଭିଯୋଗରେ ଦଣ୍ଡିତ ହୋଇଥିଲେ। ସେମାନେ ହେଲେ ବିଷ୍ଣୁଚରଣ ମହାନ୍ତ ଘର ବାରିଆ ଥାନା ଅନ୍ତର୍ଗତ ରେଙ୍ଗାଲବେଡା ଗ୍ରାମରେ, ରାମ ମୁଣ୍ଡାଙ୍କ ଘର ପଣ୍ଡାପଡା ଥାନା ଅନ୍ତର୍ଗତ ଅସନବାହାଳି ଗ୍ରାମରେ, ବଳରାମ ମୁଣ୍ଡାଙ୍କ ଘର ବାମେବାରୀ ଥାନା ଅନ୍ତର୍ଗତ କମଳପୁର ଗ୍ରାମରେ ଏବଂ ଶ୍ରୀଧର ନାୟକଙ୍କ ଘର ପଣ୍ଡାପଡା ଥାନା ଅନ୍ତର୍ଗତ ଅସନବାହାଳି ଗ୍ରାମରେ ବୋଲି ଜଣାପଡିଛି। ଯେଉଁ କଏଦୀମାନଙ୍କ ଜେଲରେ ଦଣ୍ଡ ଅବଧି ୧୦ ବର୍ଷରୁ କମ୍ ଏବଂ ସେମାନଙ୍କ ଆଚରଣ ଏବଂ ସ୍ୱଭାବରେ ପରିବର୍ତନ ଆସିଛି, ସେଭଳି କଏଦୀଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ଜେଲ ଡିଜି ଙ୍କ ନିକଟରେ ଦାଖଲ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟି ଏହାର ବିଚାର କରି ରାଜ୍ୟର ବିଭିନ୍ନ ଜେଲରେ ଥିବା ୧୯ ଜଣ କଏଦଙ୍କୁ ଖଲାସ ପାଇଁ ନିଷ୍ପତି ନେଇଥିଲେ। ସେଥିମଧ୍ୟରୁ କେନ୍ଦୁଝର ଜିଲ୍ଲା କାରାଗାର ରୁ ୪ ଜଣ କଏଦୀ ମୁକ୍ତି ପାଇଛନ୍ତି। କଏଦୀମାନେ ମୁକ୍ତ ହେବା ସମୟରେ ଜେଲ ଅଧିକ୍ଷକ କୁଅଁର ମାରାଣ୍ଡି, ଜେଲର ମନସ୍ୱିନୀ ନାୟକ, କାରାମଙ୍ଗଳ ଅଧିକାରିଣୀ ପୂଜା ନାୟକ, ସହକାରୀ କାରାପାଳ ମହେଶ୍ୱର କୁଜୁର ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହିତ ସେମାନଙ୍କ ସୁଖମୟ ଜୀବନ ପାଇଁ କାମନା କରିଥିଲେ।

## ପୂର୍ବତନ ସରପଂଚଙ୍କୁ ହତ୍ୟା ମାମଲା ,୮ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ



କେନ୍ଦ୍ରାପଡ଼ା : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅଧିକ ସିଙ୍ଗିରି ଗ୍ରାମପଚାଂୟତର ତତ୍କାଳୀନ ସରପଂଚ ଚିତ୍ରସେନ ଦାସଙ୍କୁ ହତ୍ୟା ମାମଲାରେ ୮ ଜଣ ଅଭିଯୁକ୍ତଙ୍କୁ ସାକ୍ଷ୍ୟ ପ୍ରମାଣ ଆଧାରରେ ଦୋଷୀ ସାବ୍ୟସ୍ତ କରିବା ସହ କେନ୍ଦ୍ରାପଡା କୋର୍ଟ ତାଙ୍କ ରାୟରେ ଏମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ ହଜାର ଲେଖାଏଁ ଜୋରିମାନା ଦଣ୍ଡାଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅଧିକ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ୮ ଜୁନ ୨୦୧୬ ମସିହାରେ ଅଭିଯୁକ୍ତ ମାନେ ଚିତ୍ରସେନଙ୍କୁ ଚଣ୍ଡିଆଗଡ଼ି ଛକରେ ନିର୍ମମ ଭାବେ ହତ୍ୟା କରିଥିଲେ । ଏଥିରେ ୩୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ କୋର୍ଟ। ମାନ୍ୟବର ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ଆଜି ଏହି ରାୟ ଶୁଣାଇଛନ୍ତି ।

## କାହିଁକି ଦ୍ୱନ୍ଦ୍ୱରେ ପଡ଼ିଲେ ଦେଶବାସୀ ? ଏଥର ୭୫ ନା ୭୬ତମ ସ୍ୱାଧୀନତା ଦିବସ ପାଳନ କରିଛି ଦେଶ

ସାରସକଣା : ଦେଶରେ ସ୍ୱାଧୀନତା ଦିବସକୁ ନେଇ ପୁଣି ଦ୍ୱନ୍ଦ୍ୱ ଆରମ୍ଭ ହୋଇଛି । ଗତକାଲି ଦେଶବାସୀ ୭୫ ନା ୭୬ତମ ସ୍ୱାଧୀନତା ଦିବସ ପାଳନ କରିଛନ୍ତି, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ପାଲଟିଛି । ଏମିତିକି ସ୍ୱାଧୀନତା ଦିବସ ପାଳନ କରିବା ପରେ ବି ଦେଶବାସୀ ସନ୍ଦେହରେ ଅଛନ୍ତି । ସ୍ୱାଧୀନତା ଦିବସ ପାଳନ ଶେଷ ହୋଇଯାଇଥିଲେ ବି ଏହାକୁ ନେଇ ଏବେ ପର୍ଯ୍ୟନ୍ତ ଲୋକଙ୍କ ମନରେ ଶଙ୍କା ରହିଛି ।କିଛି ଲୋକ ଚଳିତ ବର୍ଷର ସ୍ୱାଧୀନତା ଦିବସକୁ ୭୫ ତମ ସ୍ୱାଧୀନତା ଦିବସ କହୁଥିବା ବେଳେ କିଛି ଏହାକୁ ୭୬ତମ ସ୍ୱାଧୀନତା ଦିବସ କହିଛନ୍ତି । ତେବେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶରେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯାଇଥିଲା । ଯାହାକୁ ନେଇ ଲୋକମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ତେବେ ଚଳିତ ବର୍ଷ ଦେଶରେ ପାଳନ କରାଯାଇଛି ୭୬ତମ ସ୍ୱାଧୀନତା ଦିବସ । ଦେଶ ଚଳିତ ବର୍ଷ କେତେ ତମ ସ୍ୱାଧୀନତା ଦିବସ ପାଳନ କରିଛି ତାହା ଜାଣିବାର ସହଜ ଉପାୟ ହେଉଛି ପ୍ରଥମେ ପାଳିତ ହୋଇଥିବା ସ୍ୱାଧୀନତା ଦିବସ । ପ୍ରଥମ ସ୍ୱାଧୀନତା ଦିବସ ୧୯୪୭ ମସିହାରେ ଆରମ୍ଭ ହୋଇଥିବା ବେଳେ ଏହା ପରଠାରୁ ଗଣନା କଲେ ଅତି ସହଜ ଭାବରେ ଆମେ ଜାଣିପାରିବା ଏହା କେତେ ତମ ସ୍ୱାଧୀନତା ଦିବସ । ୧୯୪୭ରୁ ଆରମ୍ଭ ହୋଇଥିବା ସ୍ୱାଧୀନତା ଦିବସ ୧୯୫୬ରେ ୧୦ମ ସ୍ୱାଧୀନତା ଦିବସ ଭାବେ ପାଳନ କରାଯାଇଥିଲା । ସେହିପରି ୧୯୬୬ରେ ଏହା ୨୦ତମ ଏବଂ ୧୯୯୬ରେ ୫୦ତମ ସ୍ୱାଧୀନତା ଦିବସ ପାଳନ କରିଥିଲା ସାରା ଭାରତ । ତେବେ ୨୦୧୬ ମସିହାରେ ଦେଶ ୭୦ ତମ ଏବଂ ୨୦୨୧ରେ ଏହା ୭୫ତମ ସ୍ୱାଧୀନତା ଦିବସ ଭାବେ ପାଳନ କରାଯାଇଥିଲା । ତେଣୁ ଏହି ହିସାବ ଅନୁସାରେ ଦେଶ ଚଳିତ ବର୍ଷ ୭୬ତମ ସ୍ୱାଧୀନତା ଦିବସ ପାଳନ କରିଛି ।

## ଠିକାଦାରଙ୍କ ଛୁରା ମାଡ଼ରେ ଯନ୍ତ୍ରୀ ଗୁରୁତର

କନ୍ଧମାଳ : ଠିକାଦାରଙ୍କ ଛୁରାମାଡ଼ରେ ଯନ୍ତ୍ରୀ ଗୁରୁତର । ଗୁରୁତର ଅବସ୍ଥାରେ ଯନ୍ତ୍ରୀ ଙ୍କୁ ଚିକିତ୍ସା ପାଇଁ ସଦର ମହକୁମା ଡାକ୍ତର ଖାନା ରେ ଭର୍ତ୍ତି କରାଯାଇଛି। ଆହତଜଣଙ୍କ ହେଉଛନ୍ତି ଫୁଲବାଣୀ ପୂର୍ତ୍ତ ବିଭାଗ ର ନର୍ଥ ସେକ୍ସନ ର ଯନ୍ତ୍ରୀ ଇଂ. ଚକ୍ରଧର ନାହାକ ବୋଲି ଜଣା ପଡ଼ିଛି। ଯନ୍ତ୍ରୀ ନାହାକ ଙ୍କ ପେଟ ଓ ହାତରେ ଆଘାତ ଲାଗିଛି। ଠିକାଦାର ଜଣକ ହେଉଛନ୍ତି ଫୁଲବାଣୀସାହି ର ଆକାଶ ମହାନ୍ତି।ଯନ୍ତ୍ରୀ ନାହାକ ଅନ୍ୟ ଜଣଙ୍କ ସହ ମିଶି ବାଇକ ରେ କାର୍ଯାଳୟ କୁ ଯାଉଥିବାବେଳେ କୋର୍ଟ ଛକ ରେ ଠିକାଦାର ଆକାଶ ବାଇକ ଅଟକାଇ ଛୁରୀ ମାଡ଼ କରିରଥିଲେ। ଫଳରେ ସେ ତଳେ ପଡିଯାଇଥିଲେ।ଏନେଇ ଟାଉନ ଥାନାରେ ୧୪୬/୨୦୨୨ ରେ ମାମଲା ରୁଜୁ ହୋଇଥିବା ଟାଉନ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠି କହିଛନ୍ତି। ଅଭିଯୁକ୍ତ ଠିକାଦାର ଘଟଣା ସ୍ଥଳ ରୁ ଫେରାର ହୋଇଯାଇଥିବାରୁ ପୋଲିସ ଗିରଫ କରିବାକୁ ଖୋଜୁଥିବା କହିଛନ୍ତି ଟାଉନ ଥାନା ଅଧିକାରୀ ସେଠି। କୌଣସି ଠିକା କାମକୁ ନେଇ ଠିକାଦାର ମହାନ୍ତି ଏଭଳି କାଣ୍ଡ ଭିଆଇଥିବା କୁହାଯାଉଛି ।

## ପୁଅ ଆଗରେ ବୁଢ଼ାବଳଙ୍ଗରେ ଭାସିଗଲେ ମହିଳା, ମା'କୁ ଝୁରିଝୁରି ନଦୀକୂଳରେ ବସିଛି ପୁଅ

ସାରସ କଣା : ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ତଳଜୁଆଳିକଟା ଗ୍ରାମର ଜଣେ ମହିଳା ନିଜ ପୁଅ ଆଖିଆଗରେ ବୁଢ଼ାବଳଙ୍ଗ ନଦୀସୁଅରେ ଭାସିଯାଇଛନ୍ତି। ଏଭଳି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।ସୂଚନା ଅନୁଯାୟୀ; ଗ୍ରାମର ସ୍ୱର୍ଗତ ମଙ୍ଗଳ ସିଂଙ୍କ ପତ୍ନୀ ଯମୁନା( ୪୦) ଓ ପୁଅ ଶିବା (୧୪) ଆଜି ପୂର୍ବାହ୍ନ ୧୦ଟାରେ ଗାଁ ପାଖ ବୁଢ଼ାବଳଙ୍ଗ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଲଗାଣ ବର୍ଷା ପାଇଁ ନଦୀରେ ଜଳସ୍ରୋତ ପ୍ରଖର ଥିଲାବେଳେ ଏଥିରେ ଭାସି ଯାଇଥିଲେ ଯମୁନା। ମା' ଭାସି ଯାଉଥିବା ଦେଖି ପୁଅ ଚିତ୍କାର କରିଥିଲେ ବି ଭରାନଦୀରୁ ଯମୁନାଙ୍କୁ ଉଦ୍ଧାର କରିବାକୁ କେହି ସାହସ କରି ପାରିନଥିଲେ। ଖବର ପାଇ ପୁଲିସ ଓ ଦମକଳ ବାହିନୀ ପହଞ୍ଚି ନଦୀରେ ଖୋଜାଖୋଜି କରୁଛନ୍ତି। ହେଲେ ସନ୍ଧ୍ୟା ଯାଏ ଯମୁନାଙ୍କ ସନ୍ଧାନ ମିଳି ପାରିନି। ଏପଟେ ପୁଅ ଶିବା ଆଖିରୁ ଲୁହ ଶୁଖୁନି। ମା'କୁ ଝୁରିଝୁରି ସେ ନଦୀକୂଳରେ ହିଁ ଜଗି ବସିଛି।ସ

## ଝରକା ଭାଙ୍ଗି ଟଙ୍କା ଓ ଅଳଙ୍କାର ଲୁଟ ମାମଲା ,ଦୁଇ ଅଭିଯୁକ୍ତ ଗିରଫ

କଟକ : ମଧୁପାଟଣା ଥାନା ଅନ୍ତର୍ଗତ କଣ୍ଟିଲୋ ଲେନରେ ରହୁଥିବା ପବିତ୍ରା ପରିଡାଙ୍କ ଘରର ବେଡରୁମ ଝରକା ଭାଙ୍ଗି ନଗଦ ୯ ହଜାର ଟଙ୍କା ସହିତ ମୋବାଇଲ ଫୋନ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିବା ଅଭିଯୋଗରେ ପୋଲିସ ଆଜି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଜଗତପୁର ଥାନା ଅନ୍ତର୍ଗତ ଗୁଜରପୁରର ସେକ ସୁବାନ ଓ ସେହି ଅଂଚଳର ସେକ ଆଶିକ । ଏହି ଦୁଇ ଅଭିଯୁକ୍ତ ଗତ ୧୪ ତାରିଖ ବିଳମ୍ବିତ ରାତିରେ ଅଭିଯୋଗକାରିଣୀଙ୍କ ଘରର ଝରକା ଗ୍ରୀଲ ତାଡି ଘରର ଆସବାବ ପତ୍ର ଲୁଟି ନେଇଥିଲେ।

## ସମ୍ଭାବ୍ୟ ବନ୍ୟା ପରିସ୍ଥିତ ନେଇ ପ୍ରଶାସନ ପ୍ରସ୍ତୁତ

ଖୋରଧା, ୧୯/ ୦୮ ( ନି.ପ୍ର): ସମ୍ଭାବ୍ୟ ବାତ୍ୟା ନେଇ ପ୍ରଶାସନ ପ୍ରସ୍ତୁତ ରହିଛି । ଜିଲ୍ଲାରେ ରାଜୁଆ ଓ ଦୟା ନଦୀ ପ୍ରଭାବରେ ବାଲିଅନ୍ତା, ବାଲିପାଟଣା ଓ ଖୋରଧା ବ୍ଲକ ପ୍ରଭାବିତ ହେବା ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ତିନୋଟି ବ୍ଲକର ୧୦ଟି ପଞ୍ଚାୟତର ୧୬ଟି ଗ୍ରାମର ୪୪୯୮ ଜଣ ପ୍ରଭାବିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩୩୮ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇ ବାତ୍ୟା ଆଶ୍ରୟସ୍ଥଳୀରେ ସୁରକ୍ଷିତ ଭାବେ ରଖାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ପାଢୀ ଜଣାଇଛନ୍ତି । ସେମାନଙ୍କୁ ଖାଦ୍ୟ, ପାନୀୟ ବ୍ୟବସ୍ଥା କରାଯାଇଛି । ବାଲିଅନ୍ତାର ୩ଟି ଓ ଖୋରଧା ବ୍ଲକର ୨ଟି ସ୍ଥାନରେ ଫ୍ରି କିଚେନ ବ୍ୟବସ୍ଥା କରାଯାଇଛି । ବାଲିପାଟଣା ବ୍ଲକରେ ଏନଡ୍ରାଫ ଓ ଖୋରଧା ବ୍ଲକରେ ଓଡ୍ରାଫ ଟିମ ମୁତୟନ କରାଯାଇଛି । ୮ଟି ଯନ୍ତ୍ରଚାଳିତ ଡଙ୍ଗା ସମେତ ୫୮ଟି ଡଙ୍ଗା ପ୍ରସ୍ତୁତ କରାଯାଇଛି । ଜିଲ୍ଲାରେ ଥିବା ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ହୋଇ ରହିଛି । ଶୁଖିଲା ଖାଦ୍ୟ, ପାନୀୟ ଜଳ, ଔଷଧ, ପଶୁ ଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ହୋଇ ରହିଛି । ଆବଶ୍ୟକ ସ୍ଥଳେ ନିରବଚ୍ଛିନ୍ନ ଯୋଗାଯୋଗ ନିମନ୍ତେ ଅଗ୍ନିଶମ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ ଓ ଡାକ୍ତରୀ ଦଳ ପ୍ରସ୍ତୁତ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ଶ୍ରୀ ପାଢୀ ସୂଚନା ଦେଇଛନ୍ତି । ଜିଲ୍ଲାରେ ଜରୁରୀକାଳୀନ ସେବା ଯେପରି ଅବ୍ୟାହତ ରହିବ ସଜାଗ ରହିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପୂର୍ବରୁ ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପରାମର୍ଶ ଦେଇଛନ୍ତି । ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରହିବ ଓ ସମସ୍ତ ସରକାରୀ ଅଧିକାରୀ ମାନଙ୍କ ଛୁଟି ବାତିଲ କରାଯାଇଛି । ଆସନ୍ନ ପ୍ରସବା ମାନଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯିବାକୁ ବ୍ୟବସ୍ଥା କରାଯାଇଛି । ସଂପୃକ୍ତ ଅଞ୍ଚଳରେ ବୟସ୍କ ବ୍ୟକ୍ତି ଓ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ଓ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଇଛି । ପଶୁଖାଦ୍ୟ ଓ ଗୃହପାଳିତ ପଶୁ ମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯିବାକୁ କୁହାଯାଇଛି । ଆବଶ୍ୟକସ୍ଥଳେ ତଳିଆ ଅଞ୍ଚଳ, କଚ୍ଚାଘରୁ ଲୋକ ମାନଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତରିତ କରିବା ନିମନ୍ତେ ପ୍ରସ୍ତୁତ ରହିବା ନିମନ୍ତେ ସଂପୃକ୍ତ ବିଡିଓ, ତହସିଲଦାର ଓ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ଜଳ ଦ୍ୱାରା ଚାଷଜମି ପ୍ରଭାବିତ ହେବା ଆଶଙ୍କା ଥିବାରୁ ଏହାର ପରବର୍ତ୍ତି ପରିସ୍ଥିତିର ମୁକାବିଲା ଏବଂ କ୍ଷୟକ୍ଷତି ରିପୋର୍ଟ ସଠିକ ଭାବେ ପ୍ରଦାନ କରିବାକୁ ଅଧିକାରୀ ମାନଙ୍କୁ କୁହାଯାଇଛି । ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଦ୍ଧାର୍ଥ କଟାରିଆ ପ୍ରମୁଖ ବାଣପୁରର କିଛି ଅଞ୍ଚଳ ବୁଲି ଦେଖିବା ସହ ଜଳ ନିଷ୍କାସନ ସଂପର୍କରେ ପଦକ୍ଷେପ ନେବା ନିମନ୍ତେ ଅଧିକାରୀ ମାନଙ୍କ ସହ ଆଲୋଚନା କରିଛନ୍ତି ।

## ବିଭିନ୍ନ ଅନୁଷ୍ଠାନ ତରଫରୁ ଜୟପୁରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ

ଜୟପୁର, ୧୯/ ୦୮ ( ନି.ପ୍ର): ଜୟପୁରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଜନ୍ମାଷ୍ଟମୀ ଅବସରରେ ଜୟପୁର ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କୁ କୃଷ୍ଣ ବେଶରେ ସଜ୍ଜିତ କରାଯାଇଥିଲା। ଶ୍ରୀଜିଉଙ୍କ ନିକଟରେ ସ୍ୱତନ୍ତ୍ର ନିତି କାନ୍ତ ଆଳତି ଭୋଗ ଲାଗି କରାଯାଇ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ ପାଳିତ କରାଯାଇଛି। ସେହିପରି ଗୀତାଭବନରେ ମଧ୍ୟ ଜନ୍ମାଷ୍ଟମୀ ପାଳିତ ହୋଇଛି। ରଘୁନାଥ ମନ୍ଦିରରେ ପ୍ରଭୁ ରାମଙ୍କୁ କୃଷ୍ଣ ବେଶରେ ସଜ୍ଜିତ କରାଯାଇଥିଲା। ସେହିପରି ସରସ୍ୱତି ବିଦ୍ୟା ମନ୍ଦିର ଶାରଦା ବିହାର ତରଫରୁ ଜନ୍ମାଷ୍ଟମୀ ଉତ୍ସବ ସହ ଗୋ ପୂଜନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମାଦଳା ସାହି ସ୍ଥିତ କୁଞ୍ଜ ବିହାରି ମନ୍ଦିର ଠାରେ ଶିଶୁ ମାନଙ୍କ ଦ୍ୱାରା ଦହି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଏବଂ ଅନ୍ୟ ସେବା ବ୍ରତୀ ମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହ ଯୋଗ କରିଥିଲେ । ସେହିପରି ଅରବିନ୍ଦ ନଗର ଶିଶୁ ବିଦ୍ୟାମନ୍ଦିର ଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମି ମହାସମାରୋହରେ ପାଳିତ ହୋଇଛି । ବିପିନ କୁମାର ପାତ୍ର ଙ୍କ କରକମଳରେ ଶୁଭାରମ୍ଭ ହୋଇଥିବା ବେଳେ କାର୍ଯ୍ୟକ୍ରରେ ସୁନନ୍ଦା ଷଡଙ୍ଗୀ ପରିଚୟ ପ୍ରଦାନ କରିଥିବା ବେଳେ କବିତା ପାତ୍ର ଧନ୍ୟବାଦ ଦେଇଥିଲେ ।

## ବେଫିକର ବିଭାଗୀୟ ଅଧିକାରୀ , ତଥ୍ୟ ଲୁଚାଇବାକୁ ଚେଷ୍ଟା କରୁଛନ୍ତି କନିଷ୍ଠ ଯନ୍ତ୍ରୀ

କାଳିଆପାଣ, ୧୯/ ୦୮ ( ନି.ପ୍ର): ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ କୁ ସ୍ଥାନୀୟ ବିଧାୟକ ବିକାଶ ପାଇଁ ବିଧାନସଭା ରେ ବେଶ ଆଲୋଚନା କରୁଥିବା ଦେଖିବାକୁ ମିଳୁଛି । ବିକଶିତ ହେବ ଦୁର୍ଗମ ଅଞ୍ଚଳ ,ଗାଁ ଗାଁ କୁ ଯିବ ଢଳେଇ ରାସ୍ତା ଆଉ କାଦୁଅ ପଚ ପଚ ରାସ୍ତା ରହିବ ନାହିଁ ଏହି ନିର୍ବାଚନ ମଣ୍ଡଳୀ ରେ ଏ ସବୁ କୁ ନେଇ ବିଧାୟକ ଘଡେଇ ବେଶ ଚିନ୍ତିତ ଥିବା ବେଳେ କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ଙ୍କ ମାନମାନୀ ବାରମ୍ବାର ଦେଖିବାକୁ ମିଳୁଛି । ଏପରି କହିବା ର ତାତ୍ପର୍ଯ୍ୟ କଂସ ପଞ୍ଚାୟତ ର ମୁଖ୍ୟ ରାସ୍ତା ରୁ ଟିକରପଡା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ପାଖା ପାଖି ୫୦ ପ୍ରତିଶତ ରୁ ଅଧିକ ହେବ କାର୍ଯ୍ୟ ଶେଷ ସାରିଥିଲେ ମଧ୍ୟ କାର୍ଯ୍ୟ ର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଫଳକ ଲାଗି ନାହିଁ । ଏହି ଢାଳେଇ ରାସ୍ତା ପାଇଁ ପ୍ରାୟ ୩୫ ଲକ୍ଷ ର ବ୍ୟୟ ବରାଦ ହୋଇଥିବା କଥା ସ୍ଥାନୀୟ ବାସିନ୍ଦା କହିଛନ୍ତି । ନିର୍ମାଣ କାର୍ଯ୍ୟ ଏତେ ଆଗେଇବା ସତ୍ତ୍ୱେ ବି ଏ ସମ୍ପର୍କିତ ତଥ୍ୟ ଜନସାଧାରଣ ଙ୍କୁ ଅନ୍ଧାର ରେ ରଖିଛି । ଲାଗି ନାହିଁ ସୂଚନା ଫଳକ । ଏଥିରେ ବ୍ୟାପକ ଘୋଟାଲା ପାଇଁ ମସୁଧା ଚାଲି ଥିବା ବେଳେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଙ୍କ ଅନୁପସ୍ଥିତି ଏକ ବଡ଼ ସନ୍ଦେହ ଘେର କୁ ଟାଣି ଆଣୁଛି । ଗ୍ରାମବାସୀଙ୍କ ଦୀର୍ଘ ବର୍ଷ ର ଦାବିକୁ ସରକାର ପୂରଣ କରି ଗ୍ରାମ କୁ ସବୁଦିନିଆ ରାସ୍ତା ନିର୍ମାଣ କରୁଥିଲା ବେଳେ ଠିକାଦାର ଓ ଯନ୍ତ୍ରୀ ସଲାସୁତୁରା ରେ ଲକ୍ଷ ଲକ୍ଷ୍ୟ ଟଙ୍କା କାର୍ଯ୍ୟ କୁ ଅତି ନିମ୍ନ ମାନର କରାଯାଇ ଟଙ୍କା ହରିଲୁଟ କରାଯାଉଛି ବୋଲି ଅଭିଯୋଗ ହେଉଛି । ଗତ କିଛି ବର୍ଷ ତଳେ ସ୍ଥାନୀୟ ବିଧାୟକ ପ୍ରୀତିରଞ୍ଜନ ଘଡେଇ ଏହି ରାସ୍ତା କୁ ନେଇ ଭିତ୍ତିପ୍ରସ୍ତର ସ୍ଥାପନ କରିତଗିଲେ ଓ ଏହାକୁ ଉଦଘାଟନ ମଧ୍ୟ କରିଥିଲେ । ଏହି ରାସ୍ତା ର ଢଳେଇ ପାଇଁ ସ୍ଥାନୀୟ ବସିନ୍ଦା ବିଧାୟକ ଙ୍କୁ ବାରମ୍ବାର ଲିଖିତ ଅଭିଯୋଗ ହସ୍ତାନ୍ତର କରିଥିବା ମଧ୍ୟ ଦେଖିବାକୁ ମିଳିଛି । କିନ୍ତୁ ସ୍ଥାନୀୟ ମୁଖ୍ୟ ରାସ୍ତା ରୁ ଟିକରପଡା କୁ ଫରେଷ୍ଟ କ୍ଲିଅରାନ୍ସ ମିଳୁ ନ ଥିବା ରୁ ଆଜି ପର୍ଯ୍ୟନ୍ତ ଅବହେଳିତ ଅବସ୍ଥାରେ ପଡି ରହିଥିବା ଦେଖିବାକୁ ମିଳିଥିଲା । ଯଦିଓ ଏହାର ଟେଣ୍ଡର କରାଯାଇ ରାସ୍ତା ର କାର୍ଯ୍ୟ କରାଯାଉଛି ନା ଦେଖା ଅଛି



ଠିକାଦାରଙ୍କ ର ନା କାର୍ଯ୍ୟ କ୍ଷେତ୍ର ରେ କନିଷ୍ଠ ଯନ୍ତ୍ରୀ ଙ୍କର ଆବିର୍ଭାବ ଦେଖିବାକୁ ମିଳୁଛି । ଦୀର୍ଘ ଦିନ ହେବ ଗାଦି ମାଡି ବସିଥିବା ଯନ୍ତ୍ରୀ ଙ୍କ ପତିଆରା କନିଷ୍ଠ ଯନ୍ତ୍ରୀ ଙ୍କ ଦୀର୍ଘ ବର୍ଷ ସ୍ଥାଇତ୍ୱ ପାଇଁ କାର୍ଯ୍ୟ କ୍ଷେତ୍ର ରେ ଏପରି ଏତେ ଅବହେଳା ଦେଖା ଯାଉଚି କି ? କୌଣସି ବି କାର୍ଯ୍ୟ ସମ୍ବନ୍ଧୀୟ ତଥ୍ୟ ପାଇଁ କଲ କି ମେଶଜ କଲେ କଲ ନ ଉଠାଇବା ବା କନିଷ୍ଠ ଯନ୍ତ୍ରୀ ତଥ୍ୟ ଲୁଚାଉଥିବା ରୁ ଏହାକୁ ନେଇ ମନରେ ବହୁ ପ୍ରଶ୍ନ ଉଙ୍କି ମରେ ।

## ବାଟବଣା ଆବାସ ଯୋଜନା: ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଘର, ଝାଟିମାଟି ଭଙ୍ଗା କୁଡ଼ିଆରେ କଟୁଛି ଦିନ

ପାଟଣା,୧୯/ ୦୮ ( ନି.ପ୍ର): ଅସହାୟ ନିରୀହ ଗରିବ ଶ୍ରେଣୀର ଲୋକମାନଙ୍କ ଥଇଥାନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ନାନାଦି ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ରାଜନେତାଙ୍କ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଅନେକ ଯୋଜନା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁ ନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଖଜିରାପାଟ ଗାଁରେ ଦେଖିବାକୁ ମିଳିଛି। ଏହି ଗାଁର ଜଣେ ମହିଳା ଝାଟିମାଟି ଭଙ୍ଗା ଘର ତଳେ ରହୁଥିଲେ ହେଁ ପ୍ରଶାସନ ସବୁ ଦେଖି ନିରବଦ୍ରଷ୍ଟା ସାଜିଛି।



ସାହାରପଡା ବ୍ଲକ ଖଜିରାପାଟ ଗାଁ ର ସରୋଜିନୀ ମୁଣ୍ଡା(୫୨) ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ମହିଳା। ତାଙ୍କର ଆତ୍ମୀୟ କହିଲେ ଜଣେ ସାନ ଭଉଣୀ। ସରୋଜିନୀଙ୍କ ମା' ମୃତ୍ୟୁ ବରଣ କରିଥିବା ବେଳେ ବାପା ଘର ଛାଡି ବାହାରେ ରୁହନ୍ତି। ପାଖରେ ଜଣେ ସାନ ଭଉଣୀଙ୍କୁ ଛାଡିଲେ ଆଉ କେହି ନିଜର ଆତ୍ମୀୟ ବୋଲି ନାହିଁ। ସରୋଜିନୀଙ୍କ ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ସକ୍ଷମ ନ ଥିବାରୁ ଚାଲିବା ତାଙ୍କ ପକ୍ଷେ କଷ୍ଟସାଧ ହୋଇଥାଏ। ଫଳରେ ସେ ମୂଲ ମଜୁରି କାମ ମଧ୍ୟ କରି ପାରନ୍ତି ନାହିଁ । କୌଣସି କାମ କରି ନ ପାରିବାରୁ ଦୁଇ ଓଳି ଦୁଇ ମୁଠା ଖାଇବାକୁ ମିଳୁନାହିଁ । ଓଳିଏ ଖାଇଲେ ଆର ଓଳି ଖାଡ଼ା ଓପାସ। ପାଖରେ ଏକ ମାତ୍ର ସାହାରା ଭାବେ ରହୁଥିବା ସାନ ଭଉଣୀ ମୂଲ ମଜୁରି କରି ଆଣିଲେ ସେମାନଙ୍କ ପେଟକୁ ଦାନା ଯାଏ । ନଚେତ ସାହି, ପଡିଶାଙ୍କୁ ମାଗି ନିଜ ଭୋକ ମେଣ୍ଟାନ୍ତି। ସାନ ଭଉଣୀ ମୂଲ ମଜୁରିକୁ ନ ଯାଇ ପାରିଲେ ଓପାସ ରହିବାକୁ ବାଧ ହୁଅନ୍ତି। ଏପରିସ୍ଥିତିରେ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ମଧ୍ୟ ନାହିଁ। ଝାଟିମାଟି ଭଙ୍ଗା କୁଡ଼ିଆଟି ତାଙ୍କର ଆଶ୍ରୟ ସ୍ଥଳ ପାଲଟିଛି। ବର୍ଷା ହେଲେ ବାର ଦ୍ୱାର ଶୁଙ୍ଘିପିଣ୍ଡା ହେବାକୁ ପଡୁଛି। ଅନ୍ୟପକ୍ଷରେ ପଞ୍ଚାୟତ କାର୍ଯ୍ୟାଳୟରୁ ମାତ୍ର ୩ ଶହ ମିଟର ଦୂରରେ ଏଭଳି ଦୟନୀୟ ଅବସ୍ଥାରେ ରହୁଥିଲେ ହେଁ ପ୍ରଶାସନର ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ ହୋଇଛି। ସରୋଜିନୀ ଆବାସ ଯୋଜନାରେ ଘରଟିଏ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁ ନଥିବା ସେ କହିଛନ୍ତି। ଏ ସମ୍ପର୍କରେ ଖଜିରାପାଟ ପଞ୍ଚାୟତର ପିଇଓ ପ୍ରମୋଦ କୁମାର ବାରିକଙ୍କୁ ପଚାରିବାରୁ ସେ ତର୍ଜମା କରିବା ପରେ ଯାହା କିଛି ପଦକ୍ଷେପ ନେବେ ବୋଲି କହିଛନ୍ତି। ଯଦି ସେ ଆବେଦନ କରିଥିବେ ଏବଂ ଯୋଗ୍ୟ ହିତାଧିକାରୀ ହୋଇଥିବେ ନିଶ୍ଚିତ ସେ ଆବାସ ଯୋଜନାରେ ଘର ପାଇବେ ବୋଲି ସେ କହିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଗଞ୍ଜାମ, ୧୯/ ୦୮ ( ନି.ପ୍ର): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ କବିସୂର୍ଯ୍ୟନଗର ବଜାର ତଥା ଷ୍ଟେଟବ୍ୟାଙ୍କ ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ବବୁଲ ନାହାକ ନାମକ ଜଣେ ଯୁବକ ବାଇକ୍ ରେ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି । ଆକ୍ରମଣ ପରେ ଦୁର୍ବୃତ୍ତ ମାନେ ବାଇକ୍ ଯୋଗେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଛନ୍ତି। ଆହତ ବବୁଲଙ୍କୁ ପ୍ରଥମେ ଚିକିତ୍ସା ନିମନ୍ତେ କବିସୂର୍ଯ୍ୟନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ପୋଲିସ ଘଟଣାର ତଦନ୍ତ କରୁଛି ।

## ରାଜ୍ୟର ବିକାଶ ପାଇଁ ଶିଳ୍ପର ବିକାଶ ଆବଶ୍ୟକ : ମନ୍ତ୍ରୀ ପ୍ରତାପ ଦେବ

ଝାରସୁଗୁଡା ୧୯/ ୦୮ ( ନି.ପ୍ର):ରାଜ୍ୟରେ ଶିଳ୍ପର ବିକାଶ ପାଇଁ ପ୍ରଚୁର ସମ୍ଭାବନା ରହିଛି । ରାଜ୍ୟର ଅର୍ଥନୀତିକୁ ଆଗେଇ ନେବାକୁ ହେଲେ ଶିଳ୍ପାୟନ ଉପରେ ଗୁରୁତ୍ୱ ଦେବା ଏକାନ୍ତ ଅବଶ୍ୟକ । ଶିଳ୍ପପତିମାନେ ଏଥି ପାଇଁ ସଚେତନ ହେବା ସହ ସମ୍ବେଦନଶୀଳ ହେବାର ଆବଶ୍ୟକତା ରହିଛି । ଜନସାଧାରଣଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଶିଳ୍ପ , ଏମ୍ ଏସ୍ ଏମ୍ ଇ ଏବଂ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ଉଲ୍ଲେଖ କରିବା ସହ ସକାରାତ୍ମକ ଆଲୋଚନା କରିବାକୁ ଆହ୍ୱାନ ଦେଇଛନ୍ତି । ଶିଳ୍ପର ଅଭିବୃଦ୍ଧି ସକାଶେ ଆବଶ୍ୟକତା ଅନୁଯାୟୀ ନୀତିରେ ମଧ୍ୟ ପରିବର୍ତ୍ତନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଆଜି ପୂର୍ବାହ୍ନରେ ଝାରସୁଗୁଡା ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଝାରସୁଗୁଡ଼ା , ସମ୍ବଲପୁର,ବରଗଡ଼ , ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ର ଅଧିକାରୀ ଓ କର୍ମକର୍ତ୍ତା ମାନଙ୍କ ସହ ଆଲୋଚନା ସମୟରେ ସରକାରଙ୍କ ଶିଳ୍ପ ନୀତି ସମ୍ପର୍କରେ ଭଲ ଭାବରେ ଜାଣିବାକୁ ପରାମର୍ଶ ଦେଇ ଶିଳ୍ପ ପ୍ରତିଷ୍ଠା ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ । ସ୍ଥାନୀୟ ଉଦ୍ୟୋଗ କିପରି ଆଗକୁ ଅଧିକ ବଢିବ ସେ ଦିଗରେ କାର୍ଯ୍ୟ କରାଯାଉଛି । ଝାରସୁଗୁଡ଼ା ରେ ବିମାନ ବନ୍ଦର ପ୍ରତିଷ୍ଠା ପରେ ଜିଲ୍ଲାର ଗୁରୁତ୍ୱ ବୃଦ୍ଧି ପାଇଥିବାର ସେ ଉଲ୍ଲେଖ କରିଥିଲେ । ବିଭିନ୍ନ ଜିଲ୍ଲାରେ ଡିଷ୍ଟ୍ରିକ୍ଟ ଇଣ୍ଡଷ୍ଟ୍ରିଆଲ ପ୍ରମୋସନ ଏଜେନ୍ସି (ଡିପା) ମାଧ୍ୟମରେ ଶିଳ୍ପଦ୍ୟୋଗ ସହିତ ଜଡିତ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଉଥିବାର କହିଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟର ଶିଳ୍ପାୟନରେ ଶିଳ୍ପାନୁଷ୍ଠାନ ଗୁଡିକର ସହଯୋଗ ଉପରେ ଗୁରୁତ୍ୱାରୋପ କରିବା ସହ ସକାରାତ୍ମକ ଚିନ୍ତାଧାରା ନେଇ କାର୍ଯ୍ୟ କଲେ ଉନ୍ନତି ସମ୍ଭବ ବୋଲି କହିଥିଲେ । ଶିଳ୍ପାନୁଷ୍ଠାନର କର୍ମକର୍ତ୍ତା ମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । କାର୍ଯ୍ୟକ୍ରମରେ ଟିପିଡବ୍ଲ୍ୟୁଓଡିର ମୁଖ୍ୟ ନିର୍ବାହୀ ଅଧିକାରୀ ଗଜେନ୍ଦ୍ର କାଲେ ଉପସ୍ଥିତ ଥିଲେ । ଇପିକଲ୍ ପରିଚାଳକ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ସମେତ ସମ୍ବଲପୁର , ବରଗଡ଼ , ଦେବଗଡ ଓ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖୋରଧା ଜିଲ୍ଲାସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ପାଳିତ

ଖୋରଧା, ୧୯/ ୦୮ ( ନି.ପ୍ର): ଖୋରଧା ଜିଲ୍ଲାସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ବକ୍ସିଜଗବନ୍ଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ ଖେଳ ପଡିଆଠାରେ ପାଳିତ ହୋଇଯାଇଛି। ରାଜ୍ୟ ମାନ୍ୟବର ଇଲୋକଟ୍ରନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବସେବା, ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଏହି ପବିତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରବା ସହିତ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ। ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟ ଅତିଥି ଖୋରଧା ଜିଲ୍ଲାବାସୀ, ପ୍ରଶାସନିକ ପଦାଧିକାରୀ, କରୋନା ଯୋଦ୍ଧା, ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଜାତିର ଜନକ ମହାତ୍ମାଗାନ୍ଧୀ, ପଣ୍ଡିତ ନେହେରୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ମୌଲନା ଆଜାଦ, ଡଃ ଆମ୍ବେଦକର, ଲାଲା ଲଜପତ ରାୟ, ଗଙ୍ଗାଧର ତିଲକ, ବିପିନ ଚନ୍ଦ୍ର ପାଲ, ସରୋଜିନୀ ନାଇଡୁ, ଡଃ ରାଜେନ୍ଦ୍ର ପ୍ରସାଦ, ଭଗତ ସିଂ, ବାଘା ଯତିନ୍, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୁଦନ ଦାସ, ଗୋପବନ୍ଧୁ ଚୌଧୁରୀ, ବିର୍ସା ମୁଣ୍ଡା, ଶହିଦ ଲକ୍ଷ୍ମଣ ନାୟକ, ମା ରମାଦେବୀ, ରଘୁ ଦିବାକର, ମାଳତୀ ଚୌଧୁରୀ, ବାଜି ରାଉତ, ଡଃ ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକଙ୍କ ପରି ମହାନ ସଂଗ୍ରାମୀ ମାନଙ୍କ ପ୍ରତି ମୁଖ୍ୟଅତିଥି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ମହାନ ଜାତୀୟତାବାଦୀ ଦେଶପ୍ରେମୀ ଓ ସଂଗ୍ରାମୀ ମାନଙ୍କ ଅବିରତ ସଂଗ୍ରାମ, ତ୍ୟାଗ ଓ ବଳିଦାନର ଫଳ ସ୍ୱରୂପ ସ୍ୱାଧୀନତା ପ୍ରାପ୍ତ ହୋଇଛି । ଖୋରଧା ହେଉଛି ବୀର ଜାତିର ମାଟି । ବହୁ ମୁକ୍ତି ସଂଗ୍ରାମୀଙ୍କ ଜନ୍ମପୀଠ ଓ କର୍ମପୀଠ ଭାବେ ଅଲିଭା ସ୍ୱାକ୍ଷର ବହନ କରିଛି । ଏହି ମାଟି କଳା, ସାହିତ୍ୟ, ସଂସ୍କୃତିର ପ୍ରବାହ ମାନଙ୍କୁ ସୃଷ୍ଟିକରି ଏକ ଜାଗରଣ ଆଣିବାରେ ମୁଖ୍ୟ ଭୂମିକା ତୁଲାଇଥିଲା । ଇଂରେଜ ମାନଙ୍କ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ ଏହି ମାଟିରୁ ଆରମ୍ଭ ହୋଇଥିଲା । ଏହି ମାଟିର ବରପୁତ୍ର ମୁକୁନ୍ଦ ଦେବ, ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ର, କୃତ୍ତିବାସ ପାଟଶାଣୀ, ମାଧବଚନ୍ଦ୍ର ରାଉତରାୟଙ୍କ ତ୍ୟାଗ ଓ ବଳିଦାନକୁ ଏ ଜାତି କେବେ ଭୁଲି ପାରିବ ନାହିଁ । ଗୋଦାବରିଶ ମିଶ୍ର, ଗୋଦାବରୀଶ ମହାପାତ୍ର, ସଚ୍ଚି ରାଉତରାୟ, ପର୍ଶୁରାମ ପଟ୍ଟନାୟକ, ମାୟାଧର ମାନସିଂ, କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପରି ଅନେକ ଯଶସ୍ୱୀ ମାନଙ୍କୁ ଏ ମାଟି ଜନ୍ମ ଦେଇଛି । ଭାରତର ସ୍ୱାଧିନତା ଓ ରାଷ୍ଟ୍ର ଗଠନରେ ଏହି ମହାପୁରୁଷଙ୍କ ଅମୂଲ୍ୟ ଅବଦାନ ଆଜି ଉତ୍ତରପିଢି ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଛି । ଚଳିତ ବର୍ଷ ସାରା ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ' ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସ୍ୱାଧୀନତା ପରେ ରାଜ୍ୟର ପ୍ରଗତି ଦ୍ରୁତ ପଥରେ ଆଗେଇ ଚାଲିଛି । ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ଲାଗି ଅନେକ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଗ୍ରାମୀଣ ବିକାଶ, କୃଷିର ଉନ୍ନତି, ଶିଳ୍ପର ବିକାଶ, ଶିକ୍ଷାର ଉନ୍ନତି, ସହରାଞ୍ଚଳର ଉନ୍ନତି, ଅର୍ଥନୈତିକ ଅଭିବୃଦ୍ଧି, କ୍ରୀଡା, ସୂଚନା ପ୍ରଯୁକ୍ତି, ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତିକରଣ ଲାଗି ରାଜ୍ୟ ସରକାର ଉଦ୍ୟମ ଯାରି ରଖିଛନ୍ତି । ଗୁଣାତ୍ମକ ଶିକ୍ଷା ନିମନ୍ତେ ରାଜ୍ୟର ପ୍ରତି ବ୍ଲକରେ ଓଡିଶା ଆଦର୍ଶ ବିଦ୍ୟାଳୟ ଗଠନ, ସର୍ବକାଳୀନ ରେକର୍ଡ ସଂଖ୍ୟକ ୧୩୦୩୯ ଲକ୍ଷ ମେଟ୍ରିକ ଟନ ଖାଦ୍ୟଶସ୍ୟ ଉତ୍ପାଦନ, ମିଶନ ଶକ୍ତି ଜରିଆରେ ୭୦ ଲକ୍ଷ ମହିଳାଙ୍କ ଆର୍ଥିକ ଓ ସାମାଜିକ ବିକାଶ, ମମତା ଯୋଜନାରେ ପ୍ରସୂତୀ ମା'ମାନଙ୍କୁ ୫ ହଜାର ଟଙ୍କା ସହାୟତା ରାଶି, ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ନିମନ୍ତେ ଯାଗା ମିଶନ, ଅନୁସୂଚିତ ଜାତି ଓ ଜନଜାତି ମେଧାବୀ ବିଦ୍ୟାର୍ଥୀ ମାନଙ୍କ ନିମନ୍ତେ ଅନ୍ୱେଷା ଯୋଜନା, ଅତିରିକ୍ତ ୧୧୫୬୭ ହେକ୍ଟର ପରିମିତ ଚାଷଜମିକୁ ଜଳସେଚନ ସୁବିଧା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ସେହିଭଳି ପୁଞ୍ଜି ବିନିଯୋଗ ଓ ଶିଳ୍ପ ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବାକୁ ଆସନ୍ତା ନଭେମ୍ବର ୩୦ରୁ ମେକ ଇନ ଓଡିଶା ଆରମ୍ଭ ହେଉଛି । ଗରିବ ଶ୍ରେଣୀର ବ୍ୟକ୍ତି ବିଶେଷଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ପ୍ରଦାନ, ଖୋରଧା ଜିଲ୍ଲା ତଥା ରାଜଧାନୀ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଫିଫା ମାନର ଫୁଟବଲ ପଡିଆ ସହ ୧୨ ହଜାର ଦର୍ଶକ ବସିବା ଭଳି ବ୍ୟବସ୍ଥା, ଇଣ୍ଡୋର ଆଥଲେଟିକ୍ସ, ହାଇ ପରଫରମାନ୍ସ ସେଣ୍ଟର, ଆକ୍ୱାଟିକ ସେଣ୍ଟର, ବ୍ୟାଡମିଣ୍ଟନ ଉତ୍କର୍ଷ କେନ୍ଦ୍ର, ଟେନିସ ସେଣ୍ଟର, ହାଇ ପରଫରମାନ୍ସ ସେଣ୍ଟର, ସ୍ପୋର୍ଟସ କ୍ଲାଇମ୍ବିଙ୍ଗ ୱାଲ, ସୁଇମିଂ ପୁଲ, ସୁଟିଂ ରେଞ୍ଜ, ଜିମ୍ନାଷ୍ଟିକ୍ କେନ୍ଦ୍ର ସ୍ଥାପନ ରାଜ୍ୟରେ କ୍ରୀଡା କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି । ବିଭିନ୍ନ ଜିଲ୍ଲାରେ ୮୯ଟି ବହୁମୁଖୀ ଇଣ୍ଡୋର ହଲ, ପ୍ରତି ଜିଲ୍ଲା ଓ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ ସହ ତୃଣମୂଳ ସ୍ତରରେ ବିଭିନ୍ନ ପ୍ରତିଭା ସୃଷ୍ଟି କରାଯିବା ଲକ୍ଷ ରଖାଯାଇଛି । ଆସନ୍ତା ବର୍ଷ ରାଉରକେଲା ଓ ଭୁବନେଶ୍ୱରରେ ହକି ବିଶ୍ୱକପ ଆୟୋଜନ କରାଯାଉଛି । ଏଥି ନିମନ୍ତେ ରାଉରକେଲା ଠାରେ ଦେଶର ସର୍ବବୃହତ ହକି ଷ୍ଟାଡିୟମ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ମୁଖ୍ୟ ଅତିଥି ଉଲ୍ଲେଖ କରିଛନ୍ତି । ସେ ଆହୁରି କହିଥିଲେ ଯେ ଆଭ୍ୟନ୍ତରୀଣ ସୁରକ୍ଷା ନିମନ୍ତେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ଉଗ୍ରପନ୍ଥୀ କାର୍ଯ୍ୟକଳାପକୁ ପ୍ରତିହତ କରାଯାଇଛି । ଗତ ୧୦ ବର୍ଷ ମଧ୍ୟରେ ୪୩୧ ଜଣ ମାଓବାଦୀ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି । ୨୨୪ ଜଣଙ୍କୁ ୬କୋଟି ୭୩ ଲକ୍ଷ ବ୍ୟୟରେ ଥଇଥାନ କରାଯାଇଛି । ସେହିଭଳି ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧକୁ ରୋକିବା, ସାଇବର ଥାନା ପ୍ରତିଷ୍ଠା, ଅପହଞ୍ଚ ଅଞ୍ଚଳରେ ମୋବାଇଲ ନେଟୱାର୍କ ସେବା ପ୍ରଦାନ, ଅନଲାଇନ ଶିକ୍ଷା ବ୍ୟବସ୍ଥା, ସ୍ମାର୍ଟକ୍ଲାସରୁମ, ଥାନା ଗୁଡିକରେ ସିସିଟିଭି ସର୍ଭେଲାନ୍ସ ଓ ଜନସାଧାରଣ ମାନଙ୍କୁ ଇ-ସେବା ଯୋଗାଇ ଦେବାକୁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଅନ୍ୟପକ୍ଷରେ ଖୋରଧା ଜିଲ୍ଲାର ବାଲିପାଟଣା ବ୍ଲକରେ ୧୦ କୋଟି ବ୍ୟୟରେ ଆଦର୍ଶ ବିଦ୍ୟାଳୟ, ୨୦୫ କୋଟି ବ୍ୟୟରେ ଟାଙ୍ଗି, ଚିଲିକା ଓ ବାଣପୁର ଅଞ୍ଚଳରେ ଦୁଇଟି ବୃହତ ପାନୀୟ ଜଳ ପ୍ରକଳ୍ପ, ବାଣପୁର, ବାଲୁଗାଁ, ଜଟଣି ଓ ଖୋରଧା ପୌରସଂସ୍ଥା ଅଧିନରେ ୩୧ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟରେ ୪ଟି ଇନଡୋର ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଜାରି ରହିଛି । ଆଜିର ଏହି ମହାର୍ଘ ଅବସରରେ ମହାନ ସଂଗ୍ରାମୀ, ନେତୃବୃନ୍ଦ, ସମ୍ବିଧାନ ପ୍ରଣେତା ମାନଙ୍କ ଅବଦାନ, ଚରମ ତ୍ୟାଗ ଓ ବଳିଦାନକୁ ମନେ ପକାଇ ସମୃଦ୍ଧ ଓଡିଶା ଓ ଭାରତବର୍ଷ ଗଠନରେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ କରୋନା ଯୋଦ୍ଧା ଭାବେ ଜିଲ୍ଲାର କିଛି ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ନର୍ସିଂ, ଅଗ୍ନିଶମ, ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଖୋରଧା ବିଧାୟକ ଶ୍ରୀ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଦ୍ଧାର୍ଥ କଟାରିଆ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ପାଢୀ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ଦିଗନ୍ତ ରାଉତରାୟ, ଉପ ଜିଲ୍ଲାପାଳ ଶ୍ରୀ ଗୌରବ ଶିବାଜୀ ଇସଲୱାର, ଡିଏଫଓ ପି. ପୂର୍ଣ୍ଣିମା, ଖୋରଧା ପୌର ପରିଷଦ ଅଧକ୍ଷା ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ରିଜର୍ଭ ଇନିସପେକ୍ଟର ଶ୍ରୀ ନାଗେଶ ପ୍ୟାରେଡ ପରିଚାଳନା କରିଥିଲେ । ଏହାପରେ ମୁଖ୍ୟଅତିଥି ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ବୃକ୍ଷରୋପଣ ଏବଂ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସକାଳେ ଜିଲ୍ଲାପାଳ ପତାକା ଉତ୍ତୋଳନ କରିଥିଲେ । ପ୍ରାତଃ ସମୟରେ ସହରରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯିବା ସହ ପୌରସଂସ୍ଥା ପକ୍ଷରୁ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ।



## ସମ୍ପାଦକୀୟ

# ମାଗଣା ଯୋଜନାକୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ

ଆମ ଦେଶରେ ଭୋଟରମାନଙ୍କୁ ସନ୍ତୁଷ୍ଟ କରି ସେମାନଙ୍କ ସମର୍ଥନ ହାସଲ କରିବାକୁ ବିଭିନ୍ନ ଦଳର ରାଜ୍ୟ ସରକାରମାନେ ଅନେକ ମାଗଣା ଯୋଜନା କାର୍ଯ୍ୟକାରୀ କରିଥାନ୍ତି। ନିର୍ବାଚନ ସମୟରେ ହେଉ କିମ୍ବା ତା'ପୂର୍ବରୁ ବହୁ ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇଥାଏ ଏବଂ ସରକାର ଗଠନ ପରେ ସେ ସବୁକୁ କାର୍ଯ୍ୟକାରୀ କରାଯାଏ। ମାଗଣାରେ ଛତା, ଜୋତା, ଲ୍ୟାପଟପ୍ ବାଣ୍ଟିବା ଠାରୁ ଆରମ୍ଭ କରି ଭୋଜନ ଯୋଗାଇ ଦିଆଯିବାର ଏକାଧିକ ଦୃଷ୍ଟାନ୍ତ ରହିଛି। କେହି କେହି ସରକାର ସମ୍ପୂର୍ଣ୍ଣ ମାଗଣା ନହେଲେ ବି ସବ୍‌ସିଡ଼ି ବା ରିହାତି ବ୍ୟବସ୍ଥା କରି ଲୋକଙ୍କ ମନ ଜିଣିବାକୁ ଉଦ୍ୟମ କରିଥାନ୍ତି। ଏହାଦ୍ୱାରା ସରକାରୀ ରାଜକୋଷ ଉପରେ ନିଶ୍ଚିତ ଭାବରେ ଚାପ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଦୀର୍ଘସ୍ଥାୟୀ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ବାଧାପ୍ରାପ୍ତ ହୁଏ। ଏଭଳି ମାଗଣା ଯୋଜନାଗୁଡ଼ିକ ସାମଗ୍ରିକ ଭାବରେ ଭାରତୀୟ ଅର୍ଥନୀତିକୁ କ୍ଷତିଗ୍ରସ୍ତ କରୁଥିବାରୁ ଏହାର ପ୍ରାସଙ୍ଗିକତା ନେଇ ବିତର୍କ ଆରମ୍ଭ ହୋଇଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟରେ ଏଥିନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିବା ବେଳେ ମାନ୍ୟବର ପ୍ରଧାନ ବିଚାରପତି ଏନ୍.ଭି. ରମଣାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଏହି ବ୍ୟବସ୍ଥା ଉପରେ କଡ଼ା ଟିପ୍‌ପଣୀ ଦେଇଛନ୍ତି। ସୁପ୍ରିମ୍ କୋର୍ଟ ଦର୍ଶାଇଛନ୍ତି ଯେ, ରାଜନୈତିକ ଦଳଗୁଡ଼ିକର ବିଭିନ୍ନ ମାଗଣା ବ୍ୟବସ୍ଥା ଦେଶର ଅର୍ଥନୀତିକୁ ରସାତଳଗାମୀ କରୁଛି। ତେଣୁ ଏଭଳି ମାଗଣା ସଂସ୍କୃତିକୁ ବନ୍ଦ କରାଯିବା ଦରକାର। ଲୋକଙ୍କ ପାଇଁ ଆବଶ୍ୟକ ପଡୁଥିବା କଲ୍ୟାଣକାରୀ ଯୋଜନା ଓ ମାଗଣା ସଂସ୍କୃତି ମଧ୍ୟରେ ଯଥାର୍ଥ ସମନ୍ୱୟ ରହିବା ଏକାନ୍ତ ଜରୁରୀ। ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସମସ୍ତ ଖର୍ଚ୍ଚ ହେବା ଉପରେ ନ୍ୟାୟାଳୟ ଗୁରୁତ୍ୱ ଆରୋପ କରିଛନ୍ତି। ନିଜେ ପ୍ରଧାନ ବିଚାରପତି ରମଣା କଡ଼ା ଭାଷାରେ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ମାଗଣା ସଂସ୍କୃତି ଏକ ବଡ଼ ସମସ୍ୟା ରୂପେ ମୁଣ୍ଡ ଟେକିଥିଲେ ହେଁ କେହି ଏହାକୁ ସମସ୍ୟା ବୋଲି ଭାବୁନାହାନ୍ତି। ଯେଉଁମାନେ ମାଗଣା ସାମଗ୍ରୀ ପାଉଛନ୍ତି, ସେମାନେ ନିଜ ରାଜ୍ୟକୁ ଏକ ଜନମଙ୍ଗଳକାରୀ ରାଜ୍ୟ ବୋଲି ଧରି ନେଉଛନ୍ତି। ଅନ୍ୟ ପକ୍ଷରେ ଯେଉଁମାନେ ସରକାରଙ୍କୁ ଟିକସ ଦେଉଛନ୍ତି, ସେମାନେ ଦେଶର ଭିତ୍ତିଭୂମି ବିକାଶରେ ସେମାନଙ୍କ ଅର୍ଥ ଖର୍ଚ୍ଚ ହେବା ଚାହୁଁଛନ୍ତି। ତେଣୁ ଉଭୟ ପକ୍ଷର ମତାମତ ଶୁଣିବା ପାଇଁ ଏକ କମିଟି ଗଠିତ ହେବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି କହିଛନ୍ତି। ରାଜ୍ୟ ସରକାରଗୁଡ଼ିକର ବିଭିନ୍ନ ମାଗଣା ଯୋଜନାକୁ କେନ୍ଦ୍ର ସରକାର ମଧ୍ୟ ପସନ୍ଦ କରୁନଥିବା ଜଣାପଡ଼ିଛି। ସୁପ୍ରିମ୍‌କୋର୍ଟରେ ଏହି ମାମଲାର ଶୁଣାଣି ଚାଲିଥିବା ବେଳେ ସଲିସିଟର ଜେନେରାଲ୍ ସ୍ପଷ୍ଟ କରିଛନ୍ତି ଯେ, ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ମାଗଣା ଯୋଜନା ଘୋଷଣା ଚାଲୁ ରହିଲେ ଦେଶର ଅର୍ଥନୀତି ଧ୍ୱଂସ ପାଇଯିବ। ସରକାର ଏ ପ୍ରସଙ୍ଗରେ ନୂଆ ନିୟମାବଳୀ ପ୍ରଣୟନ କରିବା ପର୍ଯ୍ୟନ୍ତ ନ୍ୟାୟାଳୟ ମାଗଣା ଯୋଜନା ଘୋଷଣା ଉପରେ ରୋକ୍ ଲଗାଇବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସେ ଯୁକ୍ତି ଉପସ୍ଥାପନ କରିଥିଲେ। ରାଜନୈତିକ ସ୍ୱାର୍ଥ ସାଧନ ଉଦ୍ଦେଶ୍ୟରେ ସରକାରୀ ଅର୍ଥକୁ ପାଣି ଭଳି ଖର୍ଚ୍ଚ କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ମନେ ହେଉନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଶକ୍ତି, ଜଳସେଚନ, କୃଷି କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ଘଟାଇଲେ ସାମଗ୍ରିକ ଭାବରେ ଦେଶର ବିକାଶ ତ୍ୱରାନ୍ୱିତ ହେବ। ଲୋକେ ଏଥିରୁ ସ୍ଥାୟୀଭାବରେ ସୁଫଳ ପାଇବେ। ସେହି ଦୃଷ୍ଟିରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ମନ୍ତବ୍ୟର ଯଥାର୍ଥତା ଓ ପ୍ରାସଙ୍ଗିକତା ରହିଛି।

# ମେଣ୍ଟ ରାଜନୀତିର ଯୁଗ ଶେଷ ହେବାକୁ ଯାଉଛି

**ରଘୁନାଥ ବାବୁ**

ଭାରତୀୟ ରାଜନୀତିରେ ମେଣ୍ଟ ସରକାରର ଯୁଗ ଶେଷ ହେବାକୁ ଯାଉଛି କି ? ସଂପ୍ରତି ବିଜେପିର ମତିଗତିରୁ ଯାହା ଜଣାପଡୁଛି, ଦେଶରେ ପୁଣି ଏକକ ରାଜନୈତିକ ଦଳର ଶାସନ ପରମ୍ପରା ସୃଷ୍ଟି କରିବାକୁ ପ୍ରୟାସ ଚାଲିଛି । ୧୯୯୬ ଲୋକସଭା ନିର୍ବାଚନରେ କୌଣସି ରାଜନୈତିକ ଦଳ ବା ଗୋଷ୍ଠୀ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟା ଛୁଇଁ ପାରିଲେ ନାହିଁ। ଭାରତୀୟ ଜନତା ପାର୍ଟି ଏକକ ସଂଖ୍ୟା ଗରିଷ୍ଠ ଦଳ ଭାବେ ଉଭା ହୋଇଥିବାରୁ ଅଟଳ ବିହାରୀ ବାଜପେୟୀଙ୍କୁ ସରକାର ଗଠନ ପାଇଁ ନିମନ୍ତ୍ରଣ କରାଗଲା । କିନ୍ତୁ, ବିଜେପିର ବିଚାରଧାରା ସହ ସାଲିସକରି କୌଣସି ରାଜନୈତିକ ଦଳ ସରକାରରେ ସାମିଲ ହେବା ପାଇଁ ରାଜି ହେଲେ ନାହିଁ । ଫଳରେ ମାତ୍ର ୧୩ ଦିନର ବାଜପେୟୀ ସରକାର ଇସ୍ତଫା ଦେବାକୁ ବାଧ ହେଲା। ସମୟ ବଦଳିବା ସହିତ ପରିସ୍ଥିତି ବଦଳିଗଲା । ପରବର୍ତ୍ତି ସମୟରେ ୧୯୯୮ ମସିହାରେ ଲୋକସଭାର ମଧ୍ୟବର୍ତ୍ତି ନିର୍ବାଚନରେ ବିଜେପି ନେତୃତ୍ୱରେ ୧୩ଟି ଦଳ ଏକାଠି ହୋଇ ନିର୍ବାଚନ ଲଢ଼ିଲେ ଓ ବାଜପେୟୀ ପ୍ରଧାନମନ୍ତ୍ରୀ ହେଲେ । କିନ୍ତୁ ତାଳମେଳ ଅଭାବରୁ ମାତ୍ର ତେର ମାସର ଶାସନ ପରେ ସରକାର ଭାଙ୍ଗିଗଲା । ସେତେବେଳକୁ ଜନସାଧାରଣଙ୍କ ନିକଟରେ ବାଜପେୟୀ ଜଣେ ଲୋକପ୍ରିୟ ନେତା ରୂପେ ସ୍ଥାପିତ ହୋଇସାରିଥାନ୍ତି । ମେଣ୍ଟ ଗଠନ ପାଇଁ ବିଜେପି ନିଜର ହିନ୍ଦୁତ୍ୱ ବିଚାରଧାରାରେ ସାମାନ୍ୟ ନରମ ଦୃଷ୍ଟିକୋଣ ଆପଣେଇସାରିଥାଏ । ଫଳରେ ଏକଦା ଯେଉଁ ବିଜେପି ଦଳ ସହ ମେଣ୍ଟ କରିବାପାଇଁ ରାଜନୈତିକ ଦଳମାନେ ଅମଙ୍ଗ ହେଉଥିଲେ, ବାଜପେୟୀଙ୍କ ନେତୃତ୍ୱରେ କୋଡିଏଟି ରାଜନୈତିକ ଦଳ ଏକାଠି ହୋଇ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଗଠନକରି ୧୯୯୯ରେ କେନ୍ଦ୍ରରେ ସରକାର ଗଠନ କଲେ। କୁହାଗଲା ବାଜପେୟୀ ମେଣ୍ଟ ସରକାରର ନେତୃତ୍ୱ ନେବାରେ ଖୁବ ପାରଙ୍ଗମ । ଭାରତୀୟ ରାଜନୈତିକ ଇତିହାସରେ ପ୍ରଥମଥର ପାଇଁ ଏକ ଅଣକଂଗ୍ରେସଦଳ ନେତୃତ୍ୱରେ ମେଣ୍ଟ ସରକାର ପୁରା ପାଞ୍ଚବର୍ଷ ଶାସନ କଲା । ଯେଉଁ ବିଜେପିକୁ ସାଂପ୍ରଦାୟିକତାର ଦ୍ୱାହି ଦେଇ ରାଜନୈତିକ ଦୃଷ୍ଟିକୋଣରୁ ଏକ ଘରକିଆ କରିଦିଆଯାଉଥିଲା, ତାହାର ଗ୍ରହଣୀୟତା ବୃଦ୍ଧି ପାଇଲା । ପଞ୍ଜାବର ଶିରୋମଣୀ ଅକାଳୀଦଳ, ମହାରାଷ୍ଟ୍ରର ଶିବସେନା ପ୍ରମୁଖ ବିଜେପିର ଏକ ପ୍ରକାର ସ୍ଥାୟୀ ମିତ୍ରଦଳ ହୋଇଗଲେ । ବିଜୁ ଜନତା ଦଳ ଓ ବିହାର ରାଜ୍ୟର ଜନତା ଦଳ(ଯୁ) ଭଳି ଦଳମାନେ ମଧ୍ୟ ବିଜେପିର ସମର୍ଥକ ହୋଇ ରହିଲେ । ଇତିମଧ୍ୟରେ କେନ୍ଦ୍ରରେ ବିଜେପି ନେତୃତ୍ୱରେ ଏନଡିଏ ଓ କଂଗ୍ରେସ ନେତୃତ୍ୱରେ ୟୁପିଏ ଭଳି ଦୁଇଟି ପ୍ରମୁଖ ରାଜନୈତିକ ମେଣ୍ଟ ଗଢ଼ି ଉଠିଲା । ୨୦୦୪ ଓ ୨୦୦୯ ଲୋକସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱରେ ୟୁପିଏ ମେଣ୍ଟର ସରକାର ଗଠିତ ହୋଇଥିବା ବେଳେ ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜେପି ନେତୃତ୍ୱରେ ଏନଡିଏ ମେଣ୍ଟ ସରକାର ଗଠନ କଲା । ଦୁଇ ପ୍ରମୁଖ ମେଣ୍ଟରୁ ବିଭିନ୍ନ ସମୟରେ କିଛି କିଛି ରାଜନୈତିକ ଦଳ ଓହରି ଯାଉଥିଲେ ସୁଦ୍ଧ । ଏବେ ଯାଏଁ କେନ୍ଦ୍ରରେ ସରକାର ସ୍ଥିର ରହିଛି ।

ବର୍ତ୍ତମାନ ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଦୁଇ ମେଣ୍ଟ ନିଜ ନିଜର ରଣନୀତି ପ୍ରସ୍ତୁତ କରୁଛନ୍ତି । ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜେପି ଲୋକସଭାରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ସୁଦ୍ଧା ମେଣ୍ଟ ଧର୍ମ ବଜାୟ ରଖିଛି । କିନ୍ତୁ ବିଜେପିର ହାବଭାବରୁ ଯାହା ଜଣା ପଡୁଛି। ସେ ନିଜ ଦମରେ ଦେଶରେ ଶାସନକ୍ଷମତା ହାସଲ କରିବାକୁ ଚାହୁଁଛି। ପରୋକ୍ଷରେ ମେଣ୍ଟର ସହଯୋଗୀ ରାଜନୈତିକ ଦଳକୁ ଦୁର୍ବଳ କରିବାକୁ ପ୍ରୟାସ କରୁଛି ଓ ନିଜ ଦଳର ସଂପ୍ରସାରଣ ପାଇଁ ଦିନରାତି କାମ କରୁଛି । ଏହି ମହତ୍ତ୍ୱାକାଂକ୍ଷା ଓ ଅହଂକାର ବିଜେପି ପାଇଁ ଆଗକୁ ସମସ୍ୟା ସୃଷ୍ଟି କରିପାରେ । ଇତି ମଧ୍ୟରେ ବିଜେପି ମେଣ୍ଟରୁ ବିଭିନ୍ନ ପରିସ୍ଥିତିରେ ବିଜୁ ଜନତା ଦଳ, ଅକାଳି ଦଳ ଶିବସେନା ଭଳି ପ୍ରମୁଖ ରାଜନୈତିକ ଦଳ ଦୂରେଇ ଯାଇଛନ୍ତି । ସଦ୍ୟତମ ଘଟଣାରେ ବିହାର ରାଜ୍ୟରେ ନୀତୀଶ କୁମାରଙ୍କ ଜେଡିୟୁ ଦଳ ଏନଡିଏ ମେଣ୍ଟରୁ ଓହରିଯାଇଛି । ନୀତୀଶ କୁମାରଙ୍କ ଦଳର ଅଭିଯୋଗ ହେଲା ବିଜେପି ଗତ ବିଧାନସଭା ନିର୍ବାଚନରେ ଚିରାଗ ପାଶୱାନଙ୍କୁ ମୋହରା କରି ଜେଡିୟୁକୁ କ୍ଷତି ପହଞ୍ଚାଇଛି । ବିଜେପିର ଇସାରାରେ ଚିରାଗ ଜେଡିୟୁ ବିରୁଦ୍ଧରେ ପ୍ରାର୍ଥି ଛିଡା କରାଇଥିବା ବେଳେ ବିଜେପି ଲଢୁଥିବା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥି ଦେଇ ନ ଥିଲେ । ଫଳରେ ଜେଡିୟୁ ଦଳ ପ୍ରାୟ ତିରିସରୁ ଚାଳିଶ ନିର୍ବାଚନମଣ୍ଡଳୀରେ ପରାସ୍ତ ହୋଇଥିଲା । ନିର୍ବାଚନପରେ ଜେଡିୟୁ ଠାରୁ ବିଜେପିର ସଂଖ୍ୟା ଅଧିକଥିଲେ ସୁଦ୍ଧା ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଗଲା । କାରଣ ବିହାର ରାଜ୍ୟରେ ଜନସାଧାରଣଙ୍କୁ ଆକୃଷ୍ଟ କଲାପରି ବିଜେପିର କୌଣସି ବଡନେତାଙ୍କ ଚେହେରାର ଅଭାବ ଥିଲା। ମେଣ୍ଟରେ ଥାଇସୁଦ୍ଧା ଜେଡିୟୁ ଦଳରେ ଫାଟ ସୃଷ୍ଟି କରିବାକୁ ଏକଦା ନୀତୀଶଙ୍କ ପାଖ ଲୋକଥିବା ରାମଚନ୍ଦ୍ର ପ୍ରସାଦ ସିଂଙ୍କୁ ବିଜେପି ବ୍ୟବହାର କରିଛି ବୋଲି ଅଭିଯୋଗ ଉଠେ ।

ଅଭିଯୋଗ କରାଯାଉଛି କି ବିଭିନ୍ନ ରାଜ୍ୟରେ ବିରୋଧିଙ୍କୁ ନିଷ୍ପ୍ରଭ କରିବାପାଇଁ ବିଜେପି ନିରନ୍ତର ପ୍ରୟାସ କରୁଛି । କେଉଁଠାରେ କେନ୍ଦ୍ରୀୟ ସଂସ୍ଥାର ଦୂରୁପଯୋଗ କରି ତ କେଉଁଠାରେ ବିରୋଧିଦଳର ବିଧାୟକଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତକରି ନିଜ ପକ୍ଷକୁ ଟାଣିଆଣି। କର୍ଣ୍ଣାଟକ ରାଜ୍ୟରେ କିଛି ବିଧାୟକଙ୍କୁ ଇସ୍ତଫା ଦିଆଇ କୁମାର ସ୍ୱାମୀଙ୍କ ମେଣ୍ଟ ସରକାରକୁ ଗାଦିଚ୍ୟୁତକରି ବିଜେପି ନିଜେ ସରକାର ଗଢ଼ିଛି । ମଧ୍ୟପ୍ରଦେଶରେ କଂଗ୍ରେସର ବରିଷ୍ଠନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ବ୍ୟବହାରକରି କମଳନାଥ ସରକାରକୁ ହଟାଇ ବିଜେପି ଶାସନଗାଦି ମାଡ଼ି ବସିଲା । ରାଜସ୍ଥାନରେ ସଚିନ ପାଇଲଟଙ୍କୁ ଉସୁକାଇ ଏଭଳି ପ୍ରୟାସ କରାଯାଇଥିଲେ ସୁଦ୍ଧା ନିଜ ଦଳର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରାରାଜେ ସିନ୍ଧିଆଙ୍କ ନିରବ ପ୍ରତିବାଦ ହେତୁ ଏଥିରେ ସଫଳ ହେଲା ନାହିଁ । ମହାରାଷ୍ଟ୍ରରେ ଶିବସେନା ଦଳକୁ ଦିଫାଳ କରି ଏକନାଥ ସିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ କରି ରାଜ୍ୟ ଶାସନରେ ଭାଗିଦାର ସାଜିଛି ବିଜେପି । ଇଡିର ଭୟ ଦେଖାଇ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀଙ୍କ ସମେତ ଅନେକ ବିରୋଧି ନେତାଙ୍କୁ ନିଷ୍ପ୍ରଭ କରିବାକୁ ବିଜେପି ଚକ୍ରାନ୍ତ କରୁଛି ବୋଲି ଅଭିଯୋଗ କରାଯାଉଛି । ବିଜେପିର ଏଭଳି କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ବିଭିନ୍ନ ଅଦାଲତରେ ମୋକଦ୍ଦମା ଦାୟର ହୋଇଛି । ଆଇନକାନୁନ ଦୃଷ୍ଟିରୁ ବିଜେପିର ଏସବୁ କାର୍ଯ୍ୟକଳାପ ଠିକ ନା ଭୁଲ, ତାହା ଅଦାଲତର ରାୟ ଉପରେ ନିର୍ଭର କରୁଛି । କିନ୍ତୁ ଗଣତନ୍ତ୍ର ପାଇଁ ଏକ ସଶକ୍ତ ବିରୋଧିଦଳର ଆବଶ୍ୟକତା ଅପରିହାର୍ଯ୍ୟ । ଏହା ନହେଲେ ଶାସକ ଦଳର ମନମାନି ଚଳିବ ଓ ଦେଶ ଧିରେ ଧିରେ ଶାସକଦଳ ଏକଛତ୍ରବାଦ ଆଡକୁ ଗତି କରିବାର ଆଶଙ୍କା ରହିଛି ।

ଗୋଟିଏ ପରେ ଗୋଟିଏ ରାଜ୍ୟରେ ବିଜେପିର ଏଭଳି ପଛଦ୍ୱାର ଦେଇ କ୍ଷମତା ହାତେଇବା ତଥା ବିରୋଧିଙ୍କୁ ଦୁର୍ବଳ କରିବାକୁ ଶାସନକଳର ଦୂରୁପଯୋଗ କରିବା ଅଭିଯୋଗ ନେଇ ବିରୋଧିଦଳ ପ୍ରତିବାଦ କରିବାକୁ ପ୍ରୟାସ କରୁଛନ୍ତି । କିନ୍ତୁ ଏଭଳି ପ୍ରୟାସକୁ ଜନସାଧାରଣଙ୍କ ସମର୍ଥନ ମିଳୁ ନଥିବା ଅନୁଭବ ହେଉଛି । କାରଣ ଅତୀତରେ ଏହି ବିରୋଧିଦଳମାନେ କ୍ଷମତାରେ ଥିବାବେଳେ ଏଭଳି ଅନୈତିକ ଉପାୟ ଆପଣେଇଥିବାର ନଜିର ରହିଛି । ଏଣୁ ନୈତିକତାର ଦ୍ୱାହି ଦେଇ ବିଜେପିକୁ ଜନସାଧାରଣଙ୍କ ଆଗରେ ନିନ୍ଦିତ କରାଯିବାର ପ୍ରୟାସ କାଟୁକରୁନାହିଁ ।

ବିରୋଧି ଦଳମାନଙ୍କ ମଧ୍ୟରେ ଏକତା ଅଭାବରୁ ହେଉ କିମ୍ବା ନରେନ୍ଦ୍ର ମୋଦୀଙ୍କୁ ଟକ୍କର ଦେବାଭଳି ଚେହେରା ବିରୋଧିମେଣ୍ଟରେ ନଥିବା ଯୋଗୁଁ ହେଉ ୨୦୨୪ ନିର୍ବାଚନ ବିଜେପି ପାଇଁ ସହଜ ହେବ ବୋଲି ଅନେକେ ଅନୁମାନ କରୁଛନ୍ତି। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନରେ ବିରୋଧିଙ୍କ ଫାଟ ବାରି ହୋଇପଡିଲା । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ପରେ ମମତା ଦିଦି ବିରୋଧି ଏକତା ପାଇଁ ଚେଷ୍ଟା କରିଥିଲେ । ବିଶ୍ୱାସ କରାଯାଉଥିଲା ମୋଦୀଙ୍କୁ ଟକ୍କର ଦେବା ପାଇଁ ଦିଦିଙ୍କ ଆକ୍ରମଣାତ୍ମକ ଛବି ବିରୋଧିଙ୍କ ସହାୟକ ହେବ । କିନ୍ତୁ କଂଗ୍ରେସର ବିରୋଧ ଯୋଗୁଁ ତାହା ଫସର ଫାଟିଗଲା । ଏଥର ନୀତୀଶ କୁମାରଙ୍କୁ ନେଇ ବିରୋଧି ଖୁବ ଉତ୍ସାହିତ । ବିବିଧ ବିଚାରଧାରାର ସ୍ୱାକ୍ଷର ବହନ କରୁଥିବା ବିରୋଧି ରାଜନୈତିକ ଦଳଙ୍କୁ ନେଇ ଏକ ସଶକ୍ତ ମେଣ୍ଟ ଜରିଆରେ ବିଜେପିକୁ ସାମନା କରିବାକୁ ନୀତୀଶ କେତେଦୂର ସକ୍ଷମ ହେବେ ତାହା ସମୟ କହିବ । ଅନ୍ୟ ପଟରେ ବିଜେପିର ଅହଂକାର କାରଣରୁ ହେଉ କି ପରୋକ୍ଷରେ ମେଣ୍ଟ ଧର୍ମରୁ ଦୂରେଇ ନିଜସ୍ୱ ଦମରେ ତଥା ନିଜସ୍ୱ ବିଚାରଧାରା ବଳରେ ଏକାକୀ ନିର୍ବାଚନକୁ ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତି ବିଜେପି ପାଇଁ ବୁମେରାଂ ହୋଇପାରେ ବୋଲି ଅନେକେ ସନ୍ଦେହ କରୁଛନ୍ତି । ଶେଷରେ ଏତିକି କୁହାଯାଇପାରେ ସାଂପ୍ରତିକ ରାଜନୈତିକ ପ୍ରେକ୍ଷାପଟରେ ଆମ ଦେଶରେ ମେଣ୍ଟ ରାଜନୀତି ହିଁ ବାସ୍ତବତା ।

# ବଦଳୁଛି ଓଡ଼ିଶାର ଚିତ୍ର

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ବର୍ତ୍ତମାନ କରୋନାର କିଛି ସମସ୍ୟା ଭିତରେ ମଙ୍କିପକ୍ସକୁ ନେଇ ଏକ ପ୍ରକାର ସ୍ୱାସ୍ଥ୍ୟ ଭୟ ଦେଖାଦେଇଛି। ଏ ସମୟରେ ବିଶେଷକରି ପିଲାମାନଙ୍କ ରୋଗପ୍ରତିରୋଧକ ଶକ୍ତି ସମ୍ପର୍କରେ ସାଧାରଣରେ ଆଲୋଚନା ମଧ୍ୟ ହେଉଛି। ଅନେକ ହୁଏତ ଜାଣିନଥିବେ ମା'କ୍ଷୀର ଠାରୁ ଶକ୍ତିଶାଳୀ ଅମୋଘ ରୋଗ ପ୍ରତିରୋଧକ ଶକ୍ତି ଆଉ କିଛି ନାହିଁ। ମା'କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ଏଣୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ସପ୍ତାହେ ବ୍ୟାପୀ ମହିଳାଙ୍କୁ ସ୍ତନ୍ୟପାନ କରାଇବା ଲାଗି ସଚେତନ କରାଯାଏ। ପିଲାଟିଏ ଜନ୍ମ ହେବାର ଏକ ଘଣ୍ଟା ମଧ୍ୟରେ ତାକୁ ମା'କ୍ଷୀର ଦେବା ଉଚିତ। ଏହା ଶିଶୁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ। ୬ମାସରୁ ୨ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇବା ନିମନ୍ତେ ଡାକ୍ତର ମତ ଦିଅନ୍ତି। ୧୯୯୨ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ପ୍ରଥମ ଥର ପାଇଁ ବିଶ୍ୱ ସ୍ତନ୍ୟପାନ ଦିବସ ପାଳନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୭୯ଟି ଦେଶରେ ଏହି ଦିବସ ପାଳନ କରାଯାଉଛି। ପ୍ରତିବର୍ଷ ପରି ଚଳିତ ବର୍ଷର ସ୍ଲୋଗାନ ରହିଛି 'ଷ୍ଟେପ୍ ଅପ୍ ଫର୍ ବ୍ରେଷ୍ଟ ଫିଡିଂ : ଏଜୁକେଟ ଆଣ୍ଡ ସପୋର୍ଟ।' ବିଶ୍ୱର ଏକ ତୃତୀୟାଂଶ ଶିଶୁ ଅପପୁଷ୍ଟି ଯୋଗୁଁ ପାଞ୍ଚ ବର୍ଷ ହେବା ପୂର୍ବରୁ ଆଖି ବୁଜିଥାନ୍ତି। ସନ୍ତାନ ପ୍ରସବ ହେବାର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ବା କୋଲୋଷ୍ଟ୍ରମ ପାନ ଏବଂ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଇବା ଜରୁରୀ। କିନ୍ତୁ ଏ ସମ୍ପର୍କରେ ଅନେକ ଅବଗତ ନୁହଁନ୍ତି। ଏଥିଯୋଗୁଁ ଦୁଇ ତୃତୀୟାଂଶ ଶିଶୁଙ୍କ ମୃତ୍ୟୁ ଘଟୁଛି। ହେଲେ ସ୍ତନ୍ୟପାନ କ୍ଷେତ୍ରରେ ଏବେ ଓଡ଼ିଶାରେ ଚିତ୍ର ଧୀରେ ଧୀରେ ବଦଳୁଛି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହିଳାମାନେ ସ୍ତନ୍ୟପାନ ପ୍ରତି ଅଧିକ ସଚେତନ ହୋଇଛନ୍ତି। ପ୍ରସବ ପରର ପ୍ରଥମ ଦୁଗ୍ଧପାନ କରାଇବା ଏବଂ ନବଜାତକର ଯତ୍ନ ନେବାର ଅନ୍ୟାନ୍ୟ ଦିଗ ପ୍ରତି ଗର୍ଭବତୀ ମହିଳା ଏବଂ ନୂତନ ଭାବେ ମା' ହୋଇଥିବା ମହିଳାମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧିପାଇଛି। ଚାଇଲ୍ଡ ରାଇଟସ୍ ଆଣ୍ଡ ୟୁ ଓ ଭଏସ୍ ଫର ଚାଇଲ୍ଡ ରାଇଟସ୍ ଇନ ଓଡ଼ିଶା ପକ୍ଷରୁ ମାତୃସ୍ୱାସ୍ଥ୍ୟକୁ ନେଇ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ କୋଲୋଷ୍ଟ୍ରମ ପାନ କରାଇବା ଦିଗରେ ଆଭ୍ୟନ୍ତରୀଣ ଓଡ଼ିଶା ତଥା ଆଦିବାସୀ ମହିଳାମାନେ ବିଶେଷ ସଚେତନ ହୋଇଛନ୍ତି। ବଲାଙ୍ଗୀର, କୋରାପୁଟ, ବରଗଡ଼, କଳାହାଣ୍ଡି ଓ କନ୍ଧମାଳର ୧୬୪ ଗ୍ରାମର କେତେଜଣ ମହିଳାଙ୍କୁ ନେଇ ମୋବାଇଲ ଇଣ୍ଟରାକ୍ଟିଭ ଭଏସ ରେକର୍ଡ଼ ଜରିଆରେ କରାଯାଇଥିବା ଏହି ସର୍ଭେରୁ ଜଣାଯାଇଛି ଯେ ୯୧% ମହିଳା ନବଜାତକକୁ କୋଲୋଷ୍ଟ୍ରମ ପାନ କରାଇଥାନ୍ତି। ସେହିଭଳି ୭% ନିଜ ସନ୍ତାନକୁ କୋଲୋଷ୍ଟ୍ରମ ପାନ କରାଇ ନଥିବା ବେଳେ ୨% ଏହି ପ୍ରକ୍ରିୟା ବିଷୟରେ କିଛି ଜାଣି ନଥିବା କହିଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବର୍ତ୍ତମାନ ସମୟରେ ଅଧିକାଂଶ ମହିଳା ଘର ଅପେକ୍ଷା ଡାକ୍ତରଖାନା ବା ନିକଟସ୍ଥ ହସ୍ପିଟାଲରେ ସନ୍ତାନ ପ୍ରସବ କରିବାକୁ ଉଚିତ ମଣୁଛନ୍ତି। ଅନୁନ୍ନତ ତଥା ଅବିକଶିତ ଅଞ୍ଚଳରେ ମଧ୍ୟ ଏଭଳି ସକାରାତ୍ମକ ଚିତ୍ର ଦେଖିବାକୁ ମିଳୁଥିବା ବେଳେ ୯୪% ମହିଳା ଡାକ୍ତରଖାନାରେ ପ୍ରସବ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୯% ସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ରରେ, ୨୮% ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ୭% ଘରୋଇ ହସ୍ପିଟାଲରେ ପ୍ରସବ କରାଉଥିବା ଏହି ସର୍ଭେରୁ ଜଣାପଡ଼ିଛି। ତେବେ ପାଖାପାଖି୬% ମହିଳା ଘରେ ସନ୍ତାନ ପ୍ରସବ କରାଉଥିବା କହିଛନ୍ତି। ତେବେ ହସ୍ପିଟାଲରେ ନବଜାତକଙ୍କୁ କୋଲୋଷ୍ଟ୍ରମ ପାନ କରାଇବା ବାଧ୍ୟତାମୂଳକ ହୋଇଥିବା ବେଳେ ଘରେ ସନ୍ତାନ ପ୍ରସବ କରିବା ବେଳେ ଲୋକମାନେ ଭ୍ରାନ୍ତଧାରଣାର ଶିକାର ହୋଇ ଏଥିରୁ ଦୂରେଇ ରୁହନ୍ତି। ଅନ୍ୟ ପକ୍ଷରେ ୨୦୨୦-୨୧ରେ ନ୍ୟାସନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ ତଥ୍ୟରୁ ଜଣାପଡ଼ିଥିଲା ଯେ, ଗ୍ରାମୀଣ ଓଡ଼ିଶାରେ ୬୮.୭ ପ୍ରତିଶତ ୩ବର୍ଷରୁ କମ୍ ବୟସର ଶିଶୁଙ୍କୁ ପ୍ରସବର କିଛି ଘଣ୍ଟା ଭିତରେ ସ୍ତନ୍ୟପାନ କରାଯାଏ। ତେବେ ଏହି ଆଇଭିଆର ସର୍ଭେକୁ ଦେଖିଲେ କୋଲୋଷ୍ଟ୍ରମ ପାନ କରାଇବାର ମାତ୍ରାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଥିବା ଦେଖାଯାଏ। ସ୍ୱାସ୍ଥ୍ୟ କର୍ମୀମାନଙ୍କ କାଉନ୍‌ସେଲିଂ, ମା'ଗୃହରେ ଏଏନଏମ୍‌ଙ୍କ ପରାମର୍ଶ ଆଦି ଏଭଳି ସକାରାତ୍ମକ ପରିବର୍ତ୍ତନ ଆଣିଥିବା କୁହାଯାଇଛି। ଅଗଷ୍ଟ ୧ରୁ ୭ ତାରିଖକୁ ବିଶ୍ୱ ସ୍ତନ୍ୟପାନ ସପ୍ତାହଭାବେ ପାଳନ କରାଯାଉଥିବା ବେଳେ ଓଡ଼ିଶା ପାଇଁ ଏହା ଏକ ଭଲ ଖବର ବୋଲି ଚାଇଲ୍ଡ ରାଇଟ୍ସ ଆଣ୍ଡ ୟୁର ପ୍ରୋଗ୍ରାମ ହେଡ୍ ପକ୍ଷରୁ ସୂଚନା ଦିଆଯାଇଛି। କୋଲୋଷ୍ଟ୍ରମରେ କେବଳ ପ୍ରୋଟିନ, ଭିଟାମିନ 'ଏ' କିମ୍ବା ସୋଡିୟମ କ୍ଲୋରାଇଡ ନଥାଏ, ବରଂ ଏଥିରେ କାର୍ବୋହାଇଡ୍ରେଟ, ପୋଟାସିୟମ ଓ କ୍ଲୋରାଇଡର ମାତ୍ରା ମଧ୍ୟ କମ୍ ଥାଏ। ମା'କ୍ଷୀରକୁ ମୃତ୍ୟୁ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଏ ନେଇ ସଚେତନତା ବଢ଼ିବା ସହ ସରକାରଙ୍କ ବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବାର ସହାୟତା ନେବା ସବୁଠାରୁ ବାଞ୍ଛନୀୟ।

# ସ୍ୱାଧୀନୋତ୍ତର ଭାରତରେ ଧର୍ମଗତ ବିଦ୍ୱେଷ ବୃଦ୍ଧି

**ପ୍ରଦୀପ ସେନାପତି**

ବିଶ୍ୱ ଜାଣିଲା, ଅଖଣ୍ଡ ଭାରତବର୍ଷ ଛିନ୍ନବିଚ୍ଛିନ୍ନ ହେଲାପରେ ସ୍ୱାଧୀନତା ପାଇଲା। ସାମ୍ପ୍ରଦାୟିକତା ଓ ଧାର୍ମିକତାକୁ ଆଧାର କରିବାର ଏହା ଥିଲା ବାସ୍ତବ ମୂଳମନ୍ତ୍ର। ବାକି ଯାହାସବୁ ରହିଗଲା ତାହା ବିଚ୍ଛିନ୍ନତାବାଦ ଭାରତବର୍ଷକୁ ପୃଥିବୀର ସର୍ବବୃହତ, ଶକ୍ତିଶାଳୀ, ସାର୍ବଭୌମ, ଧର୍ମନିରପେକ୍ଷ, ସମନ୍ୱୟ, ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତାପାଇବା ମଧ୍ୟ ଥିଲା ଆମର ମୂଳମନ୍ତ୍ର। ତାହା ଆଜି ସମଗ୍ର ବିଶ୍ୱରେ ଏହି ଭାଇଚାରାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। କାଳର କରାଳ ଗ୍ରାସରେ ସ୍ୱାଧୀନତା ପ୍ରାପ୍ତିପରେ ଘୃଣ୍ୟ ରାଜନୈତିକ ଚକ୍ରାନ୍ତର ଶିକାର ହୋଇଛନ୍ତି ଆମର ନିରୀହ ଜନସାଧାରଣ, ଯାହା ଅତ୍ୟନ୍ତ ଚିନ୍ତାଜନକ ଅଟେ। ସଂଗ୍ରାମୀମାନଙ୍କର ବର୍ଷ ବର୍ଷ ତପସ୍ୟା, ବହୁ ଦୁଃଖ କଷ୍ଟସାଧ୍ୟ ତ୍ୟାଗ ଫଳରେ ଆଜିର ମହାବଳୀ ହୋଇଥିବା ରାଜନେତାମାନେ ଉପଭୋଗ କରିବା ସଙ୍ଗେ ସଙ୍ଗେ ନିରୀହ ଜନସାଧାରଣମାନଙ୍କୁ ଆଉଥରେ ପରାଧୀନତାର ସ୍ୱାଦ ଦେଖାଇବା ଭଳି ଆଭାସର ଦୃଶ୍ୟ ଏବେ ପ୍ରତୀୟମାନ ହେଉଛି। ଗଣତନ୍ତ୍ରର ମୂଳମନ୍ତ୍ର ଆଜି ନ୍ୟସ୍ତସ୍ୱାର୍ଥ ରାଜନୈତିକ ଚକ୍ରାନ୍ତର ଶିକାର ହୋଇଛି। ଏଠାରେ ଘଟୁଥିବା କେତେକ ପ୍ରାମାଣିକ ଉଦାହରଣସ୍ୱରୂପ ଘଟଣା ସଂକ୍ଷିପ୍ତରେ ଆଜିର ଏହି ପବିତ୍ର ଦିବସରେ ଆଜିର ଅନୁଚିନ୍ତା ଭାବରେ ଗ୍ରହଣ କରିବା ପାଇଁ ବର୍ଣ୍ଣନା କରାଯାଇପାରେ। ଆଜି ଦେଶରେ ଘୃଣା ଓ ବିଦ୍ୱେଷର ବାତାବରଣ ଦିନକୁ ଦିନ ଅଧିକ ତୀବ୍ର ରୂପ ନେଉଥିବା ଅତ୍ୟନ୍ତ ଉଦ୍‌ବେଗଜନକ। ଏହାର ଗୋଟିଏ ପରେ ଗୋଟିଏ ଦୃଷ୍ଟାନ୍ତ ଚିନ୍ତା ବଢାଇଛି। କେରଳରେ ଭାରତ ନାଟ୍ୟମ ନର୍ତ୍ତକୀ ମନସିୟା ଭିପିଙ୍କ ସମସ୍ୟା ଚର୍ଚ୍ଚାକୁ ଆସିଛି। ରାଜ୍ୟର ତ୍ରିଶ୍ୱର ଜିଲ୍ଲାରେ ଇରିଞ୍ଜା ଲାକୁଡ଼ସ୍ଥିତ କୁଦାଲା ମାଣିକ୍ୟମ ମନ୍ଦିରରେ ଏକ ନୃତ୍ୟ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ତାଙ୍କୁ ଅନୁମତି ଦିଆଗଲା ନାହିଁ। କାରଣ ସେ ହିନ୍ଦୁ ନୁହଁନ୍ତି ବୋଲି କୁହାଗଲା। ଯଦିଓ ସେ ମୁସଲମାନ ପରିବାରରେ ଜନ୍ମ ଗ୍ରହଣ କରିଥିଲେ କିନ୍ତୁ ପରେ ସେ ଜଣେ ହିନ୍ଦୁଙ୍କୁ ବିବାହ କରିଛନ୍ତି ଓ ଇସଲାମ ଧର୍ମକୁ ପରିତ୍ୟାଗ କରିଛନ୍ତି। ଏବେ ତାଙ୍କର କୌଣସି ଧର୍ମ ନାହିଁ, ଯାହାକୁ ସେ ନିଜର ବୋଲି କହି ପାରିବେ। ହିନ୍ଦୁ ଧର୍ମରେ ଏକ ସମଧର୍ମୀ ଭାବ ରହିଛି। ଯେଉଁଥିରେ ଜଣେ ନାସ୍ତିକ ମଧ୍ୟ ନିଜ ସ୍ଥାନ ପାଇପାରିବ। 'ମନସିୟା'ଙ୍କ ଗୁରୁବାୟୁର ଶ୍ରୀକୃଷ୍ଣ ମନ୍ଦିରରେ ସମାନ ଅଭିଜ୍ଞତା ହୋଇଥିଲା। ବଡ଼କଥା ହେଲା ଏସବୁ ଘଟଣା କେରଳ ପରି ରାଜ୍ୟରେ ଘଟୁଛି। ଯାହାକୁ ଦେଶର ସର୍ବାଧିକ ଉଦାର ଓ ଶିକ୍ଷିତ ପ୍ରଦେଶଭାବେ ଧରାଯାଏ। ଉଲ୍ଲେଖର ବିଷୟ ଯେ, ଯେଉଁ ମନ୍ଦିରରେ 'ମନସିୟା'ଙ୍କୁ ବାରଣ କରାଗଲା ତା'ର ବୋର୍ଡ଼ ମାର୍କ୍ସବାଦୀମାନଙ୍କ ଦ୍ୱାରା ପରିଚାଳିତ ଓ ସେମାନଙ୍କ ଦଳ ଏବେ ରାଜ୍ୟରେ ଶାସନରେ ରହିଛି। ଆଗରୁ 'ମନସିୟା'ଙ୍କୁ ମୁସଲମାନ ଧର୍ମଯାଜକମାନେ ଏକ ଘରକିଆ କରିଥିଲେ। କାରଣ ହେଲା ସେ ଭାରତ ନାଟ୍ୟମ ନୃତ୍ୟ ଶିକ୍ଷା ପାଇଁ ନିଷ୍ପତ୍ତି ନେଇଥିଲେ। ଯାହାକୁ ଏକ ହିନ୍ଦୁ ନୃତ୍ୟ ପଦ୍ଧତି ବୋଲି ବିଚାର କରାଯାଏ। ମୋଟାମୋଟି ଭାବେ ଦେଖିବାକୁ ଗଲେ ମନସିୟା ଜଣେ ନର୍ତ୍ତକୀ ହେବାରୁ ଓ ନିଜ ପସନ୍ଦର ଜଣେ ହିନ୍ଦୁ ବ୍ୟକ୍ତିଙ୍କୁ ବିବାହ କରିବାରୁ ଉଭୟ ହିନ୍ଦୁ ଓ ମୁସଲମାନ ଧର୍ମ ପାଖରେ ସେ ପ୍ରତ୍ୟାଖ୍ୟାନ ହୋଇଛନ୍ତି। ଯଦିଓ ତାଙ୍କର ଆଚରଣ ବିରୋଧରେ କୌଣସି ଶାସ୍ତ୍ରଗତ କଟକଣା ନାହିଁ ତଥାପି ତାଙ୍କୁ ଏକ ମନ୍ଦିର ପରିସରରେ ନୃତ୍ୟ ପରିବେଷଣ କରିବାକୁ ନିବୃତ୍ତ କରାଯାଇଛି।

ପଡ଼ୋଶୀ କର୍ଣ୍ଣାଟକରେ ମୁସଲମାନ ବ୍ୟବସାୟୀମାନଙ୍କୁ ମନ୍ଦିର ଉତ୍ସବ ଗୁଡ଼ିକରେ ଭାଗ ନେବାକୁ ବାରଣ କରାଯାଇଥିବା ଘଟଣା ସେଠାରେ ହିଜାବ ବିବାଦ ପରେ ଆଉ ଏକ ସାମ୍ପ୍ରଦାୟିକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। କର୍ଣ୍ଣାଟକରେ କେତେକ ମୌଳବାଦୀ ହିନ୍ଦୁ ସଂଗଠନଙ୍କର ଆହ୍ୱାନରେ ତାହା ଘଟିଛି। ମନ୍ଦିର ମସଜିଦ ଓ ଗୀର୍ଜା ଉତ୍ସବ ଗୁଡ଼ିକ ସବୁବେଳେ ସମାଜର ସବୁଶ୍ରେଣୀକୁ ଆକର୍ଷିତ କରିଥାଏ। ଅଧିକାଂଶ ସମୟରେ ବ୍ୟତିକ୍ରମ ହିଁ ନୂତନତ୍ୱ ଯାହା ସୁନ୍ଦରତାର ପରିପ୍ରକାଶ। ସମାଜରେ ଅନେକ ନୂଆ କଥା ଦେଖା ଦେଇଥାଏ। ଯାହାର ରୁଟିନ ଠାରୁ ଭିନ୍ନ ଏବଂ ତାହା ସାମୂହିକ ଆକର୍ଷଣର କାରଣ। ଜାତୀୟ ଧର୍ମ କ୍ଷେତ୍ରରେ ସେହି ଯୁକ୍ତି ପ୍ରଯୁଜ୍ୟ। ଯଦିଓ ସେମାନଙ୍କ ମଧ୍ୟରେ ବିଦ୍ୱେଷ ସୃଷ୍ଟିକାରୀ ତିକ୍ତତାକୁ ଉସୁକାଇଥା'ନ୍ତି। ଓଡ଼ିଶା ପରି ରାଜ୍ୟରେ ସଂଖ୍ୟାଲଘୁ କମ୍ ହୋଇଥିଲେ ହେଁ ସେଠାରେ ଗୋଟିଏ ଧର୍ମର ଉତ୍ସବରେ ଅନ୍ୟ ଧର୍ମାବଲମ୍ବୀମାନେ ସହଯୋଗ କରିଥାନ୍ତି। କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ମନ୍ଦିରକୁ ଭୋଗ ନେଇ ଯାଇଥିବା ହିନ୍ଦୁ ଭକ୍ତମାନେ ଯେଉଁ ଦୋକାନୀ ଠାରୁ ଫଳ କିଣନ୍ତି ତା'ର ଧାର୍ମିକ ପରିଚୟ ସେମାନେ ପଚାରିଥା'ନ୍ତି। ଅର୍ଥାତ୍ ମୁସଲମାନ ଫଳ ଦୋକାନୀଙ୍କ ଠାରୁ ହିନ୍ଦୁ ଭକ୍ତମାନେ ଫଳ କିଣି ମନ୍ଦିରକୁ ଯାଆନ୍ତି। ଭାରତ ଯେହେତୁ ଏକ ପ୍ରାଚୀନ ସଭ୍ୟତା, ଏଠାରେ ସମସ୍ତ ଧାର୍ମିକ କାର୍ଯ୍ୟକ୍ରମ ବ୍ୟବସାୟୀକ ସୁଯୋଗ ସୃଷ୍ଟି କରିଥାଏ। ଯାନିଯାତ୍ରା ବା ମେଳାରେ ବ୍ୟବସାୟ କରୁଥିବା ବିଭିନ୍ନ ଧର୍ମ ଓ ଜାତିର ଲୋକେ ନିଜ ସାମଗ୍ରୀକୁ ବିକନ୍ତି। ଏଥିରେ ଗୁଡ଼ିଏ ଦୋକାନ ବା ଷ୍ଟଲ ଖୋଲିଥାଏ। ସେଥିପାଇଁ ଦୋକାନୀମାନେ ଫିସ୍ ମଧ୍ୟ ଦିଅନ୍ତି। ଏହା ମୋଟାମୋଟି ଭାବେ ଅର୍ଥନୀତିକୁ ସାହାଯ୍ୟ କରେ। ଏ କ୍ଷେତ୍ରରେ କେହି ଦୋକାନୀର ଧର୍ମ ବା ସମ୍ପ୍ରଦାୟକୁ ପଚାରନ୍ତି ନାହିଁ। କିନ୍ତୁ କର୍ଣ୍ଣାଟକରେ ଏବେକାର ବିବାଦରେ ରାଜ୍ୟର ବିଜେପି ସରକାର କୌଣସି ଭୂମିକା ଗ୍ରହଣ ନ କରିବା ବିସ୍ମୟର ବିଷୟ। ପୁଣି ଯୁକ୍ତି ହେଉଛି ଯେ, ସେଠାରେ କଂଗ୍ରେସ ସରକାର ବେଳେ ଅନୁରୂପ ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା। ଦୁଇଟି ଭୁଲ୍‌କୁ ମିଶାଇ ତାକୁ ଗୋଟିଏ ଠିକ୍ ବୋଲି ଗ୍ରହଣ କରାଯାଇ ପାରିବ ନାହିଁ। ଆଶ୍ୱସ୍ତିର ବିଷୟ ରାଜ୍ୟରେ ଦୁଇଜଣ ବିଜେପି ବିଧାୟକ ମୁସଲମାନ ବ୍ୟବସାୟୀଙ୍କୁ ବାଦ୍ ଦିଆଯିବା ଦାବିକୁ ବିରୋଧ କରିଛନ୍ତି। ଏବେ ସ୍ୱାଧୀନତା ପରେ ଗଣତନ୍ତ୍ରରେ ଲୋକେ ଯେ ନିଜର ଶାସକଙ୍କୁ ବାଛିବାର ଅଧିକାର ରହିଛି ସେତିକି ନୁହେଁ ସେମାନେ ନିଜ ପସନ୍ଦର ଦୋକାନରୁ ଜିନିଷ କିଣିପାରିବେ। ଦୋକାନୀ ବା ଖର୍ଦ୍ଦି ଦ୍ରବ୍ୟ ପସନ୍ଦ ଉପରେ ଅଙ୍କୁଶ ଲଗାଇବାର ଅଧିକାର କାହାରି ନାହିଁ। ଭାରତ ପୃଥିବୀର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଯେଉଁଠାରେ ଧର୍ମନିରପେକ୍ଷତାକୁ ଆଧାର ଭାବରେ ଗ୍ରହଣ କରାଯାଇଛି। ଗଣତନ୍ତ୍ରର ବିଶେଷତ୍ୱ ହେଲା ବିବିଧତା। ସେହି ମୂଳ ନୀତି ଉପରେ କୁଠାରଘାତର ପ୍ରତ୍ୟେକ ଉଦ୍ୟମ ନିନ୍ଦନୀୟ। କର୍ଣ୍ଣାଟକରେ ଜଣେ ବିଧାୟକ ଯଥାର୍ଥରେ ପ୍ରଶ୍ନ କରିଛନ୍ତି ଯେ, କେତେକ ମୁସଲମାନ ଦେଶରେ ଯଦି କେବଳ ଗୋଟିଏ ସମ୍ପ୍ରଦାୟର ଲୋକଙ୍କୁ ବ୍ୟବସାୟ କରିବାକୁ ଦିଆଯିବ ତେବେ କ'ଣ ହେବ। ଗଲ୍ଫ ରାଷ୍ଟ୍ର ଗୁଡ଼ିକ ପାଇଁ ଏହି ପ୍ରଶ୍ନ ଉଠାଯାଇପାରେ। କରୋନା ବେଳେ ଯେତେବେଳେ ହଜାର ହଜାର ଲୋକ ଚିକିତ୍ସା ସୁବିଧା ପାଇନଥିଲେ। ଏପରିକି ସେଥିରେ ମୃତକଙ୍କ ଶରୀରକୁ ଆତ୍ମୀୟମାନେ ଛୁଇଁ ନଥିଲେ ସେହି ସମୟରେ ଗୁଜୁରାଟରେ ଜଣେ ମୁସଲମାନ ଅବଦୁଲ ରହମାନ ମାଲବାରୀ ଜାତିଧର୍ମ ନିର୍ବିଶେଷରେ ଅନେକ ମୃତକଙ୍କର ଶବ ସଂସ୍କାର କରିଥିଲେ। କାହାର ଶବକୁ ପୋଡ଼ା ଯାଇଥିଲା ତ କାହାକୁ କବର ଦିଆଯାଇଥିଲା। କିନ୍ତୁ ସବୁ କ୍ଷେତ୍ରରେ ମୃତ ବ୍ୟକ୍ତିମାନଙ୍କ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ସେତେବେଳେ କେହି ପଚାରିଲେ ନାହିଁ ଯେ କିପରି ଜଣେ ମୁସଲମାନ ହିନ୍ଦୁ ଶବର ସଂସ୍କାର କରୁଛନ୍ତି। ସେହିପରି ଦିଲ୍ଲୀରେ ଶେର ସିଂ ନାମକ ଜଣେ ବ୍ୟକ୍ତି ଜାଦିର କବର ସ୍ଥାନରେ ବହୁ ଶବକୁ ପୋତିବାରେ ସାହାଯ୍ୟ କରିଥିଲେ। ଯଦି ମୃତ୍ୟୁ ହିନ୍ଦୁ ଓ ମୁସଲମାନମାନଙ୍କୁ ଏକାଠି କରିପାରୁଛି, ତେବେ ଜୀବନ କାହିଁକି ସେହି ବିଶେଷତ୍ୱକୁ ସାବ୍ୟସ୍ତ କରିବ ନାହିଁ। ବିଂଶ ଶତାବ୍ଦୀର ପ୍ରାରମ୍ଭରେ କେରଳର ସବରୀମାଳା ମନ୍ଦିର ପୋଡ଼ିଗଲା ପରେ ଜଣେ ଖ୍ରୀଷ୍ଟିୟାନ କଣ୍ଟ୍ରାକ୍ଟର ତା'ର ପୁନରୁଦ୍ଧାର କରିଥିଲେ। ସେହି ମନ୍ଦିରକୁ ଯିବା ପୂର୍ବରୁ ଭକ୍ତଙ୍କୁ ପ୍ରଥମେ ତିରୁମାଲିରେ ଏକ ମସଜିଦକୁ ଯିବାକୁ ପଡ଼େ ଯେଉଁଥିରେ କେହି କିଛି ଅସୁବିଧା ଦେଖନ୍ତି ନାହିଁ। ଦୁଃଖର ବିଷୟ ଯେ ସମ୍ପ୍ରତି ଦେଶରେ ଧର୍ମଭିତ୍ତିରେ ବିଭେଦ ବଢାଇବାକୁ ଯେଉଁ ଉଦ୍ୟମ ହେଉଛି ତାକୁ ବନ୍ଦ କରିବା ପାଇଁ ଆଜିର ପବିତ୍ର ଦିବସର ଅନୁଚିନ୍ତା ଜରୁରୀ। ନଚେତ ସ୍ୱାଧୀନତାର ଭବିଷ୍ୟତ ଗଣତନ୍ତ୍ରକୁ ଦୁର୍ବଳ ଆଡ଼କୁ ଗତି କରିବ।

# ବୟଫ୍ରେଣ୍ଡଙ୍କୁ ବିବାହ କରିବେ ସୁଜେନ



ହ୍ରିତିକ୍ ରୋଶନ ଓ ତାଙ୍କର ପୂର୍ବତନ ପତ୍ନୀ ସୁଜେନ ଖାନ ଛାଡ଼ପତ୍ର ପରେ ମଧ୍ୟ ପରସ୍ପରର ଭଲ ବନ୍ଧୁ ହୋଇ ରହିଛନ୍ତି। ଉଭୟଙ୍କୁ ଅନେକ ସମୟରେ ଏକା ସାଥିରେ ସମୟ ବିତେଇବାର ଦେଖିବାକୁ ମିଳେ। ହ୍ରିତିକ୍ ରୋଶନ ବର୍ତ୍ତମାନ ସମୟରେ ଅଭିନେତ୍ରୀ ତଥା ସିଙ୍ଗର ସବା ଆଜାଦଙ୍କୁ ଡେଟ୍ କରୁଛନ୍ତି। ସେପଟେ ସୁଜେନ ଖାନ, ଅର୍ସଲାନ ଗୋନୀଙ୍କ ସହ ସଂପର୍କରେ ଅଛନ୍ତି। ବହୁ ଦିନରୁ ଚର୍ଚ୍ଚା ହେଉଛି କି, ହ୍ରିତିକ୍ ଓ ସବା ବିବାହ କରିପାରନ୍ତି। ହେଲେ ସଦ୍ୟ ଖବର ମୁତାବିକ , ହ୍ରିତିକ୍ ନୁହେଁ ସୁଜେନ ବିବାହ କରିବାକୁ ପ୍ରସ୍ତୁତି କରୁଛନ୍ତି। ସୁଜେନ ଖାନ ଓ ଅର୍ସଲାନି ଗୋନି ପରସ୍ପର ସହ ବହୁତ ଦିନରୁ ସଂପର୍କରେ ଅଛନ୍ତି। ଉଭୟ ନିଜର ସଂପର୍କକୁ କେବେବି ଲୁଚେଇବାକୁ ଚେଷ୍ଟା କରୁ ନାହାନ୍ତି। ଦୁହିଁଙ୍କୁ ଅନେକ ସମୟରେ ପାର୍ଟି କରିବା ବା ଡେଟ୍‌ରେ ଯିବାର ଦେଖିବାକୁ ମିଳେ। କୁହାଯାଉଛି କି, ସୁଜେନ ଓ ଅର୍ସଲାନ ବିବାହ କଥା କହୁଛନ୍ତି। ଏହି ବିବାହ ବହୁତ କମ୍ ଲୋକଙ୍କ ଉପସ୍ଥିତିରେ ହେବାକୁ ଯାଉଛି। ବଲିଉଡ୍ ଲାଇଫ୍ ସହ ଏକ ସୂତ୍ର କଥା ହୋଇ କହିଛି, ସୁଜେନ ଓ ଅର୍ସଲାନ ବହୁତ ମାଚ୍ୟୋର ଏବଂ ଜାଣନ୍ତି ସେ ନିଜର ବାକି ଜୀବନ ସାଥି ହୋଇ ବିତେଇବାକୁ ଚାହୁଁଛନ୍ତି ଏବଂ ବିବାହ ବିଷୟରେ ସେ ଭାବୁଛନ୍ତି। ସୁଜେନ ୨ୟ ବିବାହ କରିବାକୁ ଭାବିଚିନ୍ତି ନିଷ୍ପତ୍ତି ନେଇଛନ୍ତି । ଯଦି ଏହି କପଲ୍ ବିବାହ କରିବେ ତ ଏହା ସାଧାରଣ ଉପାୟରେ ହେବାକୁ ଯାଉଛି। ଏଥିରେ କୌଣସି ଗ୍ରାଣ୍ଡ ସେଲିବ୍ରେସନ ହେବ ନାହିଁ। ଉଲ୍ଲେଖନୀୟ ଯେ, ହ୍ରିତିକ୍ ରୋଶନ ଓ ସୁଜେନ ଖାନ ୨୦ ଡିସେମ୍ବର ୨୦୦୦ରେ ବିବାହ କରିଥିଲେ। ୨୦୧୪ ମସିହାରେ ଉଭୟ ଛାଡ଼ପତ୍ର ଦେଇଥିଲେ। ଦୁହିଁଙ୍କର ଦୁଇଜଣ ପୁଅ ଅଛନ୍ତି – ରେହାନ ଓ ରିଦାନ। ଅଲଗା ହେବା ପରେ ବି ହ୍ରିତିକ୍ ଓ ସୁଜେନଙ୍କ ମଧ୍ୟରେ ଭଲ ବନ୍ଧୁତା ରହିଛି।

# ମନ୍ଦିରରେ ପାଳନ ହୁଏ ସ୍ୱାଧୀନତା ଦିବସ



ଏଥର ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ଧୁମ୍‌ଧାମ୍‌ର ସହ ପାଳନ କରୁଛି। ସବୁ ଜାଗାରେ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ଚାଲିଛି। କିନ୍ତୁ ଏପରି ଏକ ମନ୍ଦିର ଯେଉଁଠାରେ ସ୍ୱାଧୀନତାର ପର୍ବ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଚାଲିଛି। ଝାଡଖଣ୍ଡର ରାଞ୍ଚିସ୍ଥିତ ଏହି ମନ୍ଦିରର ନାମ ସ୍ୱାଧୀନତା ସହିତ ଜଡିତ। ପ୍ରତ୍ୟେକ ଜାତୀୟ ପର୍ବରେ ଏଠାରେ ପତାକା ଉତ୍ତୋଳନ କରାଯାଏ। ଏହି ଦିନ ବହୁ ସଂଖ୍ୟକ ଲୋକ ଏଠାରେ ପହଞ୍ଚି ତ୍ରିରଙ୍ଗାକୁ ସଲାମ କରନ୍ତି। ପ୍ରତ୍ୟେକ ଜାତୀୟ ପର୍ବକୁ ସ୍ୱତନ୍ତ୍ର କରିବା ପାଇଁ, ଏଠାରେ ଲୋକମାନେ ଅନେକ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରନ୍ତି। ରାଞ୍ଚି ଠାରୁ ପ୍ରାୟ ୫ କିଲୋମିଟର ଦୂରରେ ଏକ ପାହାଡ ଉପରେ ବାବା ଭୋଲେନାଥଙ୍କ ଏହି ମନ୍ଦିର ରହିଛି। ଏହି ମନ୍ଦିରକୁ ପାହାଡୀ ମନ୍ଦିର ମଧ୍ୟ କୁହାଯାଏ। ଫେବୃଆରୀରୁ ଅକ୍ଟୋବର ପର୍ଯ୍ୟନ୍ତ ଏଠାରେ ଶିବ ଭକ୍ତମାନଙ୍କର ସମାବେଶ ରହିଥାଏ। ଶ୍ରାବଣ ମାସରେ ପ୍ରତ୍ୟେକ ଦିନ ମନ୍ଦିର କାଉଡିଆରେ ପରିପୂର୍ଣ୍ଣ ରହିଥାଏ। ମହାଶିବରାତ୍ରୀ, ନାଗପଞ୍ଚମୀ କିମ୍ବା ଶ୍ରାବଣ ମାସର ଭକ୍ତମାନେ ମହାଦେବଙ୍କ ଦର୍ଶନ ଲାଗି ଏଠାରେ ପହଞ୍ଚନ୍ତି। ପାହାଡୀ ମନ୍ଦିରର ପାଦଦେଶରେ ବହୁତ ସୁନ୍ଦର ହ୍ରଦ ଅଛି। ୧୮୪୨ ମସିହାରେ କର୍ଣ୍ଣେଲ ଅନସଲିଙ୍କ ଦ୍ୱାରା ଏହା ଖନନ କରାଯାଇଥିଲା। ହ୍ରଦଟି ଦୁଇଟି ମନ୍ଦିର ଏବଂ ସ୍ନାନ ଘାଟ ଦ୍ୱାରା ଘେରି ରହିଛି। ଯେତେବେଳେ ବି ଭକ୍ତ ଭଗବାନ ଶିବଙ୍କ ଦର୍ଶନ କରିବାକୁ ଏଠାକୁ ଆସନ୍ତି, ସେ ପାହାଡ ଉପରକୁ ଯିବା ପୂର୍ବରୁ ଏହି ହ୍ରଦରେ ବୁଡ଼ ପକାନ୍ତି, ଯାହା ପରେ ସେ ଦର୍ଶନ ପାଇଁ ମନ୍ଦିରକୁ ଯାଆନ୍ତି। ଏଠାରେ ଥିବା ଲୋକଙ୍କ କହିବାନୁସାରେ, ବହୁ ସଂଖ୍ୟକ ଲୋକ ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ଅନେକେ ସ୍ୱାଧୀନତା ପାଇବା ପାଇଁ ନିଜ ଜୀବନ ଦେଇଥିଲେ ଏବଂ କେତେକଙ୍କୁ ଫାଶୀ ଦିଆଯାଇଥିଲା। ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ଏଠାରେ ଫାଶୀ ଦିଆଯାଇଥିଲା। ଯେତେବେଳେ ଦେଶ ସ୍ୱାଧୀନତା ପାଇଲା, ସେତେବେଳେ ରାଞ୍ଚିର ଲୋକମାନେ ସେହି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ପତାକା ଉତ୍ତୋଳନ କରିଥିଲେ, ସେହି ଦିନଠାରୁ ଏହି ପରମ୍ପରା ଜାରି ରହିଛି। ପ୍ରତିବର୍ଷ ସ୍ୱାଧୀନତା ଦିବସ ଏବଂ ଗଣତନ୍ତ୍ର ଦିବସରେ ଏଠାରେ ପତାକା ଉତ୍ତୋଳନ କରାଯାଏ। ଏହା ଅନ୍ୟ କୌଣସି ମନ୍ଦିରରେ ଦେଖାଯାଏ ନାହିଁ ।

# ମହିଳାଙ୍କୁ ସ୍ନେହ ଓଜାଡ଼ି ଦେଲେ କୁକୁର ପଲ



ବନ୍ଧୁତ୍ୱରେ କୌଣସି ବୟସ, ଲିଙ୍ଗ, ଧର୍ମ ଆଦି କିଛି ବି ନଥାଏ। ବନ୍ଧୁତ୍ୱ ସବୁବେଳେ ଯେ ଜଣେ ମଣିଷର ଅନ୍ୟ ଜଣେ ମଣିଷ ସହିତ ହିଁ ହୁଏ, ସେପରି ନଥାଏ। ଆପଣଙ୍କର ନିଜ ପୋଷ୍ୟ ପ୍ରାଣୀ ସହ ବି ବନ୍ଧୁତ୍ୱ ହୋଇପାରେ। ପୋଷ୍ୟ କାହିଁକି, ବୁଲା ପ୍ରାଣୀ ସହ ବି ଘଟିପାରେ ବନ୍ଧୁତ୍ୱ ପରି ଏକ ସୁନ୍ଦର ଅନୁଭବ। ନିକଟରେ ସୋସିଆଲ୍ ମିଡିଆରେ ଏକ ଭିଡିଓ ଭାଇରାଲ୍ ହୋଇଛି। ଭାଇରାଲ୍ ଭିଡିଓରେ କିଛି ବୁଲା କୁକୁର ଜଣେ ମହିଳାଙ୍କୁ ଘେରି ଯାଇ ଯେପରି ତାଙ୍କ ସହ ଖେଳିବାରେ ଲାଗିଛନ୍ତି ତାହାକୁ ଦେଖିବା ପରେ ଆପଣ ବନ୍ଧୁତ୍ୱ କ'ଣ ନିଶ୍ଚୟ ବୁଝିପାରିବେ। ଏହି ଭିଡିଓଟିକୁ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ସେୟାର କରିଛନ୍ତି ହର୍ଷ ଗୋଏଙ୍କା। ସେ ତାଙ୍କ ପୋଷ୍ଟ୍‌ରେ ଲେଖିଛନ୍ତି, 'ମୁଁ ବନ୍ଧୁତ୍ୱ ଦିବସରେ ଅନେକ ଭିଡିଓ ଦେଖିଲି। ଏହି ଭିଡିଓଟି ଦିଲ୍ଲୀର।

# ଗଭୀର ରହସ୍ୟମୟ

ପୃଥିବୀ ସର୍ବଦା ଏକ ଘୂର୍ଣ୍ଣିବଳୟ ଦେଇ ଗତି କରୁଥାଏ। ନିକଟରେ ଚିଲିରେ ସୃଷ୍ଟି ହୋଇଥିବା ଏକ ରହସ୍ୟମୟ ସିଙ୍କ୍‌ହୋଲ୍ ବା ଗର୍ତ୍ତ ବୈଜ୍ଞାନିକମାନଙ୍କ କୌତୂହଳ ବୃଦ୍ଧି କରିଛି। ଏହି ସିଙ୍କ୍‌ହୋଲ୍‌ଟି ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ଜାଣିବାକୁ ମିଳିଛି ଯେ ଏହି ଗର୍ତ୍ତର ଗଭୀରତା ଉପରୁ ତଳ ପର୍ଯ୍ୟନ୍ତ ପ୍ରାୟ ୬୫୬ ଫୁଟ୍ ହେବ। ଗର୍ତ୍ତଟି ଚିଲିର ଟିଆରା ଆମାରିଲା ଖଣି ସହରରେ ହୋଇଥିବା ସୂଚନା ରହିଛି। ଏହି ଗର୍ତ୍ତଟି କିପରି ସୃଷ୍ଟି ହେଲା ତାହା ଜାଣିବା ପାଇଁ ଚିଲି ସରକାର ତଦନ୍ତ ଆରମ୍ଭ କରି ଦେଇଛନ୍ତି। ସେଠାକାର ନ୍ୟାସ୍‌ନାଲ୍ ଜିଓଲୋଜି ଓ ମାଇନିଂ ସର୍ଭିସ୍ ପକ୍ଷରୁ କରାଯାଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି କି ଏହି ଗର୍ତ୍ତଟିର ଚଉଡ଼ା ପ୍ରାୟ ୮୨ ଫୁଟ୍। ଏହି ଗର୍ତ୍ତରୁ



୧୦୦ ମିଟର ଦୂରତା ମଧ୍ୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି, ଯେପରି ଏହି ଏହି ଗର୍ତ୍ତରେ ପଡ଼ିଯାଇ ଦୁର୍ଘଟଣାର ସମ୍ମୁଖୀନ ନହୁଅନ୍ତି। ଅଞ୍ଚଳଟି ଯେଉଁ କମ୍ପାନୀ ଅଧୀନରେ ରହିଛି ସେହି କମ୍ପାନି ପକ୍ଷରୁ କୁହାଯାଇଛି ଯେ ଅଚାନକ ମାଟି ଧସି ସୃଷ୍ଟି ହୋଇଥିବା ଏହି ଗର୍ତ୍ତ ହେତୁ କୌଣସି କର୍ମଚାରୀ, ଯନ୍ତ୍ରପାତି କିମ୍ବା ଭିତ୍ତିଭୂମି ପ୍ରଭାବିତ ହୋଇନାହିଁ। ତେବେ ଏହି ରହସ୍ୟମୟ ଗର୍ତ୍ତଟି ଚିହ୍ନଟ ହେବା ପରେ ଏହାର ଆକାରରେ କୌଣସି ପରିବର୍ତ୍ତନ ଆସୁନାହିଁ, ତାହା ଏକଦମ ସ୍ଥିର ରହିଛି। ସାଣ୍ଟିଗୋର ପ୍ରାୟ ୮୦୦ କିଲୋମିଟର ଉତ୍ତରରେ ଏହି ଗର୍ତ୍ତଟି ଦେଖିବାକୁ ମିଳିଛି। ସୁରକ୍ଷା ଦୃଷ୍ଟିରୁ ଅସ୍ଥାୟୀ ଭାବେ ସେହି ଅଞ୍ଚଳରେ ଚାଲୁଥିବା ଖନନ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି।

# 'ପୁଷ୍ପା'ର ରେକର୍ଡ ଭାଙ୍ଗିଲା 'ସରକାରୁ ବାରୀ ପାଟା'



ମହେଶ ବାବୁ। ଏ ନାଁଟିକୁ କିଏ ବା ନଜାଣେ। ପ୍ରତି ଘରେ ଘରେ ପରିଚିତ ଏହି ନାଁ। ଟଲିଉଡ୍‌ର ହୋଇ ମଧ୍ୟ ସିନେ ପ୍ରେମୀଙ୍କ ହୃଦୟରେ ରାଜ କରନ୍ତି ମହେଶ ବାବୁ। ଏପିରିକି ସେ ପ୍ରିନ୍ସ ଅଫ୍ ଟଲିଉଡ୍ ନାଁରେ ମଧ୍ୟ ପରିଚିତ। ନିଜର ସ୍ୱତନ୍ତ୍ର ଅଭିନୟ, ଡ୍ୟାନ୍ସିଂ, ଆକ୍ସନକୁ ନେଇ ଖୁବ୍ ପପୁଲାର ମହେଶ ବାବୁ। ଆଜି ତାଙ୍କ ଜନ୍ମଦିନରେ ତାଙ୍କ ଫିଲ୍ମ 'ସରକାରୁ ବାରୀ ପାଟା' ସୁପର ହିଟ୍ ଫିଲ୍ମ ରୂପେ ଉଭା ହୋଇଛି। ତାଙ୍କ ଫିଲ୍ମ ପୁଷ୍ପାର ରେକର୍ଡ ଭଙ୍ଗ କରିଥିବା ଜଣାପଡିଛି। ସାଉଥ୍ ସୁପରଷ୍ଟାର ପ୍ରିନ୍ସ ମହେଶ ବାବୁ ନିଜ ସୁପରହିଟ୍ ଫିଲ୍ମ ଓ ହ୍ୟାଣ୍ଡସମ୍ ଲୁକ୍ ପାଇଁ ବେଶ୍ ପରିଚିତ। ତାଙ୍କ ଗୁଡ୍ ଲୁକ୍ ଓ ପର୍ଫୋମାନ୍ସ ପାଇଁ ତାଙ୍କୁ ଅନେକଥର ବଲିଉଡ୍‌ରେ ବି ଫିଲ୍ମ ଅଫର ହୋଇସାରିଛି। ତାଙ୍କ ତେଲୁଗୁ ସିନେମା ଗୁଡ଼ିକର ହିନ୍ଦୀ ଡବିଙ୍ଗ୍‌କୁ ବି ଅନେକ ଭଲପାଇବା ମିଳୁଛି। ତା' ଭିତରେ ଅଛି ମହର୍ଷି, ଶ୍ରୀମନ୍ତୁଡୁ, ଭରତ ଅନେ ନେନୁ ଓ ବିଜ୍‌ନେସ୍‌ମ୍ୟାନ୍ ଭଳି ଅନେକ ଚଳଚ୍ଚିତ୍ର। ତାଙ୍କର ବହୁ ଚର୍ଚ୍ଚିତ ଫିଲ୍ମ 'ସରକାରୁ ବାରୀ ପାଟା' ରିଲିଜ୍‌ର ୧୨ ଦିନରେ ୨୦୦ କୋଟି ଛୁଇଁଛି। ଯାହା ଏବେ ଯାଏଁ ୟୁଏସ୍‌ଏ ବକ୍ସ ଅଫିସ୍‌ରେ ରାଜ୍ କରୁଛି। ସିନେମାର ୱାର୍ଲଡ୍ ୱାଇଡ୍ କଲେକ୍ସନ୍‌କୁ ନେଇ ଏହାର ନିର୍ମାତାମାନେ ଏହାକୁ ୨୦୨୨ର ହାଇୟେଷ୍ଟ ଗ୍ରସିଙ୍ଗ୍ ଆଞ୍ଚଳିକ ତେଲୁଗୁ ସିନେମା ବୋଲି ଘୋଷଣା କରିଛନ୍ତି। ସିନେମାର ଏତେ ମାତ୍ରାରେ ସଫଳତା ପରେ ଅନେକ ଆଲୋଚନା ଉଠିଛି ଯେ ଏହା 'ପୁଷ୍ପା ଦି ରାଇଜ୍' ର ରେକର୍ଡ ଭାଙ୍ଗିଛି। ବାସ୍ତବରେ ସୁକୁମାରଙ୍କ ନିର୍ଦ୍ଦେଶିତ ସାଉଥ୍ ସୁପରଷ୍ଟାର ଅଲୁ ଅର୍ଜନ୍ ଷ୍ଟାର ଫିଲ୍ମ 'ପୁଷ୍ପା ଦି ରାଇଜ୍' ୧୨ ଦିନରେ ବକ୍ସ ଅଫିସ୍‌ରେ ୧୯୦.୮୪ କୋଟି କମାଇଥିଲା। ଯାହାର ରେକର୍ଡ ଭାଙ୍ଗିଛି ମହେଶ ବାବୁଙ୍କ ସିନେମା 'ସରକାରୁ ବାରୀ ପାଟା'। ଏହା ୧୨ ଦିନରେ ୨୦୦ କୋଟି କ୍ଲବ୍‌ରେ ସାମିଲ ହୋଇ 'ପୁଷ୍ପା' ର ରେକର୍ଡ ଭାଙ୍ଗିଛି। ସିନେମାରେ ମହେଶ ବାବୁଙ୍କ ଲୁକ୍ ଓ ଡ୍ୟାନ୍ସ ସାଙ୍ଗକୁ ଗୀତ ଗୁଡ଼ିକ ଖୁବ୍ ଆକର୍ଷକ ହୋଇଛି। ଏଥିରେ ତମନ୍ ମ୍ୟୁଜିକ୍ ଭାର ସମ୍ଭାଳିଛନ୍ତି। ପୂର୍ବରୁ ତାଙ୍କ ସହ ମହେଶଙ୍କ ଯୋଡି ଜମିଥିଲା ବିଜ୍‌ନେସ୍‌ମ୍ୟାନ୍ ସିନେମାରେ, ଯାହାର ହିନ୍ଦୀ ଡବ୍‌କୁ ଲୋକେ ବେଶ୍ ପସନ୍ଦ କରିଛନ୍ତି। କୋରାଟଲା ଶ୍ରୀନିବାସଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଭରତ ଅନେ ନେନୁ' ହେଉଛି ମହେଶ ବାବୁଙ୍କ ହାଇୟେଷ୍ଟ ଅର୍ଣ୍ଣିଙ୍ଗ୍ ସିନେମା।

# ଲୁଣା ଓ ଚିତ୍ରୋତ୍ପଳା ନଦୀ: ବିପଦ ସଂକେତ ଉପରେ ବନ୍ୟାଜଳ

ନିଶ୍ଚିନ୍ତକୋଇଲି, ୧୯।୮ (ନିପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ପ୍ରବାହିତ ହେଉଥିବା ଲୁଣା - ଚିତ୍ରୋତ୍ପଳା ନଦୀରେ ସୃଷ୍ଟି ହୋଇଥିବା ବନ୍ୟାଯୋଗୁ ବିପଦ ସଂକୁଳ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ଦୁଇଟିଯାକ ନଦୀରେ ଜଳର ସ୍ରୋତ ଜୋର ରହିଥିଲା ବେଳେ କେନ୍ଦୁପାଟଣା ବନ୍ୟାନିୟନ୍ତ୍ରଣ କକ୍ଷ ମାପ ପୋଷ୍ଟରେ ବର୍ତ୍ତମାନ ସୁଦ୍ଧା ୧୫.୦୮ ମିଟର ଲେବୁଲରେ ଜଳସ୍ତର ରହିଥିବା ନିର୍ବାହୀ ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି । ୨୦୦୮ ମସିହା ବନ୍ୟାରେ ଏଠାରେ ସର୍ବୋଚ୍ଚ ୧୬.୫୭ ମିଟର ଉଚ୍ଚତରେ ଜଳସ୍ତର ରହିଥିଲା । ନଦୀରେ ସାଧାରଣ ଜଳସ୍ତର ୧୩.୩୦ ମିଟର ଓ ବିପଦ ସଂକୁଳ ୧୪.୮୮ ରହିଥିବା ବେଳେ ବର୍ତ୍ତମାନ ଜଳସ୍ତର ବହୁ ଉପରେ ରହିଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନଦୀବନ୍ଧକୁ ଓସାରିଆ ଓ ଉଚ୍ଚ କରାଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ବାଲି ମାଫିଆମାନେ ବନ୍ଧକୁ କାଟି ଦେଇଥିବାରୁ ସେସ୍ଥାନ ଗୁଡିକରେ ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି । କେନ୍ଦୁପାଟଣା ଜଳସେଚନ ବିଭାଗ ଅଧୀନରେ ରହିଥିବା ନଦୀବନ୍ଧ ଗୁଡିକ ବିଶେଷ ଭାବେ ବିପଦସଂକୁଳ ଭାବେ ନଥିବା ବିଭାଗୀୟ ପକ୍ଷରୁ କୁହାଯାଇଛି । ଆଜି ମଧ୍ୟ ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଆର୍ତ୍ତତ୍ରାଣ ସାହୁ ଏବଂ ଡ୍ରେନେଜ ବିଭାଗର ମୁଖ୍ୟ ଯନ୍ତ୍ରୀ ବାଲେଶ୍ୱର ନାଥସାହୁ ନଦୀବନ୍ଧ ପରିଦର୍ଶନ କରିଛନ୍ତି । ଆବଶ୍ୟକସ୍ଥଳେ ଲାଇଟ୍ ଲଗାଇବା ଓ ବାଲିବସ୍ତା ମହଜୁଦ କରିବା ପାଇଁ ବ୍ୟବସ୍ଥା ମଧ୍ୟ କରିଛନ୍ତି । ଜଳସେଚନ ବିଭାଗ ସହିତ ପୋଲିସ ପ୍ରଶାସନ ମଧ୍ୟ ନଦୀ ବନ୍ଧ ପରିଦର୍ଶନ କରିଥିବା ଦେଖାଯାଇଛି । ବନ୍ୟାଜଳ ଆସି ହଠାତ୍ ନଈକୂଳିଆ ଖାଲୁଆ ଅଂଚଳରେ ପଶିଯାଇଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଏହି ବ୍ଲକର ଇସାଣୀବରହମପୁର ପଞ୍ଚାୟତ ୧୩ଟି ପରିବାର, ଶିର୍ଲୋ ପଂଚାୟତ ଯାହାନପୁର ପଂଚାୟତର ୬ ଟି ପରିବାର, ପାଳଦା ପଂଚାୟତ ଦୁଦୁରା ଓ କଁପୁର ଗ୍ରାମର ୨୯ଟି ପରିବାର ମୋଟ ୪୮ ଟି ପରିବାରକୁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇ ସେମାନଙ୍କ ପାଇଁ ୪୦ କେଜି ଚୁଡା ଓ ୪ କେଜି ଗୁଡ ଯୋଗାଇ ଦିଆଯାଇଛି । ଏହାଛଡା ଅସୁରେଶ୍ୱର, ସାନ୍ତପୁର, କୋଳଣପୁର, କେନ୍ଦୁପାଟଣା ଆଦି ପଞ୍ଚାୟତର ନଈକୂଳିଆ ଖାଲୁଆ ସ୍ଥାନ ମାନଙ୍କରେ ମଧ୍ୟ ବନ୍ୟା ଜଳ ପଶିଥିବା ଜଣାଯାଇଛି । ନଦୀରେ ୧୧ ଲକ୍ଷ କ୍ୟୁସେକ୍ ଅଧିକ ଜଳ ପ୍ରବାହିତ ହେଉଥିବା ଏହାର ପଠାରେ ଓ ବନ୍ଧକଡରେ ହୋଇଥିବା ହଜାର ହଜାର ହେକ୍ଟର ଆଖୁ ଓ ନଳିତା ଚାଷ



ପାଣିରେ ବୁଡି ରହିଛି । ଏହାଛଡା ବିଭିନ୍ନ ପନିପରିବା ଯଥା ଜହ୍ନି, ଭେଣ୍ଡି, କଳରା କାକୁଡି, ଝୁଡଙ୍ଗ, ବାଇଗଣ ଆଦି ପନିପରିବା ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ହତାଶ ହୋଇପଡିଛନ୍ତି । ବ୍ଲକ ପ୍ରଶାସନ ପକ୍ଷରୁ କଣ୍ଟ୍ରୋଲରୁମ୍ ଖୋଲାଯିବା ସହିତ ପ୍ରତ୍ୟେକ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବନ୍ୟାପରିସ୍ଥିତି ଉପରେ ନଜର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାଛଡା ଆବଶ୍ୟକ ବୋଟ୍, ଡ୍ରାଇଭର, ଶୁଖିଲା ଖାଦ୍ୟ ଏବଂ ଦରକାର ପଡିଲେ ରନ୍ଧାଖାଦ୍ୟ ମଧ୍ୟ ବିପନ୍ନମାନଙ୍କୁ ଦିଆଯିବା ପାଇଁ ବ୍ୟବସ୍ଥା ହୋଇଥିବା ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ ପ୍ରକାଶ କରିଛନ୍ତି ।

# ଅହିଂସା ରଥକୁ ନିମାପଡ଼ାରେ ବିପୁଳ ସ୍ୱାଗତ

ନିମାପଡ଼ା, ୧୯।୮ (ନି.ପ୍ର.): ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜଧାନୀରେ ଉଦ୍‌ଘାଟିତ ଅହିଂସା ରଥକୁ ନିମାପଡ଼ାବାସୀ ସ୍ୱାଗତ କରିଛନ୍ତି । ହରିପୁର ଗ୍ରାମ ନିକଟରେ ପହଂଚିବା କ୍ଷଣି ସ୍ଥାନୀୟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇଙ୍କ ସମେତ ଶତାଧିକ ଜନସାଧାରଣ ରଥକୁ ସ୍ୱାଗତ ଜଣାଇ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ଆଣି ସେଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ରେଂଚ ଶାସନ, ଶ୍ରୀମୁଖ କଲ୍ୟାଣ ମଣ୍ଡପ ପରେ ନିମାପଡ଼ା ଏନ୍.ଏ.ସି. ସୀମାରେ ରଥକୁ ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ବିଡିଓ ବସନ୍ତ କୁମାର ମଲ୍ଲିକ, ଏନ୍.ଏ.ସି. କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସ୍ୱାଗତ ଜଣାଇ ନିମାପଡ଼ାର ପ୍ରଥମ ବିଧାୟକ ତଥା ସଂଗ୍ରାମୀ ସ୍ୱର୍ଗତ ମୋହନ ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ରଥ ଶୋଭାଯାତ୍ରା ଅନ୍ୟତମ ସଂଗ୍ରାମୀ ଶହୀଦ ଉଚ୍ଛବ ମଳିକଙ୍କ ସ୍ମୃତିପୀଠରେ ପହଂଚିବା ପରେ ପୋଲିସ ପ୍ରଶାସନ, ବ୍ଲକ୍ ପ୍ରଶାସନ, ବାଳକ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ନିମାପଡ଼ା କଲେଜ ଏନ୍.ଏ.ସି. ଛାତ୍ରଛାତ୍ରୀ ଉପସ୍ଥିତ ରହି ଦେଶାତ୍ମବୋଧକ ସଂଗୀତ ଗାନ କରିଥିଲେ । ବାଳିକାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା । ଛାତ୍ରଛାତ୍ରୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନେ ହାତରେ ତ୍ରିରଙ୍ଗା ଧରି ଦେଶାତ୍ମବୋଧକ ସଂଗୀତ ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ । ନଗର ବିଜୁ ଜନତା ଦଳ ସଭାପତି ଜୀବନାନନ୍ଦ ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ସଂଗଠନର ସଂପାଦକ ଅଭିରାମ ମଲ୍ଲିକ, ଆନନ୍ଦ ସେନାପତି, ବରିଷ୍ଠ ନାଗରିକ ମଂଚ ଉପ-ସଭାପତି କୃଷ୍ଣମୋହନ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, କାଉନସିଲର ଧନୁର୍ଦ୍ଧର ଦାସଙ୍କ ସମେତ ଅନ୍ୟାନ୍ୟ କାଉନସିଲରମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୃଙ୍ଖଳାର ସହ ସଫଳ କରାଇଥିଲେ ।

# ୨୮୮ରୁ ଅଧିକ ଶୌଚାଳୟ ନିର୍ମିତ

ଯୋଡା, ୧୯/୮ (ନିପ୍ର): କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହାର କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଗ୍ରାମୀଣ ଅଞ୍ଚଳରେ ସ୍ୱଚ୍ଛ ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଟାଟାଷ୍ଟିଲ ଲିମିଟେଡ଼ର ସିଏସ୍ଆର ସଂସ୍ଥା ଟାଟାଷ୍ଟିଲ ଫାଉଣ୍ଡେସନ୍ (ଟିଏସ୍ଏଫ) ପକ୍ଷରୁ ଗତ ୪ ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ୨୮୮ଟି ଶୌଚାଳୟ ନିର୍ମାଣ କରାଯାଇଛି । ଖୋଲାମଳ ତ୍ୟାଗକୁ ବନ୍ଦ କରିବା ଓ କଠିନ ବର୍ଜ୍ୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଭାରତ ସରକାରଙ୍କ 'ସ୍ୱଚ୍ଛଭାରତ ଅଭିଯାନ' ଅନ୍ତର୍ଗତ ନିଆଯାଇଥିବାଏହି ପଦକ୍ଷେପ ଦ୍ୱାରା ପଳସା (କ), ପଳସା (ଖ), ଗୁରୁଡ଼ା, ଖଣ୍ଡବନ୍ଧ (କେନ୍ଦୁଝରଜିଲ୍ଲା) ଏବଂ ଗଣୁଆ(ସୁନ୍ଦରଗଡ଼) ଗ୍ରାମର ପ୍ରାୟ ୧୪୪୦ର ଊର୍ଦ୍ଧ୍ୱ ବାସିନ୍ଦା ଉପକୃତହୋଇଛନ୍ତି । ସମସ୍ତଙ୍କୁ ଶୌଚାଳୟ ବ୍ୟବହାର କରିବା ସହିତ ଖୋଲାରେ ଅଳିଆ ଆବର୍ଜନା ପକାଇବାରୁ ନିବୃତ କରିବା ହେଉଛି ଟିଏସ୍ଏଫର ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ପଳସା (ଖ) ଗ୍ରାମର ଜଣେ ହିତାଧିକାରୀ ଲିପିକା ମୁଣ୍ଡା କହିଛନ୍ତି ଯେ, "ଟିଏସ୍ଏଫ୍‌ର ଏହି ପଦକ୍ଷେପ ବ୍ୟକ୍ତିଗତ ଘରୋଇ ଶୌଚାଳୟ ନିର୍ମାଣ ମାଧ୍ୟମରେ ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତାର ପ୍ରସାର ଦ୍ୱାରା ଆମର ଗ୍ରାମୀଣ ଅଞ୍ଚଳରେ ସାଧାରଣ ଲୋକଙ୍କ ଜୀବନ ଧାରଣ ମାନରେ ବହୁପରିମାଣରେ ଉନ୍ନତି ଆଣିପାରିଛି ।" ସେହିଗ୍ରାମର ଅନ୍ୟ ଜଣେ ହିତାଧିକାରୀ ସୁନିତାମୁଣ୍ଡା, ଲିପିକାମୁଣ୍ଡାଙ୍କ କଥାରେ ସହମତି ପ୍ରକାଶ କରି କହିଛନ୍ତି ଯେ, "ପୂର୍ବରୁ ଆମକୁ ଖୋଲାରେ ମଳତ୍ୟାଗ କରୁଥିବାରୁ ଲଜ୍ଜିତ ଅନୁଭବ ହେଉଥିଲା ।କିନ୍ତୁ ଟିଏସ୍ଏଫର ଏହି



ପଦକ୍ଷେପ ମାଧ୍ୟମରେ ଶୌଚାଳୟ ନିର୍ମାଣ ଦ୍ୱାରା ଆମଜୀବନରେ ପରିବର୍ତ୍ତନ ଆସିଛି ।ମୋ ତରଫରୁ ଟିଏସ୍ଏଫକୁ ଅଶେଷ ଧନ୍ୟବାଦ ।" ଏହାସହିତ, ଖଣି-ପ୍ରଭାବିତ ଅଞ୍ଚଳରେ ସୁସ୍ଥଜୀବନ ଯାପନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଟିଏସ୍ଏଫ୍ ପକ୍ଷରୁ ପଳସା (ଖ) ଗଣୁଆ ଓ ଖଣ୍ଡବନ୍ଧ ଗ୍ରାମରେ ଜଳସୁବିଧା ବିଶିଷ୍ଟ ଶୌଚାଳୟ ଓ ଗାଧୁଆ ଘର ନିର୍ମାଣ କରାଯାଇଛି । ଏହାଛଡ଼ା ଗ୍ରାମୀଣ ଅଞ୍ଚଳରେ ଦୀର୍ଘ ସ୍ଥାୟୀ ଜୀବିକାକୁ ସୁଦୃଢ କରିବା ପାଇଁ କମ୍ପାନୀ ପକ୍ଷରୁ ଏହାର କାର୍ଯ୍ୟକ୍ଷେତ୍ରରେ ଚାଷ ପାଇଁ ପୋଖରୀର ନିର୍ମାଣ କରାଯାଇଛି ।

## ଦେଶାତ୍ମବୋଧକ କବିତା ପାଠୋତ୍ସବ

ରାୟଗଡା, ୧୯।୮ (ନିପ୍ର): ସ୍ୱାଧୀନତାର ୭୫ ତମ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ଅବସରରେ ରାୟଗଡ ଠାରେ ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ଠାରେ ଏକାଡେମୀର ସଦସ୍ୟ ସୁଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହାଇଯାଇଛି । ମହାବିଦ୍ୟାଳୟର ସଭାକକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଡ.ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ରଘୁନାଥ ଭୁଏ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । କବି ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ ଏବଂ ରମେଶ ଟାକିରି କବିତା ଆସର ସଂଯାଜନା କରିଥିଲେ । ସେହିପରି ମହାବିଦ୍ୟାଳୟର ସେମିନାର କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଓଡିଶା ସଂଗୀତ ନାଟକ ଏକାଡେମୀର ସଦସ୍ୟ ଡ. ନରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କବି ଏବଂ ଅନୁବାଦକ ଆଶୁତୋଷ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପିକା କରୁଣା କେର୍କେଟା ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଅଧ୍ୟାପିକା ରାଜାଲୀନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । କବି ଶ୍ରୀଧର ପଟ୍ଟନାୟକ ଏବଂ କଲ୍ୟାଣୀ ସାସମଲ କବିତା ଆସରର ସଂଯୋଜନା କରିଥିଲେ ।

# ଶ୍ରୀଅରବିନ୍ଦ-ଭବିଷ୍ୟତର ବାର୍ତ୍ତାବହ

ନବରଙ୍ଗପୁର, ୧୯।୮ (ନି.ପ୍ର):ସ୍ଥାନୀୟ ଦଶହରାପଦାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଅରବିନ୍ଦ-ଭବିଷ୍ୟତର ବାର୍ତ୍ତାବହ ଶୀର୍ଷକ ବିଷୟରେ ଅନୁଷ୍ଠିତ ସ୍ୱତନ୍ତ୍ର ସେମିନାରରେ ନବରଙ୍ଗପୁର ଜିଲ୍ଲାପାଳ ଡଃ. କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥୀ ରୂପେ ଯୋଗଦାନ କରି ଭାରତବର୍ଷର ଆଧ୍ୟାତ୍ମିକତା ଏବଂ ଶ୍ରୀଅରବିନ୍ଦଙ୍କ ଭୂମିକା ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ସ୍ୱଅନୁଭୂତି ପ୍ରକାଶ କରିଥିଲେ । ବକ୍ତା ସୁଧିରାଜ ରାଉତ ଶ୍ରୀଅରବିନ୍ଦଙ୍କ ବହୁବିଧ ପ୍ରତିଭା ତଥା ସମଗ୍ର ବିଶ୍ୱ ଏବଂ ମାନବ ଜାତି ଲାଗି ତାଙ୍କର ଉତ୍ସର୍ଗ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ନବରଙ୍ଗପୁର ପୌରପାଳୀକାର ଅଧ୍ୟକ୍ଷ କୁନୁ ନାୟକ ନିଜ ବକ୍ତବ୍ୟ ରଖିଥିଲେ ।ସତ୍ୟ ନାରାୟଣ ଷଡଙ୍ଗୀ କୃତଜ୍ଞତା ଜ୍ଞାପନ କରିଥିଲେ । ସଂଯୋଜକ ସୁରେଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଦିବ୍ୟ ସୁରଭି ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟାକୁ ଜିଲ୍ଲାପାଳ ଉନ୍ମୋଚିତ କରିଥିଲେ । ୧୫୦ଟି ଚେତନା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଶ୍ରୀଅରବିନ୍ଦଙ୍କ ଫଟୋଚିତ୍ର ଏକ ସୁସଜ୍ଜିତ ଗାଡିରେ ଅବସ୍ଥାପିତ କରି ଏକ ବିରାଟ ଶୋଭାଯାତ୍ରା ଶ୍ରୀରାମ ମନ୍ଦିର ଠାରୁ ଦଶହରାପଦା ଯାଏଁ ନିଆଯାଇଥିଲା ।ଏହି ଉତ୍ସବରେ ନବରଙ୍ଗପୁର ତଥା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ଭକ୍ତ ତଥା ସୁଧୀବୃନ୍ଦ ଉପସ୍ଥିତ ରହିଥିଲେ ।ପୂର୍ବାହ୍ନରେ ଜାତୀୟ ପତାକା ସତ୍ୟ ନାରାୟଣ ଷଡଙ୍ଗୀ ଉତୋଳନ କରିଥିଲେ ।ଶ୍ରୀଅରବିନ୍ଦଙ୍କ ପବିତ୍ର ଶ୍ରୀତନୁ ସ୍ମାରକ ପୀଠରେ ସମବେତ ଧ୍ୟାନ କରାଯାଇ ସଙ୍ଗୀତା ପଟ୍ଟନାୟକଙ୍କ ଦ୍ୱାରା ଦର୍ଶନ ବାଣୀ ଉନ୍ମୋଚିତ ହୋଇଥିଲା । ସକାଳେ ଶ୍ରୀଅରବିନ୍ଦ ପ୍ରଦର୍ଶନୀକୁ ସମାଜସେବୀ ଜଗନ୍ନାଥ ମହାପାତ୍ର ଉଦଘାଟନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଡ. ରାଧାନାଥ ବେହେରା,ଜେମାମଣି ବିଷୋୟୀ,ନିରଞ୍ଜନ ଆଚାରୀ,ଡ. ବିଜୟ କୁମାର ମିଶ୍ର,ହୃଷିକେଶ ଦାଶ,ଅଖିଳ ଭଞ୍ଜ,ଶ୍ୟାମ ସୁନ୍ଦର ନିଙ୍ଗୀ,ଦାଶ ରଥୀ ମାଝୀ,ରମାକାନ୍ତ ଜେନା, ଜ୍ୟୋତିର୍ମୟୀ ମହାପାତ୍ର, ବେନୁଗୋପାଳ ରାଓ ପ୍ରମୁଖ ଉପସ୍ଥିତ ଥିଲେ । ସମଗ୍ର କାର୍ଯ୍ୟକ୍ରମର ସଫଳତା ପଶ୍ଚାତରେ ଟୁକୁନା ପାଣିଗ୍ରାହୀ,ଚନ୍ଦନ ଭୂମିଆ, ରଞ୍ଜନ ମହାପାତ୍ର,ଅଜିତ ବିଷୋୟୀ, ଶ୍ରୀନିବାସ ପଟ୍ଟନାୟକ, ଶ୍ରୀଧର ସତପଥୀ, ରବିକାନ୍ତ ରଘୁରାମ, ସବିତା ପଟ୍ଟନାୟକ, ସୁଜାତା ମିଶ୍ର, ନମିତା ବିଶ୍ୱାଳ, ପ୍ରପର୍ଣ୍ଣା ସାହୁ,ଅଜୟ କୁମାର ସାହୁ, ଅଭିମନ୍ୟୁ ବେହେରା, ପ୍ରଭାକର ପାତ୍ର, ସୁମନ୍ତ ଜୈନ, ନିର୍ମଳ ନାୟକ, ଆରତୀ ସୁଆର,ଦେବକୀ ଯାନୀ, ତୁଳସୀରାମ ବେହେରା,ପଦ୍ମାବତୀ ବିଷୋୟୀ, ଡି.କ୍ରିଷ୍ଣା, ଉତ୍କଳିକା ବେହେରା, ଲୀନା ପଟ୍ଟନାୟକ, ରୀତାଞ୍ଜଳୀ ଗୌଡ, ରଶ୍ମୀରାଣୀ ବେହେରା, ରୀତାଞ୍ଜଳୀ ବେହେରା, ସୁପ୍ରକାଶ ମିଶ୍ର, ସୋମ ସତପଥୀ, ଅରୋ ଅର୍ପିତ, ସି.ଏଚ୍.ଉଷାରାଣୀ, ସଙ୍ଗୀତା ପଟ୍ଟନାୟକ ପ୍ରମୁଖ ଏବଂ ପାଠଚକ୍ରର ଅନ୍ୟାନ୍ୟ ସଭ୍ୟା ସଭ୍ୟାଙ୍କର ବିଶେଷ ସହଯୋଗ ରହିଥିଲା ।

# ନନ୍ଦାହାଣ୍ଡି ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ନବରଙ୍ଗପୁର, ୧୯।୮ (ନି.ପ୍ର):ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ୪୦ ଜଣଙ୍କର ଅଭିଯୋଗ ପତ୍ର ପଞ୍ଜୀକରଣ କରାଯାଇଥିଲା । ସେଥି ମଧ୍ୟରୁ ୦୫ଗୋଟି ଗୋଷ୍ଠି ଗତ ଅଭିଯୋଗ ରହିଥିବାବେଳେ ୩୫ ଗୋଟି ବ୍ୟକ୍ତିଗତ ଆପତି ଅଭିଯୋଗ ଥିଲା । ଏଥିରେ ଜମିଜମା,ବାର୍ଦ୍ଧକ୍ୟ ଭତ୍ତା,ଶିକ୍ଷା ବ୍ୟବସ୍ଥା,ସ୍ୱାସ୍ଥ୍ୟ ସେବା,ରାସ୍ତା ଘାଟ ନିର୍ମାଣ ମରାମତି,ପ୍ରଧାନମନ୍ତ୍ରୀ ଆବାସ,ନନ୍ଦାହାଣ୍ଡିରେ ନୂତନ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ,ବିବାହ ପ୍ରମାଣ ପତ୍ର ପ୍ରଦାନ,ପଞ୍ଚାୟତ କାମର ବକେୟା ପାଉଣା,ଦିବ୍ୟାଙ୍ଗପ୍ରମାଣ ପତ୍ର ଇତ୍ୟାଦି ସଂକ୍ରାନ୍ତୀୟ ଅଭିଯୋଗ ଶୁଣାଣି ହୋଇଥିଲା । ଲୋକଙ୍କ ଅଭିଯୋଗ ଜିଲ୍ଲାପାଳ ଡଃ.କମଳ ଲୋଚନ ମିଶ୍ର ଶୁଣିବା ସହିତ ଏହାର ତୁରନ୍ତ ଆଶୁ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଉପସ୍ଥିତ ଥିବା ଦିବ୍ୟାଙ୍ଗ ମାନଙ୍କୁ ୧୨ଗୋଟି ହୁଇଲ ଚେୟାର, ଦୁଇଗୋଟି ଟ୍ରାଇ ସାଇକେଲ, ଦୁଇହଳ କ୍ରଚ, ଦୁଇଗୋଟି ଟେରା ପେଡ ଇତ୍ୟାଦି ଜିଲ୍ଲାପାଳ ଶ୍ରୀ ମିଶ୍ର ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ଯୁଗ୍ମ ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଏସ୍,ସୁଶ୍ରୀ ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରତ୍ନାକର ସାହୁ, ନନ୍ଦାହାଣ୍ଡି ପଞ୍ଚାୟତ ସମିତି ଅଧ୍ୟକ୍ଷ, ଗୋଷ୍ଠି ଉନ୍ନୟନ ଅଧିକାର.ଜିଲ୍ଲା ପରିଷଦ ସଭ୍ୟ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର କାଳୀ ପ୍ରସାଦ ବେହେରା,ପ୍ରଶାସକ ସମନ୍ୱିତ ଜନଜାତି ଉନ୍ନୟନ ବିଭାଗ ଅଭିମନ୍ୟୁ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ,ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ପ୍ରଫୁଲ୍ଲ କୁମାର ମିଶ୍ର,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# 'ଗୁରୁଜନଙ୍କ ପ୍ରତି ସମ୍ମାନ ନଥିବା ଜାତି ଆଗେଇ ପାରିବ ନାହିଁ'

ଜଟଣୀ, ୧୯।୮ (ନି.ପ୍ର): ଜଟଣୀ ବ୍ଲକ ଅଧିନ ବେଣାପଞ୍ଜରୀ ପଞ୍ଚାୟତରେ ରାଣୀପଡ଼ା ଗ୍ରାମ ସ୍ଥିତ ବାପ ମା' ସେବାଶ୍ରମ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ଼.ପ୍ରଭାସ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ପିତାମାତା ଓ ଗୁରୁଜନଙ୍କ ପ୍ରତି ସମ୍ମାନ ନଥିବା ଜାତି ଆଗେଇ ପାରିବ ନାହିଁ ବୋଲି ସେ କହିଥିଲେ । ପଣ୍ଡିତ ଗୋପବନ୍ଧୁ ଦାସ ଏହି ଅଞ୍ଚଳରୁ ସେବା ଆରମ୍ଭ କରିଥିଲେ । ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ 'ସମାଜ'କୁ ଲୋକଙ୍କ ସେବା ପାଇଁ ଲୋକ ସେବକ ମଣ୍ଡଳକୁ ସମର୍ପି ଦେଇଥିଲେ । 'ସମାଜ'ର ଲାଭାଂଶ ଗରିବ,ଅବହେଳିତ,ପଛୁଆ ବର୍ଗ ଏବଂ ଜନସାଧାରଣଙ୍କ ହିତରେ ଖର୍ଚ୍ଚ କରାଯିବ ବୋଲି କହି ଯାଇଥିଲେ । ଆଜି 'ସମାଜ' ନିଷ୍ଠାର ସହ ଲୋକଙ୍କ ସେବା କରୁଥିବା ସେ କହିଥିଲେ । ସଂହତି ଓ ଏକତା ଏବଂ ସେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ହିଁ ବଳ ବୋଲି ସେ କହିଥିଲେ । ରାଜ୍ୟ ବିଶ୍ୱକର୍ମା ସଙ୍ଗଠନର ସମ୍ପାଦକ ହାଡ଼ିବନ୍ଧୁ ମହାରଣା ସଭା ପରିଚାଳନା କରିଥିଲେ । ବାପା ମା'



ସେବାଶ୍ରମର ପ୍ରତିଷ୍ଠାତା ଗୌତମ ମହାରଣା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଜିଲା ବିଜେଡ଼ି ସଭାପତି ତଥା ଜଟଣୀର ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବାପା ମା' ମାନେ ପିଲାଙ୍କୁ ଭଲ ମଣିଷ ଭାବେ ଗଢ଼ିବା ଲାଗି ପରାମର୍ଶ ଦେଇଥିଲେ । ଡ଼ାକମୁନସି ନୁହେଁ ପିଲା ମାନେ ଗୋପବନ୍ଧୁ ଓ ଗାନ୍ଧୀଙ୍କ ଭଳି ଲୋକଙ୍କ ସେବା କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ବ୍ଲକର ଅଧକ୍ଷା ଜୟନ୍ତୀ ଛୋଟରାୟ, ଅଭିନେତା ଶରଣାରବିନ୍ଦ ଓଝା, ହାସ୍ୟାଭିନେତା ରାଜୁ ଦାସ, ସ୍ଥାନୀୟ ସମିତିସଭ୍ୟ ଶରତ କୁମାର ପାଲଟାସିଂହ, ସରପଞ୍ଚଙ୍କ ପ୍ରତିନିଧି ସାହା ଜାଫର ଅଲ୍ଲୀ, ଜିଲା ବିଜେଡ଼ି ଉପ ସଭାପତି ବିଜୁ ଛୋଟରାୟ, କୋଷାଧକ୍ଷ ରାଜ କିଶୋର ସ୍ୱାଇଁ,ଆଇନଜୀବି ଅର୍ଜୁନ ପରିଡ଼ା, ଅବନୀ କୁମାର ରାଉତରାୟ,ଜିତୁ ନାୟକ ପ୍ରମୁଖ ଅତିଥି ବାବେ ଯୋଗ ଦେଇଥିଲେ । ରଶ୍ମି ପାଢ଼ୀ,ଦିପ୍ତୀ ନାୟକ, ଜ୍ୟୋତି ମହାରଣା, ଅରୁଣ କୁମାର ମହାରଣା, ବାସୁଦେବ ସେଠୀ,ହବିବୁର ରହେମାନ,ଡ଼ି.ନାୟକ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ । ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ଼.ପ୍ରଭାସ ଆଚାର୍ଯ୍ୟ,ଜଟଣୀର ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ,ସାମ୍ବାଦିକ ରବି ସ୍ୱାଇଁ,ବିଜୁ ଛୋଟରାୟ,ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀଧର ସାହୁ ଏବଂ ଜଟଣୀ ଅଞ୍ଚଳରେ କାର୍ଯ୍ୟରତ ବିଭିନ୍ନ ସଙ୍ଗଠନର ୮୫ ଜଣ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ସନ୍ଧ୍ୟାରେ ଭଜନ ପରିବେଷଣ କରା ଯାଇଥିଲା ।

## କବିତା ପାଠୋତ୍ସବ

ଭବାନୀପାଟଣା, ୧୯/୮ (ନି.ପ୍ର)- ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସହିତ୍ୟ ଏକାଡେମୀ ପକ୍ଷରୁ କଳାହାଣ୍ଡି ଜିଲ୍ଲାର ୫ ଗୋଟି ସ୍ଥାନ ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼, କେସିଙ୍ଗା ଓ ଥୁ. ରାମପୁର ଠାରେ ଦେଶାତ୍ମବାଧକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ଭବାନୀପାଟଣାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସାଂସଦ ସୁଜିତ କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିବା ବେଳେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମର ଆୟୋଜକ ଡ଼ ପଲ୍ଲିଶ୍ରୀ ପଟ୍ଟନାୟକ ଓ ସଂଯୋଜକ ସତ୍ୟନାରାୟଣ ମୁଣ୍ଡଛିନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଦେଶାତ୍ମବୋଧକ କବିତା ପାଠୋତ୍ସବ ରେ ଭବାନୀପାଟଣାର ୨୦ ଜଣ ନିମନ୍ତ୍ରିତ କବି ସ୍ୱରଚିତ ଦେଶାତ୍ମବୋଧକ କବିତା ଆବୃତ୍ତି କରିଥିଲେ ।

## ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ସ୍ୱାଧୀନତାର ଅମୃତ ମହୋତ୍ସବ

ନବରଙ୍ଗପୁର, ୧୯।୮ (ନି.ପ୍ର):ନବରଙ୍ଗପୁର ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ଓଡିଶାର ୨୫ଟି ଜିଲ୍ଲାର ୧୫୦ଟି ସ୍ଥାନରେ ବହୁ କବି ଓ କବୟିତ୍ରୀଙ୍କୁ ନେଇ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତୀ ଅବସରରେ ସାରା ଓଡିଶାରେ ଏହି କାର୍ଯ୍ୟକ୍ରମ ଏକକାଳୀନ ପାଳିତ ହୋଇଥିଲା । ଅବାହକ ତଥା ଓଡିଶା ସାହିତ୍ୟ ଏକାଡେମୀ ର ସଦସ୍ୟ ବଲ୍ଲଭ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଦାନରେ ନବରଙ୍ଗପୁର ଜିଲ୍ଲାର ୫ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁରର ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ,ସଭାପତି ଭାବେ ବିଜୟ ଚୌଧୁରୀ,ସମ୍ମାନିତ ଅତିଥୀ ଭାବେ ଜିଲ୍ଲା ଉପ-ଆରକ୍ଷୀ ଅଧିକ୍ଷକ କବି ଚନ୍ଦ୍ର ଶେଖର ହୋତା,ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ,ଆୟୋଜକ ଭାବେ ରାମ ପ୍ରସାଦ ପାତ୍ର,କାର୍ଯ୍ୟକ୍ରମର ସଂଯୋଜକ ଭାବେ ଅଧ୍ୟାପକ ଅଖିଳ ଭଞ୍ଜ ଓ କବିତା ପାଠର ସଂଯୋଜକ ଭାବେ ଆକାଶବାଣୀ ଉପସ୍ଥାପକ ସ୍ମୃତି ପଣ୍ଡା ଯୋଗଦେଇଥିଲେ । ୨୦ଜଣ କବି ଓ କବୟିତ୍ରୀ ନିଜ ନିଜ କବିତା ପାଠ କରିଥିଲେ । କବୟିତ୍ରୀ ଜେମାମଣି ବିଷୋୟୀ ଧନ୍ୟବାଦ ପ୍ରଦାନ କରିଥିଲେ । ନବରଙ୍ଗପୁର ସାଇକେୟାର ଏଜୁକେଶନ ଶିକ୍ଷାନୁଷ୍ଠାନ ରେ ହୋଇଥିବା କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ସମାଜସେବୀ ଜଗନ୍ନାଥ ମହାପାତ୍ର,ସମ୍ମାନିତ ଅତିଥି ଭାବେ କବି ନାରାୟଣ ପଣ୍ଡା,ଜଗଦୀଶ ଚନ୍ଦ୍ର ତ୍ରିପାଠୀ ଓ ପ୍ରେମଚାନ୍ଦ ପଟ୍ଟନାୟକ,ଆୟୋଜକ ଭାବେ ଦୁର୍ଗା ପ୍ରସାଦ ପାଢୀ,ସଂଯୋଜିକା ଭାବେ ଅଧ୍ୟାପିକା ସ୍ୱପ୍ନା ମହାନ୍ତି ଓ ସଂଯୋଜକ ଭାବେ ରତିକାନ୍ତ ଦୁବେ ଯୋଗ ଦେଇଥିଲେ ।

# କମିଛି ବର୍ଷା, ବଢୁଛି ପାଣି :ଏକର ଏକର ଚାଷଜମି ଜଳମଗ୍ନ

## ଘଟଣାସ୍ଥଳରେ ବିଡିଓ,ତହସିଲଦାର

ନିରାକାରପୁର, ୧୯।୮ (ନିପ୍ର): ଲଘୁଚାପ ଜନିତ ବର୍ଷା ଗତ ଦୁଇଦିନ ହେଲା ବନ୍ଦ ରହିଥିଲେ ବି ମହାନଦୀରେ ଆସିଥିବା ବନ୍ୟା ଯୋଗୁଁ ଖୋର୍ଦ୍ଧାବ୍ଲକର ଦୁଇଟି ପଞ୍ଚାୟତର ବାସିନ୍ଦା ଜଳବନ୍ଦୀ ହୋଇ ରହିଛନ୍ତି । ବିଶେଷ କରି ବନ୍ୟାଜଳ ହୀରାକୁଦ ଜଳଭଣ୍ଡାରରୁ ନିଷ୍କାସନ ହେବା ଫଳରେ ମହାନଦୀରେ ବନ୍ୟାଜଳ ପ୍ରଭାବିତ ହୋଇଥାଏ । ଫଳରେ ମହାନଦୀ ସଂଲଗ୍ନ ରାଜୁଆ ଓ ଦୟାନଦୀରେ ମହାନଦୀ ପାଣି ଆଶିବା ପରେ ଖୋର୍ଦ୍ଧାବ୍ଲକର ଦୁଇଟି ପଞ୍ଚାୟତ ନରଣଗଡ ଓ ଓବରସିଂହ ଗ୍ରାମପଞ୍ଚାୟତର ଦୁଃଖ ବଢିବାରେ ଲାଗେ । ରାଜୁଆ ନଦୀର ବନ୍ୟାଜଳ ପଛୁଆ ପ୍ରଭାବିତ ହୋଇ ଓରବରସିଂହ ଗ୍ରାମପଞ୍ଚାୟତର ହିରିମୂଳ ଡିହଖୋଲ,ଦୁର୍ଗାପୁର ଓ ନରଣଗଡ ଗ୍ରାମପଞ୍ଚାୟତର ଓରିମ୍, ମାନପୁର, ବଳପୁର,ଧବଳପୁର ଆଦିଗ୍ରାମ ଜଳମଗ୍ନ ହୋଇଯାଇଛି । ଏହି ଅଞ୍ଚଳ ପାଇଁ କିଛି ନୂଆକଥାନୁହେଁ ।ପ୍ରତିବର୍ଷ ବନ୍ୟା ସମୟରେ ଉକ୍ତ ଗ୍ରାମଗୁଡିକ ପ୍ରଭାବିତ ହୋଇଥାଏ ।ବର୍ଷା ନଥାଇ ମଧ୍ୟ ଏମାନେ ବନ୍ୟାର କଷଣ ଭୋଗିଥାନ୍ତି ।ରଜୁଆ ନଦୀରେ ବନ୍ୟାଜଳ ଆସିବା ଫଳରେ ଓରବସିଂହ ଗ୍ରାମପଞ୍ଚାୟତର ହିରିମୂଳ ଗ୍ରାମ ବହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି । ଡିହଖୋଲା,ଦୁର୍ଗାପୁର ଗାଁ ଦାଣ୍ଡରେ ପ୍ରାୟ ୩ଫୁଟରୁ ଊର୍ଦ୍ଧ୍ୱ ବନ୍ୟାଜଳ ଭରି ରହିଛି । ଦୁର୍ଗାପୁର ରାସ୍ତାରେ ୩ଫୁଟ ବନ୍ୟାଜଳ ପ୍ରଭାବିତ ହେଉଥିବା ବେଳେ ଉକ୍ତ ରାସ୍ତାରେ ଜାତାୟତ ବାଧାପ୍ରାପ୍ତ ହୋଇଛି । ସମପରିମାଣରେ ନରଣଗଡ ଗ୍ରାମପଞ୍ଚାୟତର ଓରିମି ମାନପୁର,ବଳପୁର ଧବଳପୁର ଗ୍ରାମରେ ବନ୍ୟାଜଳ ଲହଡି ଭାଙ୍ଗୁଛି ।



ଲୋକମାନେ ଏକ ପ୍ରକାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି ।ଏକର ଏକର ଚାଷ ଜମିରେ ବନ୍ୟାଜଳ ମାଡିଯିବା ଫଳରେ ଧାନ ଗଛଗୁଡିକ ବୁଡି ରହିଛି । ଓରିମି, ମାନପୁର ଧବଳପୁର,ହିରିମୂଳ,ଦୁର୍ଗାପୁର,ଡିହଖୋଳ ଆଦି ଗ୍ରାମରେ ବନ୍ୟାଜଳ ଘରେ ପଶିବା ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ।ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ,ଉପଜିଲ୍ଲାପାଳ,ଜିଲ୍ଲାଆରକ୍ଷୀ ଅଧିକ୍ଷକ,ବିଡିଓ,ତହସିଲିଦାର ବନ୍ୟା ବିପନ୍ନଙ୍କୁ ଭେଟିବା ସହିତ ୧୬୮ଜଣଙ୍କୁ ନିରାପତ୍ତା ସ୍ଥାନକୁ ସ୍ଥାନାନ୍ତରିତ କରିଛନ୍ତି ।

## ଦୁର୍ଘଟଣାରେ ବାଇକ ଆରୋହୀଙ୍କ ମୃତ୍ୟୁ

ମାହାଙ୍ଗା ଗତକାଲି ବିଳମ୍ବିତ ରାତ୍ରରେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଲଳିତଗିରି ଗ୍ରାମପଂଚାୟତର ମିତ୍ରଭାନୁ ସ୍ୱାଇଁ(ସିଧୁ) ବିଳମ୍ବିତ ରାତ୍ରରେ କେନ୍ଦ୍ରାପଡାରୁ ଫେରୁଥିବା ବେଳେ ଲଳିତଗିରି-ଓଳାଶୁଣୀ ରାସ୍ତାରେ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲେ। ଘଟଣା ସ୍ଥଳରେ ସିଧୁଙ୍କର ମୃତ୍ୟୁ ହୋଇଥିବା ଜଣାପଡିଥିଲା। ସୂଚନା ଅନୁଯାୟୀ ମିତ୍ରଭାନୁ କିଛିଦିନ ଧରି ହିମାଂଶୁ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ମ୍ୟାନେଜମେଣ୍ଟରେ କ୍ୟାମେରାମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ଅଫିସ କାମରେ ଯାଇ କେନ୍ଦ୍ରାପଡାରୁ ଘରକୁ ଫେରୁଥିଲା ବେଳେ ବାଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଂଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ।

## ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ପାଳିତ

କଣାସ : ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉତ୍ସବ କଣାସ ବ୍ଲକ ବରୁଣ ନଗର ଠାରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ପାଳିତ ହୋଇଯାଇଛି ।ଶ୍ରୀ ଅରବିନ୍ଦ ହେଉଛନ୍ତି ଏକାଧାରରେ ମହାନ ସ୍ୱାଧୀନତା ସଗ୍ରାମୀ ,ମହାଯୋଗୀ ଅଖଣ୍ଡ ଭାରତର ଭବିଷ୍ୟଦ୍ରଷ୍ଟା ଶ୍ରୀ ଅରବିନ୍ଦ ଭାରତର ପ୍ରଥମ ବେକ୍ତିଭାବେ ପୂର୍ଣ୍ଣ ସ୍ୱରାଜ ଦାବି କରି ବ୍ରିଟିଶ ଶାସନର ପ୍ରତିଷ୍ଠାକୁ ଆହ୍ୱାନ ଦେଇଥିଲେ ।ଆଲ୍ଲିପୁର ଜେଲରେ ଥିବାବେଳେ ଈଶ୍ୱରଙ୍କୁ ସାକ୍ଷାତ ଦର୍ଶନ ପରେ ମଣିଷର ଆଧ୍ୟାତ୍ମିକ ବିକାଶରେ ହିଁ ଭାରତର ସ୍ୱାଧୀନତା ସମାହିତ ହୋଇଥିବାର ତାଙ୍କୁ ଦୃଶ୍ୟମାନ ହୋଇଥିଲା ।ତେଣୁ ନିଜେ ସମଗ୍ର ଜୀବନର ତପସ୍ୟା ବଳରେ ମଣିଷକୁ ଏକ ରୂପାନ୍ତରୀକରଣ ପ୍ରକ୍ରିୟା ମାଧ୍ୟମରେ ବିବର୍ତ୍ତିତ କରି ଏକ ନୂତନ ବିଶ୍ୱର ପ୍ରତିଷ୍ଠା ପାଇଁ ଅତିମାନସ ଶକ୍ତିକୁ ସେ ଧରାବତରଣ କରାଇଥିଲେ ।ସେହି ମହମାନବଙ୍କ ୧୫୦ତମ ଜନ୍ମ ବାର୍ଷିକ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବରୁଣନଗର ଠାରେ ଆୟୋଜନ କରାଯାଇଥିଲା ।ଶେଷରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ନିମ୍ନ ମାଧ୍ୟମିକ ଶିକ୍ଷା ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ସୁନ୍ଦରାୟ ,ସମାଜସେବୀ ସୁବଳ ରାଉତ,ଶିକ୍ଷାବିତ ଅକ୍ଷୟ କୁମାର ରାୟସିଂହ,ବିଜୟ କୁମାର ପରିଡ଼ା, ଭୁବନାନନ୍ଦ ମହାରଣା ଉପସ୍ଥିତ ଥିବା ବେଳେ ଗୀତାଞ୍ଜଳି ପ୍ରଧାନ,ମମତା ମଙ୍ଗରାଜ ଉପସ୍ଥିତ ଥିଲେ ପରିଚାଳନା କରିଥିଲେ ।ଦିଲ୍ଲୀପ କୁମାର ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଦୁର୍ଦ୍ଦିନରେ ବନ୍ୟା ବିପନ୍ନ, ଭୋକ ଉପାସରେ ବିତୁଛି ଦିନ

କଣାସ ଦୁର୍ଦ୍ଦିନରେ ବନ୍ୟା ବିନପ୍ପଙ୍କ ଦୁଃଖ କାହାଣୀ ଦେଖିବାକୁ ମିଳିଛି କଣାସ ବ୍ଲକରେ ।ଗତ ତିନି ଦିନ ହେଲା ମଣିଷ ଗୃହ ପାଳିତ ପଶୁ ଭୋକ ଉପାସରେ ଦିନ କାଟୁଛନ୍ତି ।ସରକାରୀ ସହାୟତା ସମୁଦ୍ରକୁ ସଂଖେ । ମକରା ଓ ରାଜୁଆ ନଦୀରେ ଘାଇ ହେବା ଦ୍ୱାରା ଜଳ ବନ୍ଦିରେ ୧୧ ପଞ୍ଚାୟତର ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି ।ହୀରାକୁଦର ୪୦ଗେଟ୍ ଦେଇ ଆସୁଥିବା ବନ୍ୟାଜଳ ସବୁ ନଦୀର ବିପଦ ସଙ୍କେତ ଉପରେ ପ୍ରଭାବିତ ହେଉଛି ।ଯାହା ଦ୍ୱାରା ବ୍ଲକରେ ଦୁଇଟି ଘାଇ ସୃଷ୍ଟି ହୋଇଥିବା ବେଳେ ଅନେକ ଘଳିଆ ମଧ ସୃଷ୍ଟି ହୋଇଛି ।ଗଡବଡ଼ପୁଟ,ଗଡସାନପୁଟ,ଦୋକନ୍ଦା, ବଡାସ,ଗଡ ବଳଭଦ୍ରପୁର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି ।ଘରେ ଘରେ ପାଣି ପଶିଯିବାରୁ ରୋଷେଇ କରି ଖାଇବା ଅସମ୍ଭବ ହୋଇପଡିଛି ।ପ୍ରଶାସନ ପକ୍ଷରୁ ଦେଇଯାଇଥିବା ରିଲିଫ ସାମଗ୍ରୀକୁ ବନ୍ୟା ବିପନ୍ନ ଆସୋନ୍ତୋଷ ପ୍ରକାଶ କରିଛନ୍ତି ।ଏଭଳି ସ୍ଥିତିରେ ଲୋକମାନଙ୍କୁ ସଠିକ୍ ପରିମାଣରେ ଖାଦ୍ୟ ଯୋଗାଇବା ପାଇଁ ଲୋକମାନେ ଦାବି କରିଛନ୍ତି ।ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚି ସେମାନଙ୍କର ସମସ୍ୟା ଦେଖିବା ସହ ସରକାରୀ ଅଧିକାରୀଙ୍କୁ ଅଧିକରୁ ଅଧିକ ସମସ୍ତ ପ୍ରକାର ସହାୟତା ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ।ସେପଟେ ବିଜେପିର ଏକ ଟିମ୍ ବନ୍ୟାଞ୍ଚଳ ପରିଦର୍ଶନ କରି ଫେରିଛନ୍ତି ।

## ଜଙ୍ଗଲି ସାମଗ୍ରୀ ଆଣିବା ସାଜିଲା କାଳ, ମାଟି ଅତଡା ଖସି ଚାଲିଗଲା ୨ ଜଣଙ୍କ ଜୀବନ



ବୈପାରିଗୁଡା: :କାହାକୁ କେମିତି ମୃତ୍ୟୁ ଆସେ ଜାଣିବା କଷ୍ଟକର ବିଷୟ ! ପ୍ରତିଦିନ ସ୍ଥାନୀୟ ଜଙ୍ଗଲକୁ ଯାଇ ବିଭିନ୍ନ ପ୍ରକାର ଜିନିଷ ନେଇ ବିକ୍ରି କରିବା ପରେ ଘର କୁ ଫେରୁଥିଲେ ! ମାତ୍ର ମଙ୍ଗଳବାର ଦିନ ସେହି ସ୍ଥାନ ହିଁ ଏହି ଦୁଇଜଣଙ୍କ ପାଇଁ ସାଜିଲା କାଳ ! ଖବର ନେବାରୁ ଜଣାପଡିଛି ଯେ ବୈପାରିଗୁଡା ବ୍ଲକର ହଳଦୀକୁଣ୍ଡ ପଂଚାୟତର ହଳଦୀକୁଣ୍ଡ ଗ୍ରାମର ତ୍ରିଲୋଚନ ଦୁରୁଆ ଓ ସିମୁନ ଦୁରୁଆ ପ୍ରତିଦିନ ପରି ସେହି ଦିନ ମଧ୍ୟ ସ୍ଥାନୀୟ ମାଳିପଦର ଜଙ୍ଗଲ କୁ ଯାଇଥିଲେ ! ଜଙ୍ଗଲକୁ ଯାଇ ଝୁଣା, ମହୁ, ପାଲୁଅଗୁଣ୍ଡି , ଛୋଟଛୋଟ ଚୁନି ମାଛ ସହ ବିଭିନ୍ନ ପ୍ରକାର ଜିନିଷ ଆଣି ବଜାରରେ ବିକ୍ରି କରିଥାନ୍ତି ! ତେବେ ମଙ୍ଗଳବାର ଦିନ ଗ୍ରାମରୁ ବାହାରି ଯାଇଥିଲେ ମଧ୍ୟ ଘରକୁ ଆଉ ଫେରିନଥିଲେ ! ଗ୍ରାମର କିଛି ଲୋକେ ଆଜି ଉକ୍ତ ସ୍ଥାନକୁ ଯାଇ ଘଟଣା ବିଷୟରେ ଜାଣିବା ପରେ ଗ୍ରାମବାସୀଙ୍କୁ ଘଟଣା ବିଷୟ ରେ କହିଥିଲେ ! ହଳଦୀକୁଣ୍ଡ ସମିତିସଭ୍ୟ ବିଭୀଷଣ ହନ୍ତାଳ ଓ ଗ୍ରାମବାସୀ ବୈପାରିଗୁଡା ଥାନା ଆଇଆଇସି ଅଶ୍ୱିନୀ ପଟ୍ଟନାୟକଙ୍କ ସହ ପୋଲିସ କର୍ମଚାରୀ ମାନେ ମାଳିପଦର ଜଙ୍ଗଲକୁ ଯାଇ ମାଟି ତଳରୁ ଏହି ଦୁଇ ଜଣଙ୍କୁ ଉଦ୍ଧାର କରି ବାହାର କରିଥିବାର ଜଣାପଡିଛି ! ତେବେ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ଚାଲିଥିବାରର ଶୁଣିବାକୁ ମିଳୁଛି ଯେ ବୈପାରିଗୁଡା ବ୍ଲକରେ କିଛି ଦିନ ହେବ ଲଗାଣ ବର୍ଷା ହେବା ସହ ଏହି ଅଂଚଳରେ ରହିଥିବା ପାହାଡ, ଜଙ୍ଗଲ ଗୁଡିକର ମାଟି ହାଲୁକା ଥିବା ହେତୁ ଏମାନେ ସେହି ସ୍ଥାନକୁ ଯାଇ ଥିବା ସମୟରେ ହଠାତ୍ ମାଟି ଅତଡା ଖସି ଯିବାରୁ ଏହି ଦୁଇ ଜଣ ବ୍ୟକ୍ତି ମାଟି ଭିତରେ ପେଡି ହୋଇ ଯାଇଛନ୍ତି ! ମାଟି ରୁ ଉଦ୍ଧାର କରି ୨ ଜଣଙ୍କୁ ରାମଗିରି ମେଡିକାଲ ନିଆଯାଇଥିଲା ! ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ! ତେବେ ଏ ନେଇ ବୈପାରିଗୁଡା ଥାନାରେ ଏକ ମାମଲା ରୁଜୁ ହୋଇଥିବାର ଜଣାପଡିଛି !

## ନିରପେକ୍ଷ ତଦଂତ ପାଇଁ ଚିତ୍ରକୋଂଡା ଏସଡିପିଓଙ୍କ ବଦଳି ଦାବି କଲା କଂଗ୍ରେସ




ମାଲକାନଗିରି-: ମାଲକାନଗିରି ଜିଲ୍ଲା ଆରଏସସି ୧୩ ଗ୍ରାମରେ ଗତ ଜୁନ ମାସ ୭ ତାରିଖ ଦିନ ଏସଡିପିଓ ଅଂଶୁମାନ ଦୁବେଦୀ ରାତି ଅଧିଆ ଘରେ ପଶି ୪ ଜଣ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ , ଏହି ଘଟଣାକୁ ନେଇ କଂଗ୍ରେସ ବିରୋଧ କରିଥିଲା , ଏଥିସହ ଏହି ଘଟଣାକୁ ନେଇ ଅଂଶୁମାନ ଦୁବେଦୀଙ୍କ ନାମରେ କୋର୍ଟରେ ୩ଟି ମାମଲା ରୁଜୁ ହେବା ପରେ କୋର୍ଟ କ୍ରାଇମବ୍ରାଞ୍ଚ ତଦନ୍ତର ନିଷ୍ପତି ନେଇଥିଲେ , କିନ୍ତୁ ଆଜି ପର୍ଯ୍ୟନ୍ତ ଶ୍ରୀ ଦୁବେଦୀ ସେଠାରେ ରହି ତାଙ୍କ କାର୍ଯ୍ୟକୁ ସେମିତି ହିଁ କରୁଛନ୍ତି ,ଯଦି ଏସଡିପିଓ ସେଠାରେ ରହିବେ ତାହେଲେ ସେଠାରେ କେବେ ହେଲେ ନିରପେକ୍ଷ ତଦନ୍ତ ହୋଇପାରିବ ନାହିଁ, ତେଣୁ ୧୫ ଦିନ ମଧରେ ଏସଡିପିଓଙ୍କ ବଦଳି କରାଯାଉ ବୋଲି କଂଗ୍ରେସ ଦାବି କରିଛି , ନହେଲେ ଆସନ୍ତା ୨ ତାରିଖଠାରୁ ଏସପି ଅଫିସ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯିବ ବୋଲି କଂଗ୍ରେସ କର୍ମୀ ଚେତାବନୀ ଦେଇଛନ୍ତି.

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୋଲାମୁଣ୍ଡା ଠାରେ ପାଳିତ ହେଲା ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ

ଗୋଲାମୁଣ୍ଡା- କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା, ମନ୍ଦିର ଗୋଲାମୁଣ୍ଡା ଠାରେ ଯଦୁମଣି ଶ୍ରୀ କୃଷ୍ଣ ଙ୍କ ଜନ୍ମାଷ୍ଟମୀ ଉତ୍ସବ ଧୁମ୍ ଧାମରେ ପାଳିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ ସର୍ବପ୍ରଥମେ ରୀତି ନୀତି ଅନୁସାରେ ବନ୍ଦନା କରିବା ସହିତ ଶ୍ରୀକୃଷ୍ଣ ଙ୍କ ପୂଜାର୍ଚ୍ଚନା କରିଥିଲେ ।ଏହି ଅବସରରେ ବିଦ୍ୟାଳୟ ର ସଂପାଦକ ଶ୍ରୀଯୁକ୍ତ ଅନିଲ କୁମାର ରାଉତ,ଉପ ସଭାପତି ବୈଶାଖୁ କେତକୀ, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ମୁଣ୍ଡ ପରିଚାଳନା ସମିତି ର ସଦସ୍ୟା ଶ୍ରୀମତୀ ନମିତା ମଲ୍ଲିକ୍, ଶ୍ରୀମତୀ ସୁଷମା ସାହୁ ଓ ସମାଜ ସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇ ପୂଜାର୍ଚ୍ଚନା କରିଥିଲେ ଏବଂ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ବ୍ରହ୍ମା ପ୍ରସାଦ କାଣ୍ଡ ଅତିଥି ପରିଚୟ କରିବା ସହ ଶ୍ରୀକୃଷ୍ଣ ଙ୍କ ଜନ୍ମାଷ୍ଟମୀ ର ଉଦେଶ୍ୟ ଜ୍ଞାପନ କରିଥିଲେ । ବନ୍ଦନା କାର୍ଯ୍ୟକ୍ରମ ସାରି ବିଦ୍ୟାଳୟ ର ଅଧିକାଂଶ ଛାତ୍ରଛାତ୍ରୀ ଶ୍ରୀକୃଷ୍ଣ, ରାଧା, ଯଶୋଦା, ବଳରାମ,ଗୋପ ବାଳକ ଭଳି ବେଶ ଭୂଷା ରେ ସଜ୍ଜିତ ହୋଇ ଗୋଲାମୁଣ୍ଡା ନଗର ପରିକ୍ରମା କରିଥିଲେ । ବିଦ୍ୟାଳୟ ର ସଂଗୀତ ଗୁରୁଜୀ ଅଶ୍ୱିନୀ ମଲ୍ଲିକ୍ ମୃଦଙ୍ଗ ବଜାଇ ଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମା ଶ୍ରୀକୃଷ୍ଣ ଙ୍କ ଭଜନ କୀର୍ତ୍ତନ କରି ଗୋଲାମୁଣ୍ଡା ଶ୍ରୀ ଜଗନ୍ନାଥ ମନ୍ଦିର ଯାଏଁ ଶୋଭାଯାତ୍ରା ରେ ବାହାରି ଶ୍ରୀଜଗନ୍ନାଥ ଙ୍କୁ ପୂଜାର୍ଚ୍ଚନା କରିବା ସହ ସମସ୍ତେ ଦର୍ଶନ କରି ବିଦ୍ୟାଳୟ କୁ ଫେରିଥିଲେ । ଗୋଲାମୁଣ୍ଡା ନଗର ସୋଭାଯାତ୍ରା ରେ ଭଜନ କୀର୍ତ୍ତନ ଯୋଗୁଁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ବିଦ୍ୟାଳୟ ର ଅଭିଭାବକ ଅଭିଭାକା ଓ ସମସ୍ତ ଛାତ୍ରଛାତ୍ରୀ ଏବଂ ସମସ୍ତ ପରିଚାଳନା ସମିତି ର ସଦସ୍ୟ ଉପସ୍ଥିତି ରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି ।

## ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

ବୋରିଗୁମ୍ମା -ଆଜି ହେଉଛି ପବିତ୍ର ଜନ୍ମାଷ୍ଟମୀ ।ବୋରିଗୁମ୍ମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି ।ଆଜି ସକାଳୁ ସରସ୍ୱତୀ ଶିଶୁ ମନ୍ଦିରରେ ର ଛାତ୍ରଛାତ୍ରୀ ମାନେ କୃଷ୍ଣ ଓ ରାଧା ବେଶ ହୋଇ ଶିଶୁ ମନ୍ଦିର ଯାଇଥିଲେ ।ସେଠାରେ ପୂଜାର୍ଚ୍ଚନ ପରେ କୃଷ୍ଣ ବେଶଧାରୀ ଜଣେ ଛାତ୍ର ଦହି ହାଣ୍ଡି ଭାଙ୍ଗିଥିଲେ ।ଶିଶୁ ମନ୍ଦିର କୁନି କୁନି ପିଲାମାନେ କୃଷ୍ଣ ଓ ରାଧା ବେଶରେ ସଜାଇ ହୋଇଥିଲେ ।ଏହିଭଳି ମନୋରମ ମୁହୂର୍ତ୍ତ ବେଶ ଆକର୍ଷଣୀୟ ଥିଲା ।ଶିଶୁ ମନ୍ଦିର ର ପ୍ରଧାନ ଆଚାର୍ଯ୍ୟା ମମତା ମହାପାତ୍ର ଓ ଗୁରୁଜୀ ଗୁରୁମା ମାନେ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

## ୧୩୬ ଲିଟର ଦେଶୀ ମଦ ଜବତ ଅଟୋ ସହ ଦୁଇ ଗିରଫ

ବୋରିଗୁମ୍ମା --ବୋରିଗୁମ୍ମା ଅବକାରୀ ଥାନା ଅନ୍ତର୍ଗତ ଦୁଇଟି ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଡାଉ କରାଯାଇ ୧୩୬ ଲିଟର ଦେଶୀ ଚୋରା ମଦ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ ।ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ ଯେ ପାହାଡ଼ ଘେରରେ ଥିବା ବାନୁଆଗୁଡା ଗ୍ରାମର ଗୌରାଙ୍ଗ ମୁଦୁଲି ଏକ ଅଟୋ ଯୋଗ ୧୨୦ ଲିଟର ଦେଶୀ ମଦ ଚୋରା ଚାଲାଣ ସମୟରେ ଅବକାରୀ ବିଭାଗ ପକ୍ଷରୁ ଚଡାଉ କରାଯାଇଥିଲା ।ପରେ କାମରା ଗ୍ରାମର ଅନିରୁଦ୍ଧ ଗୌଡ଼ ଙ୍କ ଘରୁ ୧୬ ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରାଯାଇଛି ବୋଲି ବୋରିଗୁମ୍ମା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କେ.ତ୍ରିପତି ପଟନାୟକ ସୂଚନା ଦେଇଛନ୍ତି ।ଏନେଇ ଦୁଇ ଅଭିଯୁକ୍ତ ଗୋ ?ରାଙ୍ଗ ମୁଦୁଲି ଓ ଅନିରୁଦ୍ଧ ଗୌଡ଼ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି ।

## ଭାରତବର୍ଷର ମାଟି ତପୋବନ ସଦୃଶ: ମୁଖ୍ୟ ଅତିଥି

ମାହାଙ୍ଗା ୧୮/୦୮ ପବିତ୍ର ଜନ୍ମାଷ୍ଟମୀ ଅବସରରେ ଗୋପାଳପୁର ପଂଚାୟତର ଦୁଲାରପୁର ସ୍ଥିତ ଶ୍ରୀ ଶ୍ରୀ ସତ୍ୟନାରାୟଣ ମଣ୍ଡପ ପରିସରରେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଦୁଲାରପୁର ଗୋପାଳପୁର ଆନୁକୂଲ୍ୟରେ ଲୀଳା ପୁରୁଷ ଶ୍ରୀକୃଷ୍ଣ ଶୀର୍ଷକ ଆଲୋଚନା ଚକ୍ର ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆଧ୍ୟାତ୍ମିକ ଆଲୋଚନା ଚକ୍ରରେ ପଣ୍ଡିତ ହୃଷିକେଶ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତବର୍ଷର ମାଟି ତପୋବନ ସଦୃଶ ବୋଲି ମତଦେବା ସହ କୃଷ୍ଣ ଭକ୍ତିରେ ସମର୍ପିତ ହେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ପଣ୍ଡିତ ଶରତ ଚନ୍ଦ୍ର ରଥ, ସମ୍ମାନୀତ ଅତିଥି ଭାବେ ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ଉପସଭାପତି ଡଃ.ଏକାଦଶୀ ପ୍ରଧାନ, ବରିଷ୍ଠ ଉପଦେଷ୍ଟା ଶିକ୍ଷାବିତ ବ୍ରଜସୁନ୍ଦର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ମହାନ୍ତି, ଚଣ୍ଡି ଗବେଷକ ଜୟରାମ ସାହୁ,ଡାକ୍ତର ପ୍ରସନ୍ନ କୁମାର ନାଥଶର୍ମା,କବୟିତ୍ରୀ ପ୍ରତିଭା ଦାସ ଯୋଗଦେଇ ମାନବ ସମାଜକୁ ସୁଧାରିବା ପାଇଁ ପ୍ରତିଯୁଗରେ ପ୍ରଭୁ ଧରାବତରଣ କରନ୍ତି । ଶ୍ରୀକୃଷ୍ଣଙ୍କ ଜୀବନୀ ଏକ ବିରାଟ ସମୁଦ୍ର ସଦୃଶ । ଭକ୍ତି ରୂପକ ସୂର୍ଯ୍ୟ ଉଦୟ ହେଲେ ବିଷ୍ଣୁଙ୍କ ପାଦପଦ୍ମ ଫୁଟେ । ବର୍ତ୍ତମାନର ସମାଜ ଶ୍ରୀକୃଷ୍ଣଙ୍କ ଲୀଳା ସଂପର୍କରେ ଅଧିକରୁ ଅଧିକ ଜାଣିବା ପାଇଁ ଆଗ୍ରହ ପ୍ରକାଶ କଲେ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ । ପ୍ରାରମ୍ଭରେ ଶିକ୍ଷାବିତ୍ ସତ୍ୟାନନ୍ଦ ଦାଶ ବେଦପାଠ କରିଥିଲେ । କବି ନରେନ୍ଦ୍ର ପରିଡା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ସଂସଦର ସଂପାଦକ ଗୌତମ ଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ କବି ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ସାହୁ, ରାଜକିଶୋର ମିଶ୍ର, କୃଷ୍ଣ ଚନ୍ଦ୍ର ନାୟକ,କଳ୍ପତରୁ ଦାଶ,ଶ୍ରୀନିବାସ ସାହୁ,ବିଜୟ କୁଅଁର,ସଦାଶିବ ପଣ୍ଡା,ଅମୀୟ ମହାକୁଡ,ସୁକାନ୍ତ ନନ୍ଦ,ସୁଶମା ନାଥଶର୍ମା,ଦିଲ୍ଲିପ ଗ୍ରାହାଚାର୍ଯ୍ୟ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲା ବେଳେ ଏହି କାର୍ଯ୍ୟକ୍ରମରେ ତ୍ରିବିକ୍ରମ ନାଥ, ପ୍ରମୋଦ କୁମାର ନାୟକ,କଲ୍ଲୋଳ କୁମାର ମହାନ୍ତି,ମାନସ କୁମାର ପ୍ରଧାନ,ଘନଶ୍ୟାମ ପୃଷ୍ଟି,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରହରି ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ବଟକୃଷ୍ଣ ନାଥଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ବହୁ ଲେଖକ,କବି,ଶିକ୍ଷାବିତ୍ ଯୋଗଦେଇଥିଲେ ।

## ପୂର୍ବତନ ବିଧାୟକ ତଥା ମିଳିତ ମଞ୍ଚର ଆବାହକଙ୍କ ଧୋଇ ଅଞ୍ଚଳ ଗ୍ରସ୍ତ



କାକଟପୁର କାକଟପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ମିଳିତ ମଞ୍ଚର ଆବାହକ ଜନନାୟକ ସୁରେନ୍ଦ୍ର ସେଠୀ କାକଟପୁର ଓ ଅସ୍ତରଙ୍ଗ ବ୍ଲକର ସାମ୍ଭାବ୍ୟ ବଢି ଅଞ୍ଚଳ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଓ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଦିବାକର ଛାଟୋଇଙ୍କ ସହ ବୁଲି ପୀଡିତ ପରିବାରଙ୍କ ଅଭାବ ଅସୁବିଧା ପଚାରି ବୁଝିଥିଲେ । କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦେବୀ ନଦୀର ଉଭୟ ପାର୍ଶ୍ୱରେ ସାଧାରଣ ଲୋକଙ୍କ ସମସ୍ୟା ନିକଟରୁ ଦେଖି ପ୍ରତିକାର ପାଇଁ ଅଧ୍ୟକ୍ଷ ମାନେ ପ୍ରଶାସନ ଜରିଆରେ ତୁରନ୍ତ ସମାଧାନ କରିବାକୁ କହିଥିଲେ । ଦକ୍ଷିଣ ପାର୍ଶ୍ୱ ବନ୍ଧର୬/୭ଜାଗାରେ ସାମାନ୍ୟ ଝର ପଡିଥିବା ସ୍ଥଳେ କୌଣସି ଯାଗାରେ ଘଳିଆ ପଡିନଥିବାର ଦେଖି ଆସ୍ୱସ୍ଥ ହୋଇଥିଲେ ।ତାଙ୍କ ମତରେ ଯେହେତୁ ବନ୍ଧ ସୁଦୃଢ ଅଛି,ତେଣୁ ଝର ସୃଷ୍ଟି ହେବା ସ୍ୱାଭାବିକ । କିନ୍ତୁ କେତେକ ଗଣମାଧ୍ୟମ ସଂଯମତା ରକ୍ଷା ନକରି ଘଳିଆ ସୃଷ୍ଟିର ବହୁଳ ଭାବରେ ପ୍ରଚାର କରିବା ଫଳରେ ବଜାରରେ ଥିବା କେତେକ କଳା ବେପାରୀ ଅତ୍ୟାବଶ୍ୟକ ସାମଗ୍ରୀର କୃତ୍ରିମ ଅଭାବ ସୃଷ୍ଟି କରି ଚଢା ଦାମରେ ଜିନିଷ ବିକ୍ରି କରୁଥିବା ଅଭିଯୋଗ ଆସୁଛି,ତେଣୁ ଯୋଗାଣ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି । ବର୍ଷା ପାଣି ନଦୀ ମାଧ୍ୟମରେ ନିଷ୍କାସନ ନହେବାରୁ କେତେକ ଗ୍ରାମର ଗ୍ରାମବାସୀମାନେ ଜଳବନ୍ଦୀରେ ରହିଛନ୍ତି ସେମାନଙ୍କୁ ଶୁଖିଲା ଖାଦ୍ୟ ସହ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ସେ ସଂପୃକ୍ତ ବ୍ଲକ ପ୍ରଶାସନକୁ କହିବା ସହ ସେ ନିଜେ ନେଇଥିବା ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ।ଏହି ସମୟରେ ସ୍ୱାସ୍ଥ୍ୟ ବିଭାଗ ସଚେତନ ରହି ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରାଥମିକତା ଦେବା ଉଚିତ ବୋଲି କହି ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ ।

## ନିଲମ୍ବନ ଆଦେଶ ପ୍ରତ୍ୟାହୃତ

କାକଟପୁର କାକଟପୁର ବ୍ଲକ ବିଜେଡି ସଭାପତି ପ୍ରାଣନାଥ ମଲ୍ଲିକ ତା ୧୬/୮/୨୦୨୨ ରିଖ ଚିଠି ସଂଖ୍ୟା ୩୧ରେ କଂଟାପଡା ଗ୍ରାମପଞ୍ଚାୟତର ପୂର୍ବତନ ସରପଂଚ ଗଗନ ବିହାରୀ ଦାଶଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛନ୍ତି । ପ୍ରକାଶ ଥାଉକି ଶ୍ରୀ ଦାଶ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିରୋଧ କରି ଦଳ ବିରୋଧୀ କାର୍ଯ୍ୟ କରିଥିବା ଯୋଗୁଁ ତାଙ୍କୁ ଦଳ ସାମୟିକ ଭାବେ ନିଲମ୍ବିତ କରିଥିଲା । ବର୍ତ୍ତମାନ ଠାରୁ ସେ ଦଳୀୟ କର୍ମୀ ଭାବେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛତ୍ରପଡ଼ାରେ ଜନ୍ମାଷ୍ଟମୀ ପାଳିତ

ଯାଜପୁର, : ଦଶରଥପୁର ବ୍ଲକ ଅଧୀନସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପଡ଼ା ଠାରେ ଆଜି ପବିତ୍ର ଜନ୍ମାଷ୍ଟମୀ ମହୋତ୍ସବ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ମଧରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ନିତ୍ୟାନନ୍ଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କୃଷ୍ଣ ଓ ରାଧା ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଭାକ୍ତିକ ପରିବେଶରେ ନୃତ୍ୟ ଗୀତର ତାଳେ ତାଳେ ଏହି ଉତ୍ସବଟି ପାଳନ କରାଯିବା ସହ ଉପସ୍ଥିତ ଅଭିଭାବକ ତଥା ଦର୍ଶକ ମାନଙ୍କୁ ମନୋରଞ୍ଜନର ଖୋରାକ ମଧ ଯୋଗାଇଥିଲା ।ଗୁରୁଜୀ ନିରଞ୍ଜନ ସାହୁ,ଦେବୀପ୍ରସାଦ ସାହୁ,ରମେଶ ଚନ୍ଦ୍ର ସାହୁ,ସୁମନ କୁମାର ନାୟକ ଗୁରୁମା ନିରୂପମା ସାହୁ,ସୁଦୀପା ପଟ୍ଟନାୟକ, ନନ୍ଦିତା ସାହୁ,ଋତୁପର୍ଣ୍ଣା ସାହୁ ରୀମାରାଣୀ ସାହୁ,ଶିଶୁ ସହାୟିକା ପ୍ରୀତିଲତା ବେହୁରିଆ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ରହି ସହଯୋଗ କରିଥିଲେ ।ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇ ଆଶୀର୍ବାଦ କରାଯାଇଥିଲା ।

## ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ

ନବରଙ୍ଗପୁର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ୧୫ ଅଗଷ୍ଟ ସୋମବାର ଅପରାହ୍ନ ତିନିଟା ବେଳେ ଓଡ଼ିଶାର ପଚିଶି ଟି ଜିଲ୍ଲାର ୧୫୦ ଟି ସ୍ଥାନରେ ପ୍ରାୟ ୩ ହଜାର କବି ଓ କବୟିତ୍ରୀ ଙ୍କୁ ନେଇ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ସାରା ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଏକକାଳୀନ ପାଳିତ ହୋଇଥିଲା । ଆବାହକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ର ସଦସ୍ୟ ବଲ୍ଲଭ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନବରଙ୍ଗପୁର ଜିଲ୍ଲା ର ପାଞ୍ଚଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ର ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ସଭାପତି ଭାବେ ବିଜୟ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପ-ଆରକ୍ଷୀ ଅଧିକ୍ଷକ କବି ଚନ୍ଦ୍ର ଶେଖର ହୋତା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଆୟୋଜକ ଭାବେ ରାମ ପ୍ରସାଦ ପାତ୍ର, କାର୍ଯ୍ୟକ୍ରମର ସଂଯୋଜକ ଭାବେ ଅଧ୍ୟାପକ ଅଖିଳ ଭଟ୍ଟ ଓ କବିତା ପାଠର ସଂଯୋଜକ ଭାବେ ଆକାଶବାଣୀ ଉପସ୍ଥାପକ ସ୍ମୃତି ପଣ୍ଡା ଯୋଗଦେଇଥିଲେ । ୨୦ ଜଣ କବି ଓ କବୟିତ୍ରୀ ନିଜ ନିଜ କବିତା ପାଠ କରିଥିଲେ । କବୟିତ୍ରୀ ଜେମାମଣି ବିଷୋୟୀ ଧନ୍ୟବାଦ ପ୍ରଦାନ



କରିଥିଲେ । ନବରଙ୍ଗପୁର ର ସାଇ କେଆର୍ ଏଜୁକେଶନ ଶିକ୍ଷାନୁଷ୍ଠାନ ରେ ହୋଇଥିବା କାର୍ଯ୍ୟକ୍ରମ ରେ ଉଦଘାଟକ ଭାବେ ସମାଜସେବୀ ଜଗନ୍ନାଥ ମହାପାତ୍ର, ସମ୍ମାନିତ ଅତିଥି ଭାବେ କବି ନାରାୟଣ ପଣ୍ଡା, ଜଗଦୀଶ ଚନ୍ଦ୍ର ତ୍ରିପାଠୀ ଓ ପ୍ରେମଚାନ୍ଦ ପଟ୍ଟନାୟକ, ଆୟୋଜକ ଭାବେ ଦୁର୍ଗା ପ୍ରସାଦ ପାଢ଼ୀ, ସଂଯୋଜିକା ଭାବେ ଅଧ୍ୟାପିକା ସ୍ୱପ୍ନା ମହାନ୍ତି ଓ ସଂଯୋଜକ ଭାବେ ରତିକାନ୍ତ ଦୁବେ ଯୋଗ ଦେଇଥିଲେ । ଉମରକୋଟର ଫକୀର ମୋହନ ପାଠଶାଳା ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ କବି ଡଃ ସୁରେନ୍ଦ୍ର ନାଥ ଦାଶ, ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ କୁମାର ରାଉତ, ଟୁଟୁ ବାବୁ ପଟ୍ଟନାୟକ, କେଦାରେଶ୍ୱର ପଟ୍ଟନାୟକ, ସଂଯୋଜିକା ଭାବେ ପ୍ରଭାତୀ ଦେବନାଥ ଯୋଗଦେଇଥିଲେ । କବି ଏମ୍. ହିମାଂଶୁ ଆଚାରୀ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମର ପରାମର୍ଶଦାତା ଶ୍ରୀନିବାସ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । କୋଷାଗୁମୁଡା ଗ୍ରାମ ର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ପବିତ୍ର ହାଲଦାର, ସମ୍ମାନିତ ଅତିଥି ଭାବେ କବି ସହଦେବ ପରିଡ଼ା ଓ ରମେଶ ଚନ୍ଦ୍ର ପଟ୍ଟନାୟକ, ଆୟୋଜକ ଭାବେ ସନ୍ତୋଷ କୁମାର ସାହୁ, ସଂଯୋଜକ ଭାବେ ଶୁଭେନ୍ଦୁ କୁମାର ଦାସ ଯୋଗଦେଇଥିଲେ । ପ୍ରତ୍ୟେକ କାର୍ଯ୍ୟକ୍ରମ ରେ ଜିଲ୍ଲା ର ବିଭିନ୍ନ ଅଞ୍ଚଳ ର କବି ଓ କବୟିତ୍ରୀ ନିଜସ୍ୱ ରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ ।

## ବ୍ରହ୍ମଗିରି ରୁ ୧୦୫ଗ୍ରାମ ବ୍ରାଉନ ସୁଗାର ଜବତ , ଜଣେ ଗିରଫ

ପୁରୀ, -ପୁରୀ ଅବକାରୀ ଅଧିକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ସାତପଡ଼ା ଅବକାରୀ ଥାନା ଅଧିକାରୀ ବିନୋଦ ବାସ୍କେଙ୍କ ନେତୃତ୍ୱରେ ଏକ ଟିମ ବ୍ରହ୍ମଗିରି ଥାନା ଅଧୀନ ବିଜିପୁର ଛକରେ ଚଢ଼ାଉକରୀ ଜଣେ ଅସାମୀଙ୍କୁ ବେଆଇନ ଚୋରା ବ୍ରାଉନ ସୁଗାର ବିକ୍ରି କରିବା ଅଭିଯୋଗରେ ଗିରଫ କରିଛନ୍ତି ।ଅଭିଯୁକ୍ତ ଜନକ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ହରଚଣ୍ଡୀ ସାହି ର ସୁଦର୍ଶନ ବେହେରା, ବୟସ ୨୮ ।ତାଙ୍କ ପାଖରୁ ୧୦୫ ଗ୍ରାମ ବ୍ରାଉନ ସୁଗାର ଏବଂ ଗୋଟିଏମୋଟ୍ଟେ ଜବତ କରି ସାତପଡ଼ା ଅବକାରୀ ଥାନା କେସ ନଂ-୬୧/୨୨ ରେ କୋର୍ଟ ଚାଲାଣ କରା ଯାଇଛି ।ଜାମିନ ନାମଞ୍ଜୁର ହେବାରୁ ପୁରୀ କକ୍ଷରାଗରକୁ ପଠାଯାଇଛି । ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୧୦,୫୦,୦୦୦ ଦଶ ଲକ୍ଷ ପଚାଶ ହଜାର ଟଙ୍କାରୁ ଉର୍ଦ୍ଧ ହେବ ।ଏହି ଚଢ଼ାଉରେ ଏସ ଆଇ ରଙ୍କନିଧି ମଲ୍ଲିକ, ଷ୍ଟାଫ ସଂଜିପ ହସ୍ତୀ, ପ୍ରବୀନ ବିରାଜ କିରୋ, ଅଭିଜିତ ପ୍ରଧାନ, ଆଶିଷ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।

## ଉଦ୍ୟୋଗୀ ଓ କୌଶଳ ବିକାଶ ତାଲିମ୍ ଶିବିର

ମାଲକାନଗିରି, - ଭାରତ ସରକାର ସୂକ୍ଷ୍ମ ଲଘୁ ମାଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଓ ଗୁରପ୍ରିୟା ଉତ୍ପାଦକ ଗୋଷ୍ଠି ପୋଡଭଟା ମିଳିତ ଆନୁକୂଲ୍ୟରେ ପୋଡଭଟା ଗ୍ରାମରେ ଉଦ୍ୟୋଗୀ ଓ କୌଶଳ ବିକାଶ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ ଉକ୍ତ ତାଲିମ ଶିବିରରେ ଉଦ୍ୟୋଗୀ ବିକାଶ ଓ ମହିଳା ସଶକ୍ତିକରଣ ପାଇଁ ବାଣିଜ୍ୟ ବ୍ୟାପାର ସମ୍ବନ୍ଧିତ କୌଶଳ ତାଲିମ୍ ପ୍ରଦାନ କରିଥିଲେ । ଶିବିରରେ ଯୁବ ମହିଳା ମାନେ ଉଦ୍ୟୋଗୀ ତାଲିମ୍ ନେଇଥିଲେ ।ଏହା ବ୍ୟତିତ ଅମୃତ ମହୋତ୍ସବ ପାଳନ ଅବସରରେ ଏକ ରାଲି ଓ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ସମାରି ମୁଦୁଲି, ଲଳିତା ଗୋଲରୀ, ବାସନ୍ତୀ ଗାଡେଲ, ଗୁରୁବାରୀ ମୋତି ଭାରତର ୭୫ ବର୍ଷ ପୁର୍ତି ଅବସରରେ ତ୍ରିରଙ୍ଗା ପତାକାଧରି ବନ୍ଦେ ମାତାରାମ୍ ଧ୍ୱନି ଗାନ କରିଥିଲେ ।

# କମୁଛି ପାଣି, ବଢୁଛି ଦୁର୍ଦ୍ଦଶା; ଉପକୂଳବର୍ତ୍ତୀ ୬ଜିଲ୍ଲାରେ ଭୀଷଣ ପରିସ୍ଥିତି

## ଘାଇ ଦେଇ ଗାଁକୁ ଗାଁ ଡେଉଁଛି ବନ୍ୟା ଜଳ, ବୁଡ଼ିଲାଣି କେନ୍ଦ୍ରାପଡ଼ା, ପୁରୀ, ଜଗତସିଂହପୁର ତଳିଆ ଅଞ୍ଚଳ





ଭୁବନେଶ୍ୱର : ଲଗାଣ ବର୍ଷା କମିଛି। ଦୁଇ ଦିନ ହେଲା ପାଗ ମୁଖ୍ୟତଃ ଶୁଖିଲା। ମାତ୍ର ଉଚ୍ଛୁଳା ମହାନଦୀ ଏବେ ଉପକୂଳବାସୀଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ମହାନଦୀର ଶାଖା ନଦୀ ଓ ଉପ ନଦୀ କେଉଁଠି ବନ୍ଧ ଭାଙ୍ଗି ଗାଁକୁ ପାଣି ପଶୁଛି ତ ଆଉ କେଉଁଠି ଲେଉଟାଣି ପାଣି ଜନବସତିରେ ପ୍ରବେଶ କରି ଲୋକଙ୍କୁ ବେଘର କରିସାରିଲେଣି। ଏମିତି ଢଙ୍ଗରେ ୪୮ ଘଣ୍ଟା ହେଲା ମହାନଦୀର ବନ୍ୟାଜଳ କଟକ ସମେତ ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼ ଜିଲ୍ଲାବାସୀଙ୍କ ନିଦ ହଜାଇ ଦେଇଛି। ତଳିଆ ଅଞ୍ଚଳର ଗାଁ ଦାଣ୍ଡରେ ଏବେ ବର୍ଷା ପାଣି ଢେଉ ଖେଳୁଛି। ଯୁଆଡ଼େ ଚାହିଁଲେ କେବଳ ପାଣି ଆଉ ପାଣି। ଜମି ଓ ରାସ୍ତା ଏକାକାର ହୋଇଯାଇଛି। କିଛି ଅଞ୍ଚଳରେ ଲୋକେ ବନ୍ୟା ପାଇଁ ଛାତ ଉପରେ ଆଶ୍ରୟ ନେଉଛନ୍ତି। ଆଉ କେତେକ ସ୍ଥାନରେ ନଦୀ ବନ୍ଧରେ ତମ୍ବୁଟାଣି ଜୀବନ ବଞ୍ଚାଇବାକୁ ସଂଗ୍ରାମ କରୁଛନ୍ତି। ଓଡ୍ରାଫ୍, ଏନଡିଆରଏଫ୍ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଜଳବନ୍ଦି ଲୋକଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ମାତ୍ର ସବୁଠି ସଫଳତା ମିଳୁନି। ଏପଟେ ଜଳସଂପଦ ବିଭାଗ ଆଉ ତିନି ଚାରିଦିନ ନଦୀ ଫୁଲିକି ରହିବ ବୋଲି କହିଛନ୍ତି। ସେଣେ ଆଜିଠାରୁ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏଣୁ ନଦୀ ବନ୍ଧ ହେଉ କି ଛାତ ଉପରେ ରହୁଥିବା ଲୋକଙ୍କ ଦୁର୍ଦ୍ଦଶା ବହୁଗୁଣିତ ହେବ। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ରାତି ୧୨ଟା ସୁଦ୍ଧା ହୀରାକୁଦର ୪୦ଟି ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୫ ଲକ୍ଷ ୨୫ ହଜାର ୪୧୯ କ୍ୟୁସେକ୍? ଜଳ ପ୍ରବେଶ କରୁଛି ଏବଂ ୪୦ଟି ଗେଟ୍‌ରେ ୬ ଲକ୍ଷ ୭୭ ହଜାର ୮୯୧ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି। ଖଇରମାଳଠାରେ ୯ ଲକ୍ଷ ୧୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ମୁଣ୍ଡଳୀରେ ୧୦ ଲକ୍ଷ ୪୧ ହଜାର ୯୧୧ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ମାତ୍ର ବରମୂଳଠାରେ ୯ ଲକ୍ଷ ୪୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଏବେ ହୀରାକୁଦର ଜଳସ୍ତର ୬୨୫.୭୧ ଫୁଟ ରହିଛି। ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଛି। ରାଜ୍ୟ ସରକାର ପରିସ୍ଥିତିର ଗମ୍ଭୀରତା ଦେଖି ରାଜସ୍ୱ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କୁ ଜଗତସିଂହପୁର ଓ ଆଇଏଏସ୍ ଅଫିସର ଜି ରେଘୁଙ୍କୁ କେନ୍ଦ୍ରାପଡ଼ା ପଠାଇ ସ୍ଥିତି ଅନୁଧ୍ୟାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଜଗତସିଂହପୁର ଜିଲ୍ଲା ପାଇକା ନଦୀର କାଠକୋଟ ଗାଁ ନିକଟରେ ୫୦ ଫୁଟ୍‌ର ଘାଇ ସୃଷ୍ଟି ହୋଇଥିବାରୁ ଗାଁକୁ ପାଣି ପଶିଛି। ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କଟକ ଜିଲ୍ଲା ବାଙ୍କୀ ନିକଟ ସୁବର୍ଣ୍ଣପୁର ବନ୍ୟା ପାଣିରେ ଏବେ ଉବୁଟୁବୁ ହେଉଛି। ଲୋକଙ୍କ ଘର ଭିତରେ ଆଣ୍ଠୁଏ ଉଚ୍ଚର ପାଣି ଲହଡ଼ି ମାରୁଛି। ଘରର ଆସବାବପତ୍ର ପାଣିରେ ଭାସୁଛି। ଭୁବନେଶ୍ୱର ସହର ଆଜି ବନ୍ୟାଜଳରୁ ମୁକୁଳିପାରି ନାହିଁ। ଦୟା ନଦୀର ଜଳସ୍ତର ବଢ଼ିବା ପରେ ସହର ଭିତରକୁ ପଛୁଆ ପାଣି ମାଡ଼ି ଆସିଛି। ରାସ୍ତା ଉପରେ ଅଣ୍ଟାଏ ଉଚ୍ଚର ପାଣି ପ୍ରବାହିତ ହେଉଛି। ଉପାୟ ନପାଇ ଘର ଭିତରେ ଶହ ଶହ ଲୋକ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ତିନି ଦିନ ହେଲା ପାଣିରେ ରହିବା ପରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ବୋଟ୍ ସହାୟତାରେ ସେମାନଙ୍କୁ ଉଦ୍ଧାର କରୁଛନ୍ତି। ଆଜି ସାତ ଦିନର ଶିଶୁଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଛନ୍ତି। ପୁରୀ ଜିଲ୍ଲା କଣାସ ବ୍ଲକର ବାଲିପାଟଣା ଗାଁରେ ଲୋକଙ୍କ ଘରେ ପାଣି ପଶିଥିବାର ଦୃଶ୍ୟ ଆଜି ସାମ୍ନାକୁ ଆସିଛି। ଏବେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ରନ୍ଧା ଖାଦ୍ୟ ଓ ପ୍ୟାକେଟ ଖାଦ୍ୟ ବଣ୍ଟନ କରାଯାଉଛି। କୋଣାର୍କ ଗୋପ ଅଞ୍ଚଳରେ କୁଶଭଦ୍ରା ନଦୀ ବନ୍ଧରେ ୨୫ ଫୁଟର ଘାଇ ସୃଷ୍ଟି ହୋଇଥିବାରୁ ବନ୍ୟା ଜଳ ବିଭିନ୍ନ ଗାଁକୁ ପ୍ରବେଶ କରୁଛି। କିଛି ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଲାଣି। ୫୭ ନମ୍ବର ଜାତୀୟ ରାଜପଥ ଉପରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଜୀବନଯାତ୍ରା ପ୍ରବାହିତ ହୋଇଛି। ବାଘମାରୀ-ସାରୁଅ ନିକଟ ପୋଲ ଉପରେ ସାଢେ ଦୁଇ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ତେଣୁ ପ୍ରଶାସନ ବାଧ ହୋଇ ଉକ୍ତ ରାସ୍ତାରେ ଲୋକଙ୍କ ଯିବା ଆସିବା ଉପରେ କଟକଣା ଲଗାଇଛି। ମହାନଦୀର ପାଣି କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲ୍ଲାର ତଳିଆ ଅଞ୍ଚଳକୁ ବୁଡାଇ ଦେଇଛି। ଘରେ ପାଣି ପଶି ଯାଇଥିବାରୁ ଲୋକେ ଏବେ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ପାଇକା ନଦୀର ବନ୍ୟା ପାଣି ତିଖିରି ଗାଁରେ ପ୍ରବେଶ କରିଛି। ଜିଲ୍ଲାର ନାନକାରା ମେଡିକାଲରେ ପାଣି ପଶିଛି। ହସ୍ପିଟାଲର ତଳ ମହଲରେ ବନ୍ୟାପାଣି ପଶିବାରୁ ଉପର ମହଲାକୁ ରୋଗୀଙ୍କୁ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯାଇଥିବା ସୂଚନା ମିଳିଛି। ବୈତରଣୀ ନଦୀର ଶାଖା କାଣୀ ନଦୀରେ ୧୫୦ଫୁଟର ଘାଇ ସୃଷ୍ଟି ହେବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ହଜାର ହଜାର ହେକ୍ଟର ଚାଷ ଜମି ଜଳାର୍ଣ୍ଣବ ହୋଇ ରହିଛି। ପ୍ରଶାସନ ପକ୍ଷରୁ ଜଳବନ୍ଦିର ସାମ୍ନା କରିଥିବା ଲୋକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ବନ୍ୟା ଆଶ୍ରୟ ସ୍ଥଳୀ, ସ୍କୁଲରେ ରଖାଯାଇ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯାଉଛି। ବନ୍ୟା ପରିସ୍ଥିତି ପାଇଁ ପୁରୀ ଜିଲ୍ଲାରେ ଦୁଇ ଦିନ ଅର୍ଥାତ୍ ବୁଧବାର ଓ ଗୁରୁବାର ସ୍କୁଲ ଛୁଟି ଘୋଷଣା ହୋଇଛି। ଉଭୟ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ମହାନଦୀରେ ବନ୍ୟାଜଳ ସାମାନ୍ୟ କମିଛି। ହେଲେ ବିପଦ ଟଳି ନାହିଁ। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର କହିଛନ୍ତି ଯେ ଆଗାମୀ ୨୪ ଘଣ୍ଟା ରାଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ମୁଣ୍ଡୁଳିରେ ମହାନଦୀର ଜଳସ୍ତର କମିଥିବା ବେଳେ ହୀରାକୁଦରୁ ଛଡାଯାଇଥିବା ପାଣି ଖଇରମାଳରେ ପହଞ୍ଚିଛି। ଆସନ୍ତାକାଲି ସକାଳେ ଅର୍ଥାତ୍ ଗୁରୁବାର ଏହା ମୁଣ୍ଡଳୀରେ ପହଁଚିବ। ହୀରାକୁଦ ଡ୍ୟାମରୁ ଛଡା ଯାଇଥିବା ବନ୍ୟାଜଳ ମୁଣ୍ଡଳୀ ଅତିକ୍ରମ କଲାବେଳକୁ ୧୦ ଲକ୍ଷ କ୍ୟୁସେକ ହେବ। ଗତକାଲି ସେଠାରେ ୧୨ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଥିବାବେଳେ ଆଜି ତାହା କମିଛି। ହୀରାକୁଦରେ ଅଧିକ ଗେଟ୍ ଖୋଲିବା ନେଇ କୌଣସି ନିଷ୍ପତ୍ତି ହୋଇ ନାହିଁ। ଏବେ ୪୦ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ବନ୍ୟାର ସ୍ଥିତି ତିନି ଦିନ ଲାଗି ରହିବ। ୫୦ଟି ଘଳିଆ ମରାମତି କରାଯାଇଛି। ୫ଟି ଘାଇ ହେଇଛି। ବର୍ତ୍ତମାନ ପାଣି ସ୍ରୋତ ଅଧିକ ଥିବାରୁ ଘାଇ ମରାମତି ହୋଇପାରୁନି। ପାଣି କମିଲେ ମରାମତି କରାଯିବ ବୋଲି ଜଳସଂପଦ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି।

# ଆରମ୍ଭ ହୋଇପାରୁନି 'ଅମ୍ଳାନ୍'

## ଆସିଲା ୧୨ହଜାରରୁ ଅଧିକ ହିମୋଗ୍ଲୋବିନ୍‌ମିଟର, ହିମୋଗ୍ଲୋବିନମିଟର କିଣାକୁ ନେଇ ଆସିଥିଲା ଦୁର୍ନୀତିର ଗନ୍ଧ

ଭୁବନେଶ୍ୱର, ୧୯/ ୦୮ ( ନି.ପ୍ର): ରାଜ୍ୟରେ ରକ୍ତହୀନତା ଦୂର ପାଇଁ ସରକାର 'ଅମ୍ଳାନ୍' କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି। ଏ ନେଇ ଦୁଇ ଦୁଇ ଥର ଉଚ୍ଚସ୍ତରୀୟ ବୈଠକ ବସିସାରିଛି। ରୋଗୀଙ୍କୁ ଚିହ୍ନଟ ପାଇଁ ହିମୋଗ୍ଲୋବିନ୍‌ମିଟର କିଣାଯାଇଛି। ହେଲେ କାର୍ଯ୍ୟକ୍ରମ କେବେ ଆରମ୍ଭ ହେବ, ନିଷ୍ପତ୍ତି ହୋଇପାରୁନି। ଦେଶ ତଥା ରାଜ୍ୟରେ ୧୯୭୦ ମସିହାରୁ ରକ୍ତହୀନତା କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି କାର୍ଯ୍ୟକ୍ରମ ଜରିଆରେ ମହିଳା ଓ ଶିଶୁମାନଙ୍କୁ ରକ୍ତହୀନତା ଦୂର ପାଇଁ ବଟିକା ଦିଆଯାଉଛି। ଅଥଚ କିଛିମାସ ତଳେ ପ୍ରକାଶ ପାଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ବା ଏନ୍‌ଏଏଚ୍‌ଏସ୍-୫ରେ ରାଜ୍ୟରେ ରକ୍ତହୀନତା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଥିବା ଜଣାପଡ଼ିଥିଲା। ୧୫-୪୯ବର୍ଷର



ମହିଳା ବର୍ଗରେ ୬୪.୩ ପ୍ରତିଶତ ଓ ୬୧.୮ ପ୍ରତିଶତ ଗର୍ଭବତୀ ମହିଳା ଏଥିରେ ଆକ୍ରାନ୍ତ ଥିବା କୁହାଯାଇଥିଲା। ଅନୁଗୁଳରେ ସର୍ବାଧିକ ୭୫.୮ ଓ କନ୍ଧମାଳରେ ସର୍ବନିମ୍ନ ୪୮.୮ ମହିଳା ଏଥିରେ ଅଛନ୍ତି। ତେଣୁ ରକ୍ତହୀନତାକୁ ହ୍ରାସ କରିବା ଲାଗି ରାଜ୍ୟ ସରକାର ଆକ୍ସିଲିରେଟେଡ୍ ରିଡକ୍ସନ୍ ଅଫ ଏନିମିଆ ଇନ୍ ଓଡ଼ିଶା ବା ଅମ୍ଳାନ୍ କାର୍ଯ୍ୟକ୍ରମ ଆରମ୍ଭ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ଗତ ଫେବ୍ରୁଆରି ମାସରେ ଏହାର ପ୍ରଥମ ବୈଠକ ବସିଥିଲା। ପରବର୍ତ୍ତୀ ସମୟରେ ମଧ୍ୟ ଏହାର ଦ୍ୱିତୀୟ ବୈଠକ ମଧ୍ୟ ହୋଇଥିଲା। ତେଣୁ ଖୁବଶୀଘ୍ର ରାଜ୍ୟ ସରକାର ଏହି ଯୋଜନାକୁ ଆରମ୍ଭ କରିବେ ବୋଲି ଆଶା କରାଯାଉଥିଲା। ହେଲେ ବର୍ତ୍ତମାନସୁଦ୍ଧା ଏ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ତେଣୁ ପ୍ରକୃତରେ ଯୋଜନା କାର୍ଯ୍ୟକାରୀ ହେବ ନା ପୂର୍ବଭଳି ଘୋଷଣାରେ ରହିଯିବ ତାହାକୁ ନେଇ ଦ୍ୱନ୍ଦ୍ୱ ଦେଖା ଦେଇଛି। ପୂର୍ବରୁ ହୋଇଥିବା ବୈଠକରେ ସ୍କୁଲ ପାଠ୍ୟକ୍ରମରେ ନ୍ୟୁଟ୍ରେସନ୍ ଜନିତ ଶିକ୍ଷା ଓ ରକ୍ତହୀନତାର ବିଭିନ୍ନ ଦିଗକୁ ସାମିଲ କରିବା ନେଇ ଆଲୋଚନା ହୋଇଥିଲା। ଏହାସହ ଉଦ୍ୟାନ କୃଷି, ମହିଳା ଓ ଶିଶୁ ବିକାଶ ଓ ଏସ୍‌ସି ଓ ଏସ୍‌ଟି ବିଭାଗର ମିଳିତ ଉଦ୍ୟମରେ ନ୍ୟୁଟ୍ରି ଗାର୍ଡେନ୍ ମଧ୍ୟ ପ୍ରତିଷ୍ଠା କରାଯିବ। ରକ୍ତହୀନତାର ଶିକାର ହୋଇଥିବା ପିଲାମାନେ ଆଇରନ୍-ଫଲିକ୍ ଏସିଡ ବା ଆଇଏଫ୍‌ଏର ସେବନ ଠିକ୍ ଭାବେ କରୁଛନ୍ତି କି ନାହିଁ ସ୍ପଷ୍ଟ କରିବା ଲାଗି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହାର ସୁପରଭାଇଜ୍ ଦାୟିତ୍ୱ ଦିଆଯିବ। ରକ୍ତହୀନତାର ଶିକାର ଲୋକମାନଙ୍କୁ ଚିହ୍ନଟ କରିବା ସରକାରଙ୍କ ପ୍ରମୁଖତାରେ ରହିଛି। ଏଥିପାଇଁ ରାଜ୍ୟରେ ୧୨,୯୩୬ଟି ଡିଜିଟାଲ ହିମୋଗ୍ଲୋବିନମିଟର ଅଣାଯାଇଛି। ଏଏନ୍‌ଏମ୍, ମହିଳା/ପୁରୁଷ ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ଯାଇ ଏଥିରେ ଆକ୍ରାନ୍ତଙ୍କୁ ଚିହ୍ନଟ କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ, ଅମ୍ଳାନ୍ କାର୍ଯ୍ୟକ୍ରମ ପାଇଁ ଦୁଇ ଦୁଇ ଥର ବୈଠକ ଅନୁଷ୍ଠିତ ହୋଇଛି। ରକ୍ତହୀନତା ରୋଗୀଙ୍କୁ ଚିହ୍ନଟ କରିବା ଲାଗି ନିକଟରେ ୧୨ହଜାରରୁ ଅଧିକ ହିମୋଗ୍ଲୋବିନମିଟର ଆସିଛି। ଏହାକୁ ଜିଲ୍ଲାମାନଙ୍କୁ ପ୍ରଦାନ କରାଯାଇଛି। ତେବେ କାର୍ଯ୍ୟକ୍ରମର କେବେ ଶୁଭାରମ୍ଭ ହେବ ତାହା ନେଇ ବିଭାଗ ପକ୍ଷରୁ କୌଣସି ନିଷ୍ପତ୍ତି ହୋଇନାହିଁ। ବିଭାଗରୁ ନିର୍ଦ୍ଦେଶ ଆସିବା ପରେ କାର୍ଯ୍ୟକ୍ରମକୁ ଆରମ୍ଭ କରାଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

# ଅଭାବନୀୟ ଦୃଶ୍ୟ; ବଞ୍ଚିଛି ଛୁଆଅଛୁଆଁ ଭେଦଭାବ, ମରିଗଲା ମଣିଷପଣିଆ

ଜୟପୁର,୧୯/ ୦୮ ( ନି.ପ୍ର): ପୁଅ କର୍ମର ଫଳ ଭୋଗିଲା ମା'ର ମୃତଦେହ। ପୁଅ ୬ ମାସ ତଳେ କରି ଦେଇଥିବା କାମ ପାଇଁ ମା'ର ଶବକୁ ଛୁଇଁଲେନି ଗ୍ରାମବାସୀ। ଭୁଲିଗଲେ ମାନବିକତା। ୬ ମାସ ତଳେ ପୁଅ ଅନ୍ୟ ଜାତି ଘରେ ଖାଇଦେଇଥିବାରୁ ମା' ମୃତଦେହକୁ ମିଳିଲାନି ୪ କାନ୍ଧ । ଫଳରେ ରାସ୍ତାରେ ଘୋଷାରି ଘୋଷାରି ମା' ମୃତଦେହକୁ ଶ୍ମଶାନକୁ ନେଇ ସତ୍କାର କରିଛନ୍ତି ପୁଅବୋହୂ । ଏପରି ହୃଦୟ ବିଦାରକ ଓ ଅମାନବୀୟ ଘଟଣା କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ବୈରାଗିମଠ ଗ୍ରାମରେ ଘଟିଛି। ମୃତା ମହିଳା ହେଲେ ମୁକ୍ତା ପରଜା । ଶେଷରେ ଛୁଆଁଅଛୁଆଁ ଭେଦଭାବ ଆଗରେ ଫିକା ପଡ଼ିଗଲା ମଣିଷପଣିଆ। ପ୍ରାୟ ୬ମାସ ପୂର୍ବେ ମୁକ୍ତାଙ୍କ ପୁଅ ମଙ୍ଗଳା ପରଜା ଅନ୍ୟ ଜାତି ଘରେ ଖାଇଥିଲେ । ସେବେଠୁ ଗ୍ରାମବାସୀ ମଙ୍ଗଳାଙ୍କ ପରିବାରକୁ ଏକ ଘରକିଆ କରି ଦେଇଥିଲେ। ମୁକ୍ତାଙ୍କ ପରିବାର ସହ କେହି ମିଶୁ ନ ଥିବା ବେଳେ ଭୋଜି ଭାତରେ ବି ସାମିଲ



କରୁ ନଥିଲେ । ଇତି ମଧ୍ୟରେ ବାର୍ଦ୍ଧକ୍ୟଜନିତ କାରଣରୁ ଆଖି ବୁଜିଲେ ମୁକ୍ତା । ବୃଦ୍ଧାଜଣକ ମରିବା ପରେ ବି ଗାଁ ଲୋକଙ୍କ ରାଗ ଶାନ୍ତ ହୋଇ ନ ଥିଲା। ମଙ୍ଗଳା ବହୁ କାକୁତିମିନତି ହେବା ସତ୍ତ୍ୱେ ତାଙ୍କ ମା'ଙ୍କ ଶବକୁ ୪ କାନ୍ଧ ଦେବାକୁ କେହି ଆଗେଇ ଆସିଲେନି। ଶେଷରେ ବାଧ ହୋଇ କୋକେଇରେ ମା' ମୃତଦେହକୁ ବାନ୍ଧି ତାକୁ ରାସ୍ତାରେ ଟାଣି ଟାଣି ନେଲେ ମଙ୍ଗଳା। ସମସ୍ତେ ଦେଖଣାହାରୀ ସାଜିଥିଲେ ବି କେହି ଆହା ପଦେ କହିବାକୁ ଆଗେଇ ଆସିଲେନି । ସ୍ୱାମୀଙ୍କର ଏପରି ଅସହାୟତାକୁ ବରଦାସ୍ତ କରି ନ ପାରି ବୋହୂ କୁନି ତାଙ୍କ ସହ ମିଶି କୋକେଇ ଧରିଥିଲେ। ମାତ୍ର ସେ କୋକେଇ ଭାର ସମ୍ଭାଳି ପାରିଲେନି। ରାସ୍ତାରେ ବାରମ୍ବାର କୋକେଇ ପଡ଼ି ଯାଉଥିବା ବେଳେ ଶେଷରେ ତାହାକୁ ଘୋଷାରି ଘୋଷାରି ଶଶ୍ମାନକୁ ନେଇଥିଲେ ମଙ୍ଗଳା। ଆଉ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ । ଆଜି ବି ସମାଜରେ ଛୁଆଁଅଛୁଆଁ ଭେଦଭାବ ତିଷ୍ଠି ରହିଥିବା ବେଳେ ତାହାର କରୁଣ ପରିଣତିକୁ ସହଜେ ଗ୍ରହଣ କରିପାରି ନାହାନ୍ତି ବୁଦ୍ଧିଜୀବୀ।

# ଲଘୁଚାପ ଜନିତ ଲଗାଣ ବର୍ଷା ଓ ବନ୍ୟାରେ ୭ଟି ବ୍ଲକ କ୍ଷତିଗ୍ରସ୍ତ, ଲକ୍ଷାଧିକ ଲୋକ ପ୍ରଭାବିତ

କେନ୍ଦ୍ରାପଡ଼ା, ୧୯ଅଗଷ୍ଟ (ହି.ସ.) – ଲଘୁଚାପ ଜନିତ ଲଗାଣ ବର୍ଷା ଓ ମହାନଦୀ ସିଷ୍ଟମରେ ବନ୍ୟାଜଳ ପ୍ରବାହିତ ହୋଇ ଜିଲ୍ଲାର ୭ଟି ବ୍ଲକ କ୍ଷତିଗ୍ରସ୍ତ ହୋଇଥିବା ସରକାରୀ ଭାବେ ଆକଳନ କରାଯାଇଛି । ଜିଲ୍ଲାର ମାର୍ଶାଘାଇ, ଗରଦପୁର, ଡେରାବିଶ, ମହାକାଳପଡା, ରାଜକନିକା, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡା ବ୍ଲକର ବ୍ୟାପକ ଅଂଚଳ ପାଣିରେ ବୁଡିରହି ଧାନ ଫସଲ ଓ ପରିବା ଫସଲ ସଂପୂର୍ଣ୍ଣ ଭାବେ ନଷ୍ଟହୋଇ ଯାଇଛି । ଏହା ସହ ପାଣି ଘେରରେ ଥିବା ଲୋକମାନଙ୍କ ଦୈନନ୍ଦିନ ଜୀବନଯାତ୍ରା ଅକଥନୀୟ ଦୁର୍ଦ୍ଦଶାରେ ପରିଣତ ହୋଇଯାଇଛି । ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା, ପାଇକା ଆଦି ନଦୀଗୁଡିକର ପାର୍ଶ୍ୱବର୍ତ୍ତୀ ଅଂଚଳ ତଥା ୪୩ଟି ଗ୍ରାମ ପଚାୟତର ୯୩ଟି ଗାଁ ଜଳ ପ୍ଲାବିତ ହେବା ଫଳରେ ୯୨ ହଜାର ୮୨୨ ଜଣ ବ୍ୟକ୍ତି ବନ୍ୟା ପ୍ରଭାବିତ ହୋଇଥିବା ସରକାରୀ ଭାବେ ପ୍ରକାଶ ପାଇଛି । କେତେକ ଅଂଚଳରେ ରାସ୍ତାଘାଟ ସଂପୂର୍ଣ୍ଣ ବୁଡିଯାଇ ଯୋଗାଯୋଗ ବନ୍ଦ ହୋଇଥିବା ବେଳେ ଏହି ଗାଁ ଗୁଡିକ ବାହ୍ୟ ଜଗତରୁ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋପଡିଛି । କେତେକ ଅଂଚଳରେ ଘର ଭିତରେ ପାଣି ପଶି ଜନ ସାଧାରଣଙ୍କ ଦୈନନ୍ଦିନ ଜୀବନଯାତ୍ରା ବ୍ୟାହତ କରିଥିବା ବେଳେ ଗଛିତ ଖାଦ୍ୟ ପଦାର୍ଥ ନଷ୍ଟହୋଇ ଯାଇଥିବା ସୂଚନା ମିଳିଛି । ବନ୍ୟାଜଳ ପ୍ରଭାବରେ ୨୧ ହଜାର ୮୮୨ ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଗାଈ ଗୋରୁ, ମଇଁଷି ପ୍ରଭୃତି ବଡ ପଶୁ ୧୫ହଜାର ୨୬୪ ଓ ଛୋଟ ପଶୁ ୬ ହଜାର ୬୧୮ଟି ପ୍ରଭାବିତ ହୋଇଥିବା ବେଳେ ପ୍ରାୟ ୨୫୦ କୁକୁଡା କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି ।

### ଥମସ୍ ଅପ୍ ସହଯୋଗରେ ସ୍ୱାଧୀନତା ଦିବସ ଅବସରରେ ପୁରୀ ବେଳାଭୂମିରେ ଅନନ୍ୟ ବାଲୁକା କଳାର ଉଦ୍‌ଘାଟନ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ସମ୍ପନ୍ନ

# ସ୍ୱାଧୀନତାର ୭୫ ବର୍ଷ ପୂରଣ ଅବସରରେ ବ୍ରାଣ୍ଡର ହର ହାଥ୍ ତୋଫାନ ଅଭିଯାନ

ଭୁବନେଶ୍ୱର, ୧୯ ଅଗଷ୍ଟ ୨୦୨୨: କୋକାକୋଲା ଇଣ୍ଡିଆର ଫାଷ୍ଟ ବିଲିୟନ ଡଲାରର ହୋମଗ୍ରୋନ୍ ବ୍ରାଣ୍ଡ ଥମସ ଅପ, ଭାରତର ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ବ୍ରାଣ୍ଡର ହରହାଥ ତୋଫାନା ଅଭିଯାନର ଏକ ଅଂଶ ଭାବରେ ଓଡିଶାର ବାଲୁକା କଳା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସହ ମିଳିତ ହୋଇଛି। ୧୫ ଅଗଷ୍ଟ ୨୦୨୨ ରେ, ଥମସ ଅପ ଓଡିଶାର ପୁରୀ ବେଳାଭୂମିରେ ଏକ ନିଆରା ବାଲୁକା କଳାର ଉଦ୍‌ଘାଟନ କରିଛି। ଏହା ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ସୁଦର୍ଶନ ପଟ୍ଟନାୟକ ଓଡ଼ିଶାର ପୁରୀର ଜଣେ ପ୍ରସିଦ୍ଧ ବାଲୁକା କଳା ଶିଳ୍ପୀ। ୨୦୧୪ ରେ, ଭାରତ ସରକାର ତାଙ୍କୁ ସମୁଦ୍ର ବେଳାଭୂମି ବାଲୁକା କଳା ପାଇଁ ଭାରତର ଚତୁର୍ଥ ସର୍ବୋତମ ନାଗରିକ ପୁରସ୍କାର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। ଏହି ଅବସରରେ କୋକାକୋଲା ଇଣ୍ଡିଆ ଏବଂ ଦକ୍ଷିଣ-ପଶ୍ଚିମ ଏସିଆର ସ୍ପାର୍କଲିଙ୍ଗ ଫ୍ଲେଭର୍ସ କ୍ୟାଯାଗୋରୀର ବରିଷ୍ଠ ନିର୍ଦ୍ଦେଶକ, ତିଶ୍ କୋଣ୍ଡେନୋ କହିଲେ, ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ବାଲୁକା କଳା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ହରହାଥ ତୋଫାନ ପାଇଁ ପ୍ରସ୍ତୁତ ବାଲୁକା କଳା ଯୋଗୁ ଆମେ ବେଶ୍ ଉତ୍ସାହିତ। ଏହି ବାଲୁକା କଳା




ଆମର ଅଭିଯାନ ମେସେଜିଂ ସହିତ ବର୍ଷ ବର୍ଷ ଧରି ନିଜ ହାତରେ ଭାରତ ନିର୍ମାଣ କରିଥିବା ଅନେକ ପ୍ରେରଣାଦାୟକ ଭାରତୀୟଙ୍କୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ହର ହାଥ୍ ତୋଫାନ ଅଭିଯାନ ପ୍ରେରଣାଦାୟକ ଲୋକଙ୍କୁ ଏକ ଉତ୍ସାହ ପ୍ରଦାନ କରୁଛି, ଯେଉଁମାନଙ୍କର ହାତ ବର୍ଷ ବର୍ଷ ଧରି ଭାରତ ନିର୍ମାଣ କରିଛି। ସେମାନେ ଆମ ଦେଶର ଗୌରବର ପ୍ରକୃତ ଆଲୋକ ଧାରା। ଏହି ଅଭିଯାନ ମାଧ୍ୟମରେ, ବ୍ରାଣ୍ଡ ପକ୍ଷରୁ ଦେଶର ସମସ୍ତ ଅସୁବିଧାକୁ ଦୂର କରିପାରିଥିବା ସେମାନଙ୍କର ସାହସ, ଦୃଢ଼ତା ଏବଂ ଦୀର୍ଘ ସ୍ଥାୟୀ ଶକ୍ତି ସମ୍ପର୍କରେ ସଭିଙ୍କୁ ଅବଗତ କରାଇ ପାରିଛି। ଏକ ବୁଦ୍ଧିମନ୍ତକାରୀ ବାର୍ତ୍ତା ଏବଂ ସୃଜନାତ୍ମକ ଭିଜୁଆଲାଇଜେଶନ ସହିତ, ଥମସ ଅପର ନୂତନ ଅଭିଯାନ ଦର୍ଶକଙ୍କୁ ପ୍ରେରଣା ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ପାରିଛି। ଏହି ଅବସରରେ ବାଲୁକା କଳା ଶିଳ୍ପୀ ତଥା ପଦ୍ମଶ୍ରୀ ସମ୍ମାନ ପ୍ରାପ୍ତ ସୁଦର୍ଶନ ପଟ୍ଟନାୟକ କହିଲେ, ସ୍ୱାଧୀନ ଭାରତର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଥମସ ଅପର ହରହାଥ ତୋଫାନ ଅଭିଯାନରେ ମୁଁ ଅଂଶ ବିଶେଷ ହୋଇଥିବାରୁ ବେଶ୍ ଗର୍ବିତ। ପୁରୀ ବେଳାଭୂମିରେ ଆମେ ସୃଷ୍ଟି କରିଥିବା ବାଲୁକା କଳା ମାଧ୍ୟମରେ ଏହି ସୁନ୍ଦର ଦେଶପ୍ରେମ ଅଭିଯାନ ପଛରେ ଥିବା ଆଦର୍ଶକୁ ପ୍ରତିନିଧିତ୍ୱ କରି ମୁଁ ନିଜକୁ ଅତ୍ୟନ୍ତ ଗୌରବାନ୍ୱିତ ମନେ କରୁଛି। ସୁଦର୍ଶନ ପଟ୍ଟନାୟକ ଥମସ ଅପର ନୂତନ ଅଭିଯାନରେ ପ୍ରଦର୍ଶିତ ହିରୋଙ୍କ କାହାଣୀ ବାଲୁକା କଳାରେ ପ୍ରଦର୍ଶନ କରିଛନ୍ତି। ହରହାଥ ତୋଫାନ ଅଭିଯାନରେ ଭାରତୀୟ ଜାତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ବର୍ତ୍ତମାନର ବିସିସିଆଇର ଅଧ୍ୟକ୍ଷ ସୌରଭ ଗାଙ୍ଗୁଲିଙ୍କ ପରି ଆଥଲେଟଙ୍କ ପ୍ରେରଣାଦାୟକ କାହାଣୀ ରହିଛି। ସେହିପରି ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରଥମ ଭାରତୀୟ ମହିଳା ଅବନୀ ଲେଖରା ଏବଂ ଭାରତୀୟ ବକ୍ସର ତଥା ଆଇବିଏ ମହିଳା ୱାର୍ଲ୍ଡ ବକ୍ସିଂ-୨୦୨୨ର ସ୍ୱର୍ଣ୍ଣ ପଦକ ବିଜେତା ନିଖତ ଜରିନଙ୍କ ଦେଶ ନିର୍ମାଣର କାହାଣୀ ମଧ୍ୟ ସ୍ଥାନିତ ହୋଇଛି। ବ୍ରାଣ୍ଡର ଏହି ନୂତନ ଅଭିଯାନ ଏହାର ପଲଟଦେ ଅଭିଯାନର ଏକ ଅଂଶବିଶେଷ। ଯାହା ଅଲିମ୍ପିକ ଏବଂ ପାରାଲିମ୍ପିକ ଗେମସ ଟୋକିଓ-୨୦୨୦ ସହିତ ଥମସ ଅପର ବିଶ୍ୱସ୍ତରୀୟ ସହଭାଗିତା ସମୟରେ ଗତ ବର୍ଷ ଶୁଭାରମ୍ଭ ହୋଇଥିଲା।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima,
All legal matters subject to Rayagada Jurisdiction only
ସମ୍ପାଦକ: ରାମଦାସ ଲିମା